୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00

୬ ମହମ୍ମଦ ଆଝାରୁଦ୍ଦିନଙ୍କୁ ଇଡି ନୋଟିସ୍



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
e-paper www.sambadkalika.in
ସମ୍ବାଦ କଳିକା
TM
The Sambad Kalika
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
● ବର୍ଷ–୩୧ ● ସଂଖ୍ୟା–୨୪୮ ● ୪ ଅକ୍ଟୋବର ୨୦୨୪, ଶୁକ୍ରବାର ● ଭୁବନେଶ୍ୱର ● Vol -31 ● Issue-248 ● 4th October 2024, Friday ● Bhubaneswar
Licensed to post without pre-payment of postage No- BN-60/22-24

## ଦିଲ୍ଲୀରେ ଆମ୍ବାସଡର୍ସ ମିଟ୍

# ଓଡ଼ିଶା ହେବ ଶିଳ୍ପ ହବ୍ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୩।୧୦**
**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାକୁ ଅଧିକ ପୁଞ୍ଜି ଆଣିବା ସହ ଆଗାମୀ ଦିନରେ ବିଦେଶୀ ପୁଞ୍ଜି ନିବେଶ ବଢାଇବା ଲକ୍ଷ୍ୟ ନେଇ ଦିଲ୍ଲୀ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ସେଠାରେ ଆମ୍ବାସଡର୍ସ ମିଟ୍ କରିଛନ୍ତି । ପ୍ରାୟ ୩୪ଟି ଦେଶର ରାଷ୍ଟ୍ରଦୂତଙ୍କ ସମେତ ୯ଟି ଆନ୍ତର୍ଜାତିକ ସଂଗଠନ ପ୍ରତିନିଧିମାନଙ୍କ ସହ ଏହି ବୈଠକରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ସଂକ୍ରାନ୍ତରେ ଆଲୋଚନା କରିଛନ୍ତି। ବୈଠକ ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କମିଶନର, ହାଇକମିଶନର ଓ ବରିଷ୍ଠ ଅଧିକାରୀଙ୍କ ସହିତ ସକରାତ୍ମକ ଆଲୋଚନା ହୋଇଛି।



**ଆସନ୍ତାବର୍ଷ ଜାନୁଆରୀ ୨୮ ଓ ୨୯ତାରିଖରେ 'ଉତ୍କର୍ଷ ଓଡ଼ିଶା-୨୦୨୫ କନକ୍ଲେଭ'**

ଓଡ଼ିଶାରେ ରହିଥିବା ଅନୁକୂଳ ଶିଳ୍ପ ବାତାବରଣ ଏବଂ ପୁଞ୍ଜିନିବେଶ ପାଇଁ ସମସ୍ତଙ୍କ ସହ ସକରାତ୍ମକ ଆଲୋଚନା ହୋଇଛି । ଏଥିରେ ଆନ୍ତର୍ଜାତିକ ସହଭାଗୀତା ଭିତ୍ତିରେ ଓଡ଼ିଶାରେ କିପରି ବିଦେଶୀ ପୁଞ୍ଜି ନିବେଶ ହୋଇ ପାରିବ, ସେ ବିଷୟରେ ଫଳପ୍ରଦ ଆଲୋଚନା ହୋଇଛି ବୋଲି ସେ କହିଛନ୍ତି ।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ୨୦୨୫ ଜାନୁଆରୀରେ ହେବାକୁ ଯାଉଥିବା ଉତ୍କର୍ଷ ଓଡ଼ିଶା କନକ୍ଲେଭ ଏକ ସର୍ବବୃହତ୍ତ ଶିଳ୍ପ ସମାବେଶ ହେବ ବୋଲି ଆଶା କରାଯାଉଛି। ଆଗାମୀ ଦିନରେ ସେମିକଣ୍ଡକ୍ଟର, ଆଇଟି, ଗ୍ରୀନ ଏନର୍ଜି, ପେଟ୍ରୋ କେମିକାଲସ, ଇଲେକ୍ଟ୍ରୋନିକସ, ଫୁଡ ପ୍ରୋସେସିଙ୍ଗ (ପୃଷ୍ଠା ୭ରେ)

## କେନ୍ଦ୍ର କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

# ରେଳ କର୍ମଚାରୀଙ୍କୁ ବୋନସ୍ : କୃଷକଙ୍କ ପାଇଁ ୧ ଲକ୍ଷ କୋଟି ଟଙ୍କାର ଯୋଜନା



**ନୂଆଦିଲ୍ଲୀ, ୩।୧୦**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ଯୋଜନାକୁ ଅନୁମୋଦନ ମିଳିଛି। ରେଳ କର୍ମଚାରୀଙ୍କୁ ବୋନସ ପ୍ରଦାନ ଏବଂ କୃଷକଙ୍କ ଆୟ ବୃଦ୍ଧି ପାଇଁ ଦୁଇଟି ବଡ ଯୋଜନାକୁ ଅନୁମୋଦନ ଦେବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ବୈଠକରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରି କେନ୍ଦ୍ର ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ବ୍ୟତୀତ କୃଷକଙ୍କ ସହ ଜଡିତ ଅନେକ ଯୋଜନାକୁ ଅନୁମୋଦନ କରାଯାଇଛି। ଏହା ବ୍ୟତୀତ ଚେନ୍ନାଇ ମେଟ୍ରୋ ଫେଜ୍ -୨ କୁ ମଧ୍ୟ କ୍ୟାବିନେଟ୍‌ରେ ଅନୁମୋଦନ କରାଯାଇଛି।

ସେହିପରି ରେଳ କର୍ମଚାରୀଙ୍କୁ ବୋନସ ପ୍ରଦାନ ପାଇଁ କ୍ୟାବିନେଟ ଅନୁମୋଦନ ଦେଇଛି। ରେଳବାଇର ଉତ୍କୃଷ୍ଟ କାର୍ଯ୍ୟଦକ୍ଷତାକୁ ସ୍ୱୀକୃତି ଦେଇ କ୍ୟାବିନେଟ ୧୧,୭୨,୨୪୦ ରେଳ କର୍ମଚାରୀଙ୍କୁ ୨୦୨୮.୫୭ କୋଟି ଟଙ୍କାର ୭୮ ଦିନର ବୋନସ ପ୍ରଦାନକୁ ଅନୁମୋଦନ କରିଛି। ଏହି ରାଶି ବିଭିନ୍ନ ବର୍ଗର ରେଳ କର୍ମଚାରୀଙ୍କୁ ଟ୍ରାକ୍ ମେଣ୍ଟେନର୍ସ, ଲୋକୋ ପାଇଲଟ୍, ଟ୍ରେନ୍ ମ୍ୟାନେଜର (ଗାର୍ଡ), ଷ୍ଟେସନ୍ ମାଷ୍ଟର, ସୁପରଭାଇଜର, ଟେକ୍ନିସିଆନ୍, ଟେକ୍ନିସିଆନ୍ ହେଲପର, ପଏଣ୍ଟମ୍ୟାନ୍, ମନ୍ତ୍ରୀ କର୍ମଚାରୀ ଏବଂ ଅନ୍ୟ ଗ୍ରୁପ୍ ଏକ୍ସସି କର୍ମଚାରୀଙ୍କୁ ପ୍ରଦାନ କରାଯିବ।

କେନ୍ଦ୍ର ମନ୍ତ୍ରୀ କହିଛନ୍ତି ଯେ କ୍ୟାବିନେଟ ବୈଠକରେ ନିଆଯାଇଥିବା ସବୁଠାରୁ ବଡ ନିଷ୍ପତ୍ତି କୃଷକଙ୍କ ଆୟ ବୃଦ୍ଧି ଏବଂ ମଧ୍ୟବିତ୍ତ ଲୋକଙ୍କୁ ଖାଦ୍ୟ ନିରାପତ୍ତା (ପୃଷ୍ଠା ୭ରେ)

## ଓଡ଼ିଶାରେ ଅଛନ୍ତି ୬୯୬ କଲରାପତରିଆ

**ଭୁବନେଶ୍ୱର, ୩।୧୦**
**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାରେ ଅଛନ୍ତି ମୋଟ ୬୯୬ କଲରାପତରିଆ। ରାଜ୍ୟର ପ୍ରଥମ କଲରାପତରିଆ ଗଣନା ରିପୋର୍ଟରୁ ଆସିଛି ଏହି ତଥ୍ୟ । ଚଳିତ ଥର ନିଜସ୍ୱ କଲରାପତରିଆ ଗଣନା କରିଛି ବନ ବିଭାଗ । ଏନ୍‌ଟିସିଏ ରିପୋର୍ଟ ଅନୁସାରେ ୨୦୨୨ରେ ଓଡ଼ିଶାର ବିଭିନ୍ନ ଜଙ୍ଗଲରେ ୫୬୮ଟି (ପୃଷ୍ଠା ୭ରେ)

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

## ୯ରେ ଦିଆଯିବ ସୁଭଦ୍ରାର ଦ୍ୱିତୀୟ ପର୍ଯ୍ୟାୟ ପ୍ରଥମ କିସ୍ତି

# ପ୍ରସ୍ତୁତି ନେଇ ଉନ୍ନୟନ କମିଶନରଙ୍କ ସମୀକ୍ଷା



**ଭୁବନେଶ୍ୱର, ୩।୧୦ : ନ୍ୟୁଜ୍ ବ୍ୟୁରୋ**

ମହିଳାମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରୁଥିବା ରାଜ୍ୟ ସରକାରଙ୍କ ପ୍ରମୁଖ ଜନକଲ୍ୟାଣକାରୀ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ଅର୍ଥରାଶି ପ୍ରଥମ ପର୍ଯ୍ୟାୟରେ ୨୫ଲକ୍ଷ ୨୯ହଜାର ୭୨୦ ହିତାଧିକାରୀଙ୍କୁ ସେମାନଙ୍କର ବ୍ୟାଙ୍କ ଆକାଉଣ୍ଟକୁ ପ୍ରେରଣ ପରେ ୨ୟ ପର୍ଯ୍ୟାୟରେ ଯୋଗ୍ୟ ହିତାଧିକାରୀଙ୍କୁ ଏହି ଅର୍ଥ ପ୍ରେରଣ ନିମନ୍ତେ ରାଜ୍ୟ ସରକାରଙ୍କ ପ୍ରସ୍ତୁତି ସଂପର୍କରେ ଏକ ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟଶାସନ ସଚିବ ଅନୁ ଗର୍ଗ ସ୍ଥିତି ସମୀକ୍ଷା କରିଛନ୍ତି।

ଗୁରୁବାର ଲୋକସେବାଭବନସ୍ଥିତ କାର୍ଯ୍ୟାଳୟରେ ଉନ୍ନୟନ କମିଶନର ଅନୁ ଗର୍ଗ , ରାଜ୍ୟ ସୂଚନା ଓ ଲୋକ ସଂପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ, ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ବିଭାଗର ନିର୍ଦ୍ଦେଶିକା ମୋନୀଷା ବାନାର୍ଜୀଙ୍କ ଉପସ୍ଥିତିରେ ୨ୟ ପର୍ଯ୍ୟାୟରେ ସୁଭଦ୍ରା ପ୍ରଥମ କିସ୍ତି ଅର୍ଥ ରାଶି ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପ୍ରେରଣ କରାଯିବା ସଂପର୍କରେ ବୈଷୟିକ ଟିମ ସହିତ (ପୃଷ୍ଠା ୭ରେ)

# ବୈବାହିକ ଦୁଷ୍କର୍ମ ଅପରାଧ ନୁହେଁ: କେନ୍ଦ୍ର ସରକାର

**ନୂଆଦିଲ୍ଲୀ, ୩।୧୦**

ବୈବାହିକ ଦୁଷ୍କର୍ମ(ବିବାହ ପରେ ସ୍ତୀର ଇଚ୍ଛା ବିରୋଧରେ ଶାରୀରିକ ସମ୍ପର୍କ ରଖିବା) ଅପରାଧ ନୁହେଁ । ଏହାକୁ ଅପରାଧ ଶ୍ରେଣୀରେ ସାମିଲ କରିବାର କୌଣସି ଆବଶ୍ୟକତା ନାହିଁ । ବୈବାହିକ ଦୁଷ୍କର୍ମ ସଂକ୍ରାନ୍ତ ଆବେଦନର ଶୁଣାଣି ବେଳେ ସୁପ୍ରିମକୋର୍ଟକୁ ଏଭଳି କିଛି କହିଛନ୍ତି କେନ୍ଦ୍ର ସରକାର।

କେନ୍ଦ୍ର ପକ୍ଷରୁ ଦାଖଲ କରାଯାଇଥିବା ସତ୍ୟପାଠରେ ବୈବାହିକ ଦୁଷ୍କର୍ମ ଅପରାଧ ବୋଲି ଘୋଷଣା କରିବାକୁ ଦାବି ହେଉଥିବା ଆବେଦନଗୁଡ଼ିକୁ ବିରୋଧ କରାଯାଇଛି। ବୈବାହିକ ଦୁଷ୍କର୍ମକୁ ଅପରାଧ ଘୋଷଣା କରିବାର କୌଣସି ଆବଶ୍ୟକତା ନାହିଁ । ଏହା ଏକ ଆଇନଗତ ପ୍ରସଙ୍ଗ ଅପେକ୍ଷା ଅଧିକ ସାମାଜିକ ପ୍ରସଙ୍ଗ । ଏହାର ସିଧାସଳଖ ପ୍ରଭାବ ସମାଜ ଉପରେ ପଡ଼ିବ। ଏଥିସହ ଏହା ପାଇଁ ବିକଳ୍ପ ଭାବରେ ଉପଯୁକ୍ତ ଦଣ୍ଡବିଧାନର ବ୍ୟବସ୍ଥା ରହିଛି ବୋଲି କହିଛନ୍ତି।

କେନ୍ଦ୍ରର କହିବା କଥା ଯେ ବୈବାହିକ ଦୁଷ୍କର୍ମ ଏମିତି ଏକ ପ୍ରସଙ୍ଗ ଯାହା ଉପରେ ନିଷ୍ପତ୍ତି ସମସ୍ତ ଅଂଶୀଦାର କିମ୍ବା ସବୁ (ପୃଷ୍ଠା ୭ରେ)

## ଏକାଳ ସକାଳ



ଦଳ ଗୋଟାପଣେ ଛାଟିପିଟି ହୁଏ
କନ୍ଦଳ ବାହାରେ ଫୁଟି
ଭୁବନେଶ୍ୱରରେ ରାମ୍ପୁଡା କାମୁଡା
ଦେଖି ଆଖିଯାଏ ଫାଟି
ଯାଜପୁରରେ ଜାମ୍ ତଣ୍ଟି
ସାରାରାଇଜରେ ଏମିତି ହୋଇକି
ନିଶ୍ଚେ ହେବେ ପିଟାପିଟି ।

## ଜରୁରୀ ନ ଥିଲେ ଇରାନ ଯାଅନି: ଭାରତ

**ନୂଆଦିଲ୍ଲୀ, ୩।୧୦**

କୌଣସି ଅଣଜରୁରୀ କାର୍ଯ୍ୟରେ ଇରାନ ଯାତ୍ରା ନ କରିବାକୁ ଭାରତୀୟମାନଙ୍କୁ ନୂଆଦିଲ୍ଲୀ ପରାମର୍ଶ ଦେଇଛି। ଇରାନର ଇସ୍ରାଏଲ ଆକ୍ରମଣ ପରିପ୍ରେକ୍ଷୀରେ ବର୍ହିବ୍ୟାପାର ମନ୍ତ୍ରଣାଳୟ ଏକ ବିବୃତି ଜାରି କରି କହିଛି ଯେ, ଇରାନରେ ବସବାସ କରୁଥିବା ସମସ୍ତ ଭାରତୀୟ ନାଗରିକ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି । ତେହରାନସ୍ଥିତ ଭାରତୀୟ ଦୂତାବାସ ସହ ଯୋଗସୂତ୍ରରେ ରହିବାକୁ କୁହାଯାଇଛି । ଭାରତ ସରକାର ସମ୍ପୂର୍ଣ୍ଣ ସ୍ଥିତି ଉପରେ ନଜର ରଖିଛନ୍ତି । ଅତି ଆବଶ୍ୟକ ନ ଥିଲେ କୌଣସି ଭାରତୀୟ ଇରାନକୁ ଯାଆନ୍ତୁ ନାହିଁ ବୋଲି ଉଲ୍ଲେଖ ଥିବା ବିବୃତିକୁ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୈସ୍ୱାଲ (ପୃଷ୍ଠା ୭ରେ)

## ୬୫ ଡେସିବେଲ ଶବ୍ଦ ତୀବ୍ରତା ଭିତରେ ରହିବ ଡିଜେ



**ଭୁବନେଶ୍ୱର, ୩।୧୦ : ନ୍ୟୁଜ୍ ବ୍ୟୁରୋ**

ପାର୍ବଣ ସମୟରେ ଡିଜେ ବଜାଇବାକୁ ଅନୁମତି ଦେଇଛନ୍ତି ହାଇକୋର୍ଟ। ତେବେ ୬୫ ଡେସିବେଲ ଭିତରେ ଡିଜେ ଶବ୍ଦ ରହିବ ବୋଲି ହାଇକୋର୍ଟ ପକ୍ଷରୁ କୁହାଯାଇଛି । କଟକ ସହ ସମ୍ପର୍କିତ ଏକ ଜନସ୍ୱାର୍ଥ ମାମଲାରେ ହାଇକୋର୍ଟ ପକ୍ଷରୁ ଦିଆଯାଇଥିବା ନିର୍ଦ୍ଦେଶରେ କୁହାଯାଇଛି ଯେ ପାର୍ବଣରେ ଡିଜେ ବଜାଇବାକୁ ଅନୁମତି ଦିଆଯିବ, କିନ୍ତୁ ଏହା ୬୫ ଡେସିବେଲ ଭିତରେ ରହିବ।

ରାସ୍ତାଘାଟ ମରାମତି ନେଇ ହାଇକୋର୍ଟ (ପୃଷ୍ଠା ୭ରେ)

# କେକ୍ ଖାଇଲେ ହୋଇପାରେ କ୍ୟାନ୍‌ସର



**ବେଙ୍ଗାଲୁରୁ, ୩।୧୦**

ବଜାରରେ ମିଳୁଥିବା ଭଳିକି ଭଳି କେକ୍ ଖାଇଲେ ହୋଇପାରେ କ୍ୟାନ୍ସର। ବିଶେଷ କରି ସ୍ଥାନୀୟ ବେକେରୀ ମାନଙ୍କରେ ପ୍ରସ୍ତୁତ କେକ୍‌ରେ ଏହି ବିପଦ ଅଧିକ ରହିଛି । ନିକଟରେ କର୍ଣ୍ଣାଟକର ଖାଦ୍ୟ ନିୟାମକ ଦ୍ୱାରା କେକ ନମୁନାରେ କର୍କଟ ସୃଷ୍ଟି କରୁଥିବା ଉପାଦାନ ସବୁ ମିଳିଛି । ଏହାପରେ ରାଜ୍ୟର ଖାଦ୍ୟ ନିରାପତ୍ତା ଏବଂ ଗୁଣବତ୍ତା ବିଭାଗ ସ୍ଥାନୀୟ ବେକେରୀମାନଙ୍କୁ କେକ ବିକ୍ରୟ ବିଷୟରେ ଚେତାବନୀ ଦେଇଛି । ଯେଉଁଥିରେ ଅଧିକ ପରିମାଣର କୃତ୍ରିମ ରଙ୍ଗ ବ୍ୟବହାର ଉପରେ କଟକଣା ଲଗାଇଛି।

ସ୍ୱାସ୍ଥ୍ୟ ଅଧିକାରୀମାନେ ଯାଞ୍ଚ କରିଥିବା ୨୩୫ଟି କେକ ନମୁନା ମଧ୍ୟରୁ ୨୨୩ଟି ବ୍ୟବହାର ପାଇଁ ନିରାପଦ ଥିବାବେଳେ ୧୨ଟି ନମୁନାରେ କର୍କଟ ସୃଷ୍ଟି କରୁଥିବା ଉପାଦାନ ରହିଥିଲା, ମୁଖ୍ୟତ କୃତ୍ରିମ ଆଲୁରା ରେଡ୍, ସେନସେଟ ୟେଲୋ ଏଫସିଏଫ୍, ପୋନ୍ସିଆଉ ୪ ଆର, ଟାର୍ଟ୍ରାଜାଇନ ଏବଂ କାର୍ମୋଇସିନ ଭଳି କୃତ୍ରିମ ରଙ୍ଗ ରହିଥିଲା। ଏହି ରଙ୍ଗଗୁଡ଼ିକ ନାଲି ଭେଲଭେଟ ଏବଂ ବ୍ଲାକ ଫରେଷ୍ଟ ପରି କେକ୍‌ରେ ମିଳିଥିଲା। ରାଜ୍ୟର ଖାଦ୍ୟ ନିରାପତ୍ତା ଏବଂ ଗୁଣବତ୍ତା ନିୟାମକ ଏକ ବିବୃତ୍ତିରେ କହିଛି ଯେ କୃତ୍ରିମ ରଙ୍ଗର ଅଧିକ ବ୍ୟବହାର କେବଳ କର୍କଟ ରୋଗର ଆଶଙ୍କା ବଢାଏ ନାହିଁ ବରଂ ମାନସିକ ଏବଂ ଶାରୀରିକ ସ୍ୱାସ୍ଥ୍ୟକୁ ମଧ୍ୟ କ୍ଷତି ପହଞ୍ଚାଇପାରେ। ଖାଦ୍ୟ ସୁରକ୍ଷା କମିଶନର ଶ୍ରୀନିବାସ କେ ମଧ୍ୟ ଦୋକାନୀମାନଙ୍କୁ ସେମାନଙ୍କ କେକ୍‌ରେ କ୍ଷତିକାରକ ରାସାୟନିକ ପଦାର୍ଥ ଏବଂ (ପୃଷ୍ଠା ୭ରେ)




30 YEARS

ସମ୍ବାଦ କଳିକା

ଭୁବନେଶ୍ୱର,୦୪ ଅକ୍ଟୋବର, ଶୁକ୍ରବାର, ୨୦୨୪





# ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ଓ ଶିକ୍ଷାର ବିକାଶ ହିଁ ସରକାରଙ୍କ ପ୍ରାଥମିକ ଲକ୍ଷ୍ୟ : ସାଂସଦ

**ମାଲକାନଗିରି, ନ୍ୟୁଜ୍‌ବ୍ୟୁରୋ**

ମାଲକାନଗିରି ଜିଲ୍ଲାର ସୀମାବର୍ତ୍ତୀ ପଡ଼ିଆ ବ୍ଲକରେ ନୂତନ ଭାବେ ନିର୍ମିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ ଉଦ୍‌ଘାଟନ କରିଛନ୍ତି । ଏଥିପାଇଁ ନୂତନ ମେଡିକାଲ କୋଠାକୁ ସୁସଜ୍ଜିତ କରାଯିବା ସହ ପଡ଼ିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ, କର୍ମଚାରୀ ଓ ଆଶା ଦିଦିଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ପ୍ରଥମେ ସାଂସଦ ଶ୍ରୀ ମାଝୀ ଓ ମାଲକାନଗିରି ବିଧାୟକ ନରସିଂହ ମାଡ୍‌କାମିଙ୍କୁ ମାଲକାନଗିରି ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଧନେଶ୍ୱର ପାତ୍ର, ପଡ଼ିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଭିମନ୍ୟୁ କବି ଶତପଥୀ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସିଦ୍ଧାର୍ଥ ଶଙ୍କର ଦାସ, ବିପିଏମ ମହାନନ୍ଦ ମିସ୍ତ୍ରୀ, ସ୍ଥାନୀୟ ଆଶା ଓ ଏଏନଏମ କର୍ମୀ ମାନଙ୍କ ପକ୍ଷରୁ ନୂତନ ମେଡିକାଲ ପରିସରରେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା । ଏହାପରେ ସାଂସଦ ଶ୍ରୀ ମାଝୀ ନୂତନ ମେଡିକାଲ କୋଠା ନିମନ୍ତେ ଫଳକ ଉନ୍ମୋଚନ କରିବା ସହ ଫିତା କାଟି ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଏହାପରେ ଅୟୋଜିତ ସଭାରେ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ଓ ଶିକ୍ଷାର ବିକାଶ ହିଁ ସରକାରଙ୍କ ପ୍ରାଥମିକ ଲକ୍ଷ୍ୟ ବୋଲି ସାଂସଦ ଶ୍ରୀ ମାଝୀ ନିଜ ଉଦ୍‌ବୋଧନରେ କହିଛନ୍ତି । ଅନ୍ୟପଟେ ସକାଳୁ ସାଂସଦ ଶ୍ରୀ ମାଝୀ ଓ ମାଲକାନଗିରି ବିଧାୟକ ପ୍ରଥମେ ପଡିଆ ସ୍ଥିତ ଆଞ୍ଚଳିକ ମହାବିଦ୍ୟାଳୟକୁ ଯାଇ ସେଠାରେ ଥିବା ସହିଦ ତାମା ଦୋରାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ କଲେଜ ପରିସରରେ ବୃକ୍ଷ ରୋପଣ କରିଥିଲେ । ଏହାପରେ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କ ସହ ଆଲୋଚନା କରି ସେମାନଙ୍କୁ ଆତ୍ମନିର୍ଭରଶୀଳ ତଥା ଦୃଢ଼ମନା ହେବାକୁ କହିଥିଲେ । ଏହାପରେ କଲେଜର ଅଧକ୍ଷ ପରମାନନ୍ଦ ମହାପାତ୍ର ସମେତ ଅନ୍ୟାନ୍ୟ ଜନ ପ୍ରତିନିଧିଙ୍କ ଉପସ୍ଥିତରେ କଲେଜର ଭିତ୍ତିଭୂମି ସମୀକ୍ଷା କରିବା ସହ ଆଗାମୀ ଦିନରେ ହଷ୍ଟେଲର ଉନ୍ନତିକରଣ ଦିଗରେ ଦୃଷ୍ଟି ଦିଆଯିବା ନେଇ ଆଶ୍ୱସନା ଦେଇଥିଲେ । ସାଂସଦଙ୍କ ଏହି ଗ୍ରସ୍ତ ବେଳେ ଅନ୍ୟମାନଙ୍କ ମଧ୍ୟରେ ମାଲକାନଗିରି ଜିଲ୍ଲା ବିଧାୟକଙ୍କ ପ୍ରତିନିଧି ନିହାର ରାୟ, ଜିଲ୍ଲା ବିଜେପି ସଭାପତି ନିମାଇଁ ଚନ୍ଦ୍ର ପାଲ୍, ପଡ଼ିଆ ବ୍ଲକ ଅଧକ୍ଷା ଯମୁନା ମୂଷାକୀ, ପି ଭେଙ୍କଟେଶର ରାଓ, କେ ଭାସ୍କର ରାଓ ସମେତ ବିଭିନ୍ନ ବିଭାଗର ଅଧିକାରୀ, ସ୍ଥାନୀୟ ଜନପ୍ରତିନିଧି ଓ ଦଳୀୟ କର୍ମୀ ମାନେ ଉପସ୍ଥିତ ଥିଲେ ।

# ସାମାଜିକ କର୍ମ ମଧ୍ୟରେ ବାଣିଜ୍ୟ ସର୍ବଶ୍ରେଷ୍ଠ : କୁଳପତି

**ବାଲେଶ୍ୱର, ନ୍ୟୁଜ୍**



ବାଣିଜ୍ୟ ବ୍ୟବସାୟ ପ୍ରତି ବର୍ତ୍ତମାନର ଯୁବବର୍ଗଙ୍କ ମଧ୍ୟ ମଧ୍ୟରେ ବର୍ଦ୍ଧିତ ଆଗ୍ରହକୁ ଉତ୍ସାହିତ କରିବା ଉଦ୍ଦେଶ୍ୟ ନେଇ ଫକୀରମୋହନ ବିଶ୍ୱବିଦ୍ୟାଳୟର ଟି.ବି.ଆଇ ଓ ମହାବିଦ୍ୟାଳୟ ଉନ୍ନୟନ ପରିଷଦର ମିଳିତ ସହଯୋଗରେ ଉଦ୍ୟୋଗ ଦିବସ ପାଳନ କରାଯାଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ଭାସ୍କର ବେହେରା, କୁଳସଚିବ କୁକୁମୀନା ଦାସ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ହୋଇ ଏହି କାର୍ଯ୍ୟକ୍ରମ ସଂପର୍କରେ ଉଦ୍‌ବୋଧନ ପ୍ରଦାନ କରିଥିଲେ । ଏଥିସହ ବିଶେଷଜ୍ଞ ଓ ବକ୍ତା ଭାବରେ ବାଲେଶ୍ୱର ସ୍ଥିତ ଇମାମି ପେପର ମିଲ୍ସ ଲିମିଟେଡର ମାନବ ସମ୍ବଳ ଜେନେରାଲ ମ୍ୟାନେଜର ଡକ୍ଟର ୟୁସୁଫ ସୋଲାଙ୍କି ଓ ସିଟର୍ନ ଟେକ୍ନୋ ହେଲ୍‌ଥ ପ୍ରାଇଭେଟ ଲିମିଟେଡ୍, ଭୁବନେଶ୍ୱରର ନିର୍ଦ୍ଦେଶକ ସୈକତ ଘୋଷ ଯୋଗ ଦେଇଥିଲେ ଏହି ଅବସରରେ କୁଳପତି ପ୍ରଫେସର ତ୍ରିପାଠୀ, ବାଣିଜ୍ୟକୁ ମାନବ ସମାଜର ଶ୍ରେଷ୍ଠ ସାମାଜିକ କର୍ମ ବୋଲି ଉଲ୍ଲେଖ କରିଥିଲେ । ଏକ ସ୍ୱତନ୍ତ୍ର ବିଚାରକୁ ଠିକ୍ ଭାବେ ଗଠନ ତଥା କାର୍ଯ୍ୟକାରିତାରେ ପରିଣତ କରି ବ୍ୟବସାୟିକ ପ୍ରକଳ୍ପ ସ୍ଥାପନ କରିପାରିଲେ ଛାତ୍ରଛାତ୍ରୀମାନେ ନିଜର ଭବିଷ୍ୟତକୁ ସୁଦୃଢ଼ କରି ନିର୍ମାଣ କରିପାରିବେ କହି ଯୋଗଦେଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ବାଣିଜ୍ୟ ଦିଗରେ ଉତ୍ସାହିତ କରିଥିଲେ । ଡକ୍ଟର ୟୁସୁଫ ସୋଲାଙ୍କି ବ୍ୟବସାୟିକ ମାନବ ସମ୍ବଳ ପରିଚାଳନାର ପୃଷ୍ଠଭୂମି, ଉଦ୍ୟୋଗୀକରଣରେ ନବସୃଜନ ତଥା ସମର୍ପଣ ମନୋଭାବ ସହ କାର୍ଯ୍ୟ କରି ଉତ୍କର୍ଷରେ ପହଞ୍ଚିବାର ଉପଯୋଗୀ ପରାମର୍ଶ ମାନ ଦେଇଥିଲେ । ଏଥିସହିତ ସୈକତ ଘୋଷ ସ୍ୱାସ୍ଥ୍ୟସେବା ଷ୍ଟାର୍ଟଅପ ବାୟୋସେନ୍ସିଂ ଟେକ୍ନୋଲୋଜିର ବିକାଶ ଏବଂ ଉତ୍ପାଦନରେ ବିଶେଷଜ୍ଞ ଭାବେ ଛାତ୍ରଛାତ୍ରୀମାନଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ନୂତନତ୍ୱକୁ ଆପଣେଇ ବ୍ୟବସାୟିକ ଷ୍ଟାର୍ଟ-ଅପ ଗୁଡ଼ିକ ସଂପର୍କିତ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ମହାବିଦ୍ୟାଳୟରୁ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବାର ସୁଯୋଗ ଲାଭ କରିଥିଲେ । କାର୍ଯ୍ୟକ୍ରମର ଅନ୍ୟ ଏକ ଅଂଶବିଶେଷ ଭାବେ ବିଶ୍ୱବିଦ୍ୟାଳୟ ସହ ହାଇଦ୍ରାବାଦ ସ୍ଥିତ ନନ୍ଦୀ ଫାଉଣ୍ଡେସନ ଅନୁଷ୍ଠାନ ସହିତ ବିଶ୍ୱବିଦ୍ୟାଳୟର ବୁଝାମଣାପତ୍ରକୁ ଛାତ୍ର କଲ୍ୟାଣ ନିର୍ଦ୍ଦେଶକ ଡକ୍ଟର ନିହାର ରଞ୍ଜନ ରାଉତଙ୍କ ତତ୍ତ୍ୱାବଧାନରେ ନବୀକରଣ କରାଯାଇଥିଲା । ଅନୁଷ୍ଠାନ ପକ୍ଷରୁ ଆଞ୍ଚଳିକ ନିର୍ଦ୍ଦେଶକ ଦେବନାଥ ବରାଳ ଓ ମୁନମୁନ ସିଂ ଉପସ୍ଥିତ ରହିଥିଲେ । ଏହି କାର୍ଯ୍ୟକ୍ରମଟି ବିଶ୍ୱବିଦ୍ୟାଳୟର ଟି.ବି.ଆଇ ର ସଂଯୋଜକ ପ୍ରଫେସର ପଙ୍କଜ କୁମାର ପାଢୀ ଓ ମହାବିଦ୍ୟାଳୟ ଉନ୍ନୟନ ପରିଷଦର ନିର୍ଦ୍ଦେଶକ ଡକ୍ଟର ସନ୍ତୋଷ କୁମାର ଅଗ୍ରୱାଲଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା । ଉଦ୍ୟୋଗ ଦିବସ କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର ଟି.ବି.ଆଇ.ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁନେନ୍ଦୁ ନାୟକ ସଂଚାଳନ ଓ ଡକ୍ଟର ସନ୍ତୋଷ କୁମାର ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ ।

# ‘ସୁରଭି’ ମାଧ୍ୟମରେ ଶିଶୁର ଅନ୍ତର୍ନିହିତ ଜ୍ଞାନର ବିକାଶ କରାଯିବ

**ବାଲିଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**




କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ କ. ନୂଆଗାଁ ବ୍ଲକ୍ କ୍ଲଷ୍ଟରର ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଲୋକକଳା-୨୦୨୪ କ.ନୂଆଗାଁ ସ୍ଥିତ ବ୍ଲକ କଲୋନୀ ଉ.ପ୍ରା. ବିଦ୍ୟାଳୟ ଠାରେ ସିଆରସିସି ସୁଜିତ୍ କୁମାର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମହାଆଡ଼ମ୍ବରରେ ଆୟୋଜିତ ହୋଇଯାଇଛି । ଏଥିରେ କ୍ଲଷ୍ଟରର ସମସ୍ତ ବିଦ୍ୟାଳୟରୁ ବିଦ୍ୟାର୍ଥୀ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା । ଓଡ଼ିଶାର ଲୋକ କଳା, ସ୍ଥାପତ୍ୟ, ଶିଳ୍ପ କଳା, ଚିତ୍ରାଙ୍କନ, ନୃତ୍ୟ, ସଂଗୀତ, ବକ୍ତୃତା, ସୃଜନଶୀଳ ଲିଖନ ମାଧ୍ୟମରେ ପିଲାଙ୍କ ହୃଦୟରେ କିପରି ଓଡ଼ିଆର ଗର୍ବ, ଗୌରବ, ପରିଚୟ ଓ ସ୍ୱାଭିମାନ ଅକ୍ଷୁର୍ଣ୍ଣ ରହିବ ସେଥିରେ ସ୍ଥାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସଭାରେ ବି. ଆରସିସି ଚୈତନ୍ୟ କହଁର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁରେନ୍ଦ୍ର ନାଥ ଦାଶ, ହରିହର ମଲିକ, ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ କୁମାର ରଥ, ସୁଷମା ନାୟକ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ ଏବଂ ଉଦ୍‌ଯାପନୀ ସଭାରେ ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ମଲିକ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁରେନ୍ଦ୍ର ନାଥ ଦାଶ, ହରିହର ମଲିକ ଓ ସୁଷମା ନାୟକ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ । କୁତ୍ତୁତୁଲି ଓ କିଲୁପଡ଼ା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସୂର୍ଯ୍ୟକାନ୍ତ ସାହୁ, ରାଧାକାନ୍ତ ପ୍ରଧାନ, ତଥା କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ଉପକୃତ ହୋଇଥିବା ଛାତ୍ରଛାତ୍ରୀ ଆସନ୍ତା ଅକ୍ଟୋବର ୪ ତାରିଖରେ କ.ନୂଆଗାଁ ଠାରେ ବ୍ଲକ୍ ସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ।

## ।। ପୁଣି ବାଘ ଆତଙ୍କ ।।

# ଷଣ୍ଢା ଡ୍ୟାମ୍‌ରେ ବୁଲୁଛି ମହାବଳ

**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ପ୍ରାୟ ଏକ ମାସ ହେବ ଖୋର୍ଦ୍ଧା ବନଖଣ୍ଡ ଅଧିନ ବାଲୁଗାଁ ଓ ଟାଙ୍ଗୀ ବନାଞ୍ଚଳ ଅନ୍ତର୍ଗତ ବାଣପୁର ବ୍ଲକର ବରବରା ଓ ଶୂଳିଆ ଜଙ୍ଗଲରେ ଗୋଟିଏ ମହାବଳ ବାଘ ଘୂରି ବୁଲୁଛି । ତେବେ ଗତ ୨୧ ତାରିଖରେ ବାଘଟି ସଲପଡ଼ିହ ଗ୍ରାମର ଏକ ଷଣ୍ଢକୁ ମାରି ଖାଇଦେଇଥିବା ବେଳେ ବାଘକୁ କେହି ଦେଖି ନଥିଲେ ମଧ୍ୟ ପାଦ ଚିହ୍ନରୁ ମହାବଳ ବାଘର ଉପସ୍ଥିତି ସ୍ପଷ୍ଟ ହୋଇଥିଲା । ପୁଣି ଉକ୍ତ ବାଘଟି ଶୂଳିଆ ଜଙ୍ଗଲରୁ ଆସି ଗମ୍ଭାରୀମୁଣ୍ଡା ନିକଟସ୍ଥ ଷଣ୍ଢା ଡ୍ୟାମ୍ ଅଞ୍ଚଳରେ ବୁଲୁଥିବାର ପାଦ ଚିହ୍ନରୁ ଜଣାପଡ଼ିଛି । ବାଲୁଗାଁ ବନାଞ୍ଚଳ ପଦ୍ମପୁର ସେକ୍ସନ ଅନ୍ତର୍ଗତ ଷଣ୍ଢା ଡ୍ୟାମ୍ ନିକଟରେ ଥିବା ପ୍ରଦୀପ ସାମନ୍ତସିଂହାରଙ୍କ ଫାର୍ମ ହାଉସର ପୋଖରୀ ରାସ୍ତାରେ ବାଘର ପାଦଚିହ୍ନ ପଡ଼ିଥିବାର ଖବର ପାଇ ବନବିଭାଗ ଅଧିକାରୀମାନେ ତଦନ୍ତ କରିବା ପରେ ସ୍ପଷ୍ଟ କରିଛନ୍ତି । ତେବେ ଜଙ୍ଗଲରେ ମହାବଳ ବାଘ ବୁଲୁଥିବାର ଖବର ପ୍ରସାରିତ ହେବା ପରେ ଆଖପାଖ ଅଞ୍ଚଳର ଗ୍ରାମବାସୀ ଏବେ ଆତଙ୍କିତ ହୋଇପଡ଼ିଛନ୍ତି । ଏପରିକି ଜଙ୍ଗଲ ନିକଟରେ ଥିବା ଚାଷ ଜମିକୁ ଯିବାକୁ ଚାଷୀମାନେ ଭୟ କରୁଛନ୍ତି । ସ୍ଥାନୀୟ ଜଙ୍ଗଲରେ ମହାବଳ ବାଘ ବୁଲୁଥିବା ସ୍ପଷ୍ଟ ହେବା ପରେ ବନ ବିଭାଗ ପକ୍ଷରୁ ଟ୍ରାକ ଏବଂ ଡ୍ରୋନ୍ କ୍ୟାମେରା ଦ୍ୱାରା ବାଘର ଗତିବିଧିକୁ ଅନୁଧ୍ୟାନ କରାଯାଉଛି । ବିଭାଗୀୟ ଅଧିକାରୀମାନେ ଜଙ୍ଗଲ ମଧ୍ୟରେ ଫୁଟ ପାଟ୍ରୋଲିଂ ଚଳାଇଥିଲେ ମଧ୍ୟ ବାଘକୁ ଠାବ କରି ପାରିନାହାନ୍ତି । ଶୂଳିଆ ଜଙ୍ଗଲର ଡ୍ରୋନ୍ ଓ ଟ୍ରାକ୍ କ୍ୟାମେରା ହେଉ କି ବରବରା ଜଙ୍ଗଲରେ ଲାଗିଥିବା ଟ୍ରାକ୍ କ୍ୟାମେରାରେ ଏପର୍ଯ୍ୟନ୍ତ ବାଘର ଚିତ୍ର ଦେଖିବାକୁ ମିଳୁନାହିଁ । ଏକ ସପ୍ତାହ ଅତିକ୍ରାନ୍ତ ହୋଇଯାଇଥିଲେ ମଧ୍ୟ ବାଘର ଗତିବିଧି କିମ୍ବା ବାଘକୁ ଠାବ କରିବାରେ ବନ ବିଭାଗ ବିଫଳ ହୋଇଛି । ବାଘକୁ ଶୀଘ୍ର କାବୁ କରି ନନ୍ଦନକାନନ ନେବା ପାଇଁ ଦାବି କରିଛନ୍ତି ସ୍ଥାନୀୟ ଲୋକେ । ତେବେ ବାଘ ଜଙ୍ଗଲରେ ବୁଲୁଛି, ଲୋକ କିଛି ଭୟଭୀତ ହେବାର ଆବଶ୍ୟକତା ନାହିଁ । ପାଦ ଚିହ୍ନ ଦେଖିବା ପରେ ବାଲୁଗାଁ ବନାଞ୍ଚଳର ଧୂଆଁନଳୀ ସେକ୍ସନ, ପଦ୍ମପୁର ସେକ୍ସନ ଓ ବାଲୁଗାଁ ଅଞ୍ଚଳରେ ୩ଟି ଦଳ ଫୁଟ୍ ପାଟ୍ରୋଲିଂ କରୁଛନ୍ତି । ବାଘ ରଣପୁର ରାଇପଡ଼ା କିମ୍ବା ପଦ୍ମପୁର ଜଙ୍ଗଲକୁ ଯାଇପାରେ ବୋଲି ବାଘର ଗତିବିଧିକୁ ଅନୁଧ୍ୟାନ କରି ସୂଚନା ଦେଇଛନ୍ତି ବାଲୁଗାଁ ବନାଞ୍ଚଳ ଅଧିକାରୀ ପ୍ରତାପ କୁମାର ମହାନ୍ତି ।

# ବେଦାନ୍ତ ଆଲୁମିନିୟମ୍ ପକ୍ଷରୁ ସପ୍ତାହବ୍ୟାପୀ ସ୍ୱଚ୍ଛତା ଅଭିଯାନ

**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**

ଝାରସୁଗୁଡ଼ା ସ୍ଥିତ ବେଦାନ୍ତ ଆଲୁମିନିୟମ୍ ପକ୍ଷରୁ ଭାରତ ସରକାରଙ୍କ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ସହାଭାଗିତା କରାଯାଇଥିଲା । ସ୍ୱଚ୍ଛତା ଅଭିଯାନରେ ସର୍ବସାଧାରଣ ସ୍ଥାନଗୁଡ଼ିକର ଉନ୍ନତି, ବର୍ଜ୍ୟବସ୍ତୁ ପରିଚାଳନା ଏବଂ ସ୍ୱଚ୍ଛତା ନେଇ ଝାରସୁଗୁଡ଼ାର ଏହି କମ୍ପାନୀ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏଥିରେ ବେଦାନ୍ତ କମ୍ପାନୀର କର୍ମଚାରୀଙ୍କ ସମେତ ଛାତ୍ରଛାତ୍ରୀ ଏବଂ ସାଧାରଣ ନାଗରିକ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ କମ୍ପାନୀର ସିଓଓ ସୁନୀଲ ଗୁପ୍ତା କହିଛନ୍ତି ଯେ, ସ୍ୱଚ୍ଛ ଓ ସବୁଜ ଝାରସୁଗୁଡ଼ା ନିର୍ମାଣ ପାଇଁ ବେଦନ୍ତା ଆଲୁମିନିୟମ୍ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରି ଆସୁଛି । ପରିମଳ ବ୍ୟବସ୍ଥାର ଉନ୍ନତି ଏବଂ ବୃକ୍ଷରୋପଣ ସହିତ ଏଥିରେ ଯୁବପୀଢ଼ିଙ୍କୁ ସାମିଲ କରି ପରିବେଶ ସଚେତନତା କମ୍ପାନୀର ଅନ୍ୟତମ ଲକ୍ଷ୍ୟ । ଜିଲ୍ଲାପାଳ ଆବୋଲି ସୁନୀଲ ନରୱଣେ କହିଛନ୍ତି ଯେ, ସରକାରୀ-ବେସରକାରୀ ସହଭାଗିତାରେ ତୃଣମୂଳସ୍ତରରେ ଅର୍ଥପୂର୍ଣ୍ଣ ପରିବର୍ତ୍ତନ, ଐକ୍ୟବଦ୍ଧ ସାମର୍ଥ୍ୟର ପ୍ରମାଣ ଅଟେ । ବିଧାୟକ ଟଙ୍କଧର ତ୍ରିପାଠୀ ପରିବେଶ ସୁରକ୍ଷା ଓ ବିକାଶ ପାଇଁ ସ୍ୱଚ୍ଛତା ଅଭିଯାନର ଆବଶ୍ୟକତା ରହିଛି ବୋଲି କହିଥିଲେ ।

# ‘କ୍ଲିନ୍ ସୋନପୁର ଗ୍ରୀନ୍ ସୋନପୁର’ ପାଇଁ ସଙ୍କଳ୍ପ ନେଲେ ବରିଷ୍ଠ ନାଗରିକ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ଶ୍ରୀ ଗୋପାଳଜୀ ତମସ୍ୱା ଯୋଗାଳୟ, ବରିଷ୍ଠ ନାଗରିକ ସଂଘ, ସ୍ୱଚ୍ଛ ଭାରତ ସଂଗଠନ ଏବଂ ବନ ବିଭାଗ ସୋନପୁରର ମିଳିତ ଉଦ୍ୟମରେ ତଥା ସର୍ବ ବରିଷ୍ଠ ୮୫ ବର୍ଷୀୟ ଯୋଗୀ ମୃତ୍ୟୁଞ୍ଜୟ ନାରାୟଣ ଦାସଙ୍କ ଦୃଢ଼ ଇଚ୍ଛାରେ ବଳିଷ୍ଠ ନେତୃତ୍ୱରେ ଏକ ସବୁଜ ସୋନପୁର କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି । ମହାନଦୀ ସେତୁ ଠାରୁ ତେଲ ନଦୀ ସେତୁ ପର୍ଯ୍ୟନ୍ତ ଏକ ଗ୍ରୀନ କରିଡ଼ର ଲକ୍ଷ୍ୟ ନେଇ ନିର୍ମାଣଧିନ ରିଂ ରୋଡ଼ର ଉଭୟ ପାର୍ଶ୍ୱରେ ଫଳ ଓ ଛାୟା ପ୍ରଦାନ ପାଇଁ ବୃକ୍ଷ ଗୁଆ, ନଡ଼ିଆ, ପିଜୁଳି, ଆତ, କଦମ୍ବ, ବଉଳ ପ୍ରଭୃତି ଚାରା ରୋପଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଏହି ସବୁଜ ସୋନପୁର ବିପ୍ଲବ କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳୀନା ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମାଟି ମା’ଙ୍କୁ ପୂଜାର୍ଚ୍ଚନା କରି ଏକ ନଡ଼ିଆ ଚାରା ରୋପଣ କରି ଏହାର ଶୁଭାରମ୍ଭ କରିଛନ୍ତି ଏବଂ ଏଇ ଉଦ୍ୟମକୁ ଉଚ୍ଚ ପ୍ରଶଂସା କରି ଆଗାମୀ ଦିନରେ ସୋନପୁର ପର୍ଯ୍ୟଟନର ବିକାଶ ଦିଗରେ ସହାୟକ ହେବା ସହ ଗ୍ରୀନ କରିଡ଼ର ମିଶନ ଦେଶ ବିଦେଶର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ଯୋଗାଳୟର ଅଧ୍ୟକ୍ଷ ଡ.ସନ୍ତୋଷ କୁମାର ପାଢ଼ୀ, ସଭାପତି ହରିହର ଶତପଥୀ, ସମ୍ପାଦକ ଡଃ. ଆର୍ତ୍ତତ୍ରାଣ ବାବୁ, ଏହି ଗ୍ରୀନ୍ ମିଶନର ମୁଖ୍ୟ ପୁରୋଧା ଯୋଗୀ ମୃତ୍ୟୁଞ୍ଜୟ ଦାସ, ବରିଷ୍ଠ ନାଗରିକ ସଂଘ ସଭାପତି ଡଃ. ଜ୍ୟୋତି ରଞ୍ଜନ ବହିଦାର, ସମ୍ପାଦକ ଜ୍ୟୋତି ରଞ୍ଜନ ପଟ୍ଟନାୟକ, ସ୍ୱଚ୍ଛ ଭାରତ ସଭାନେତ୍ରୀ ଇନ୍ଦୁମତୀ ପୁରୋହିତ, ଡା. ସରୋଜ ପଟେଲ, ପ୍ରତାପ ଦାଶ, ବନପାଳ ଭକ୍ତବନ୍ଧୁ ମିଶ୍ରଙ୍କ ସମେତ କୃଷ୍ଣଚନ୍ଦ୍ର ପାତ୍ର, ପୂର୍ଣ୍ଣଚନ୍ଦ୍ର ଦାସ, ଦୟାନିଧି ସେଠୀ, ପ୍ରଦୀପ ପୁରୋହିତ, ବିଭୂତି ଶତପଥୀ, ପ୍ରଶାନ୍ତ ସାହୁ, ନିରଞ୍ଜନ ତ୍ରିପାଠୀ, ସୁବାଷ ଧରୁଆ, ଅମର ଭୁତ, ନରେଶ୍ ଅଗ୍ରୱାଲ, ସୁରେଶ ମେହେର ପ୍ରମୁଖ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଶତାଧିକ ସଦସ୍ୟ ଯୋଗଦାନ କରିଥିଲେ । ଯୋଗୀ ମୃତ୍ୟୁଞ୍ଜୟ ଦାସ ନିଜ ପେନସନ ଟଙ୍କା ରେ ଏଇ ମିଶନ ଆରମ୍ଭ କରି ଥିବାରୁ ଓ ସୋନପୁର ବନ ବିଭାଗର କଠିନ ପରିଶ୍ରମ, ଯତ୍ନ, ଏହାର ରକ୍ଷଣା ବେକ୍ଷଣର ସମ୍ପୂର୍ଣ୍ଣ ସହଯୋଗ ପାଇଁ ସଂକଳ୍ପ ନେଇଥିବାରୁ ସହରର ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି ।

# କୁମ୍ଭୀର ଚୋରାଚାଲାଣ ଅଭିଯୋଗରେ ୨ ଗିରଫ

**ମୁମ୍ବାଇ**

ମୁମ୍ବାଇ ସୀମା ଶୁଳ୍କ ବିଭାଗ (କଷ୍ଟମ)ଟିମ୍ ମୁମ୍ବାଇ ବିମାନବନ୍ଦରରେ ବ୍ୟାଙ୍କକରୁ ୫ଟି କୁମ୍ଭୀର ଚୋରାଚାଲାଣ ଅଭିଯୋଗରେ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଏହି ଦୁଇଜଣଙ୍କ ଠାରୁ କଷ୍ଟମ ଟିମ୍ ଛାନ୍‌ଭିନ୍ କରୁଛନ୍ତି । କଷ୍ଟମ ବିଭାଗର ଜଣେ ଅଧିକାରୀ କହିଛନ୍ତି ତାଙ୍କ ଟିମ୍ ମୁମ୍ବାଇ ବିମାନବନ୍ଦରରୁ ବ୍ୟାଙ୍କକରୁ ଆସୁଥିବା ଜଣେ ବ୍ୟକ୍ତିଙ୍କୁ ସନ୍ଦେହ ଆଧାରରେ ଅଟକାଇ ତାଙ୍କ ଲଗେଜ ଖୋଜାଖୋଜି କରିଥିଲେ ଏବଂ ତାଙ୍କ ଟ୍ରଲି ବ୍ୟାଗ୍ ଭିତରେ ସର୍ଜିକାଲ ମାସ୍କ ବାକ୍ସରେ ୫ଟି ଛୁଆ କୁମ୍ଭୀର ଦେଖିଥିଲେ । ଅଭିଯୁକ୍ତ ୪୧ ବର୍ଷୀୟ ମୋହମ୍ମଦ ରେହାନ ମଦନୀ ଅଜମେରୀ ବୋଲି ଜଣାପଡ଼ିଛି । ଏହି ସମୟରେ ରେହାନଙ୍କୁ କଲ୍ ଆସିଥିଲା । କଷ୍ଟମ ବିଭାଗ ଟିମ୍ ଫୋନ୍ କରିଥିବା ବ୍ୟକ୍ତିଙ୍କୁ ତୁରନ୍ତ ବିମାନ ବନ୍ଦର ବାହାରକୁ ଯାଇ ଧରିଥିଲେ ଏବଂ ତାଙ୍କୁ ପଚରାଉଚରା ପରେ ଗିରଫ କରାଯାଇଥିଲା । ବିମାନ ବନ୍ଦର ବାହାରେ ଯେଉଁ ବ୍ୟକ୍ତି ଛୁଆ କୁମ୍ଭୀରର ଅପେକ୍ଷା କରିଥିଲା ତାଙ୍କ ପରିଚୟ ହମ୍‌ଜା ୟୁସୁଫ ମସୁରୀ (୩୦ ବର୍ଷ) ବୋଲି ଜଣାପଡ଼ିଛି । ଏହି ଦୁଇଜଣ ଅଭିଯୁକ୍ତଙ୍କୁ ସୀମା ଶୁଳ୍କ ଅଧିନିୟମ, ୧୯୬୨ର ଧାରା ୧୩୫ ଆକ୍ଟ ନିଷେଧ ଚୋରି ଏବଂ ୧୦୪ ଗିରଫଦାରୀ ଶକ୍ତି ଏବଂ ବନ୍ୟଜୀବ ସଂରକ୍ଷଣ ଅଧିନିୟମ,୧୯୭୨ ଧାରାରେ ମାମଲାରେ ଅଭିଯୋଗ କରାଯାଇଛି । କଷ୍ଟମର ଟିମ୍ ଏହି ମାମଲାରେ ଅଧିକ ଅନୁସନ୍ଧାନ କରୁଛି ।

# ଜବରଦଖଲ ହେବାରେ ଲାଗିଛି ରାଉରକେଲା ଇସ୍ପାତ ସହରାଞ୍ଚଳରେ ଆରଏସପି ସମ୍ପତ୍ତି

**ରାଉରକେଲା, ନ୍ୟୁଜ୍‌ବ୍ୟୁରୋ**

ରାଉରକେଲା ଇସ୍ପାତ କାରଖାନା ଅଧିନରେ ବିଭିନ୍ନ ଅଞ୍ଚଳରେ ଥିବା କମ୍ୟୁନିଟି ସେଣ୍ଟର, ସୋସିଆଲ ହୋମ୍, ଅଫିସର କ୍ଲବ୍ ଆଦିରେ କାରଖାନା କର୍ମଚାରୀମାନଙ୍କର ପରିବାରର ସାମାଜିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେବା ପାଇଁ ରହିଥିବା ବେଳେ ଏହା ଏବେ କିଛି ଗୁଣ୍ଡା ଶ୍ରେଣୀର ଠିକାଦାର ଓ ଅସାମାଜିକ ବ୍ୟକ୍ତି ବିଶେଷଙ୍କ କବ୍‌ଜାକୁ ଚାଲିଯାଇଛି । ଏନେଇ ଆରଏସ୍‌ପି କର୍ତ୍ତୃପକ୍ଷ ନିରବତା ଅବଲମ୍ବନ କରୁଥିବାରୁ କର୍ମଚାରୀ ଓ ସାଧାରଣ ବ୍ୟକ୍ତି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ରାଉରକେଲା ସାରନଗରୀ ସମେତ ସେକ୍ଟର ଅଞ୍ଚଳରେ ଏଭଳି ସମସ୍ୟା ଦିନକୁ ଦିନ ବଢ଼ି ଚାଲିଛି । ଅଞ୍ଚଳରେ ଥିବା ଏହି ସବୁ ଘର, ହଲ୍ ଓ ପଡ଼ିଆ ବର୍ତ୍ତମାନ କିଛି ଟେଣ୍ଟ ହାଉସ୍ ବାଲା କୌଶଳ କ୍ରମେ ଅଧିକାରୀମାନଙ୍କର ସହାୟତାରେ କବ୍‌ଜା କରି ରଖିଥିବାରୁ ବିବାହ, ବ୍ରତ ଆଦି ସାମାଜିକ କାର୍ଯ୍ୟ ଲାଗି କର୍ମଚାରୀ ଓ ଅଞ୍ଚଳବାସୀ ସମସ୍ୟାରେ ପଡ଼ିବା ସହ ଶୋଷଣର ଶିକାର ହେଉଥିବା ଅଭିଯୋଗ ହେଉଛି ।

ସୂଚନାଯୋଗ୍ୟ ଯେ, ସାରନଗରୀ ଓ ସେକ୍ଟର ଅଞ୍ଚଳରେ ଅନେକ ସୋସିଆଲ ହୋମ୍, କମ୍ୟୁନିଟି ସେଣ୍ଟର ଓ କିଛି ଖୋଲା ପଡ଼ିଆ ରହିଛି, ଯେଉଁଥିରେ ଆରଏସପି କର୍ମଚାରୀ ଓ ରାଉରକେଲାର ଅନ୍ୟ ବାସିନ୍ଦାମାନେ ନିଜର ବିବାହ, ବ୍ରତ ଆଦି ସାମାଜିକ କାର୍ଯ୍ୟ ତୁଲାଇଥାନ୍ତି । କିନ୍ତୁ ଏହି ତଥାକଥିତ ଗୁଣ୍ଡା ଶ୍ରେଣୀର ଠିକାଦାର ଓ ଟେଣ୍ଟ ହାଉସ୍ ମାଲିକମାନେ ଚକ୍ରାନ୍ତ କରି ଏଗୁଡ଼ିକର ଭଡ଼ା ବୃଦ୍ଧି କରି ସେସବୁ ସ୍ଥାନରେ ନିଜର ଗୋଦାମ ଘର କରିବା ସହ ନିଜ ପୈତୃକ ସମ୍ପତ୍ତି ଭଳି ତାହାକୁ ବ୍ୟବହାର କରୁଛନ୍ତି । ବିବାହ, ବ୍ରତ ସମୟରେ ଏମାନେ ବିଭିନ୍ନ ନାମରେ ସେଗୁଡିକୁ ଅଗ୍ରୀମ ବୁକ୍ କରି ରଖିଦେଉଥିବାରୁ ଲୋକେ ଆରଏସ୍‌ପିର ନିର୍ଦ୍ଧାରିତ ମୂଲ୍ୟରେ ପାଉନାହାନ୍ତି ଓ ଚଢ଼ା ମୂଲ୍ୟରେ ବୁକିଂ କରିବାକୁ ବାଧ୍ୟ ହେଉଛନ୍ତି । ଏ ସମସ୍ତ କାରନାମା ପଛରେ ରାଉରକେଲା ଇସ୍ପାତ କାରଖାନାର ସହର ସେବା ବିଭାଗର ବିଭାଗୀୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ମାନଙ୍କର ସମ୍ପୃକ୍ତି ଥିବା ଅଭିଯୋଗ ହେଉଛି । ଏଭଳି ସମସ୍ୟା ଆଜି ନୁହେଁ ଦୀର୍ଘବର୍ଷ ହେଲା ଲାଗି ରହିଛି । ସହରର ରାସ୍ତାଘାଟ ସମସ୍ୟା, ନାଳନର୍ଦ୍ଦମା, ବିଦ୍ୟୁତ ସମସ୍ୟା, ଦୋକାନ ବଜାର ଆଦି ଅଞ୍ଚଳର ସମସ୍ୟା ଏସବୁକିଛି ଦେଖିବା ପାଇଁ ଏଠି ବିଭିନ୍ନ ଅଧିକାରୀମାନେ ଦାୟିତ୍ୱରେ ରହିଛନ୍ତି । ତେବେ ଏମାନେ ସଠିକ୍ ଭାବେ ଜନସାଧାରଣଙ୍କୁ ସେବା ଯୋଗାଇ ଦେଉଛନ୍ତି କି ନାହିଁ ତାକୁ ଦେଖିବା ପାଇଁ ଡାଇରେକ୍ଟର ଇନଚାର୍ଜ ଭାବେ ଅତନୁ ଭୌମିକ ଦୀର୍ଘ ବର୍ଷ ହେଲା ଅବସ୍ଥାପିତ ଅଛନ୍ତି । କିନ୍ତୁ ସେ ଆରଏସପିର ଉତ୍ପାଦନ ଓ କିଛି ସ୍ୱତନ୍ତ୍ର କଥାକୁ ବାଦ୍ ଦେଲେ ଏସବୁଥିରେ ଆଦୌ ଧ୍ୟାନ ଦେଉନାହାନ୍ତି । ଯାହା ଫଳରେ ଆରଏସପିର ଏସବୁ ସମ୍ପତ୍ତି ଜବରଦଖଲ ହେବା ସହ ଘର ଓ ଜାଗା ମଧ୍ୟ ଜବରଦଖଲ ହେବାରେ ଲାଗିଛି । ଦୁର୍ଗାପୂଜା ପୂର୍ବରୁ ରାସ୍ତାଘାଟର ଅବସ୍ଥା ଏପରି ଯେ, ଦୁଇ ଚକିଆ ଯାନ ବ୍ୟବହାରକାରୀମାନେ ଦୁର୍ଘଟଣାର ଶିକାର ହୋଇ ଶାରିରୀକ ଓ ଆର୍ଥିକ କ୍ଷତି ସହୁଛନ୍ତି ।

# ଝରକା ଭାଙ୍ଗି ଲକ୍ଷାଧିକ ଟଙ୍କା ଓ ସୁନା ଅଳଙ୍କାର ଚୋରି

**କୋରେଇ, ନ୍ୟୁଜ୍‌ବ୍ୟୁରୋ**

ପାଣିକୋଇଲି ଥାନା ଅନ୍ତର୍ଗତ ସଠିପୁରରେ ଝରକା ଗ୍ରୀଲ ଭାଙ୍ଗି ରାତ୍ରୀରେ କେହି ଦୃର୍ବୃତ୍ତ ନଗଦ ୬ଲକ୍ଷ ୬୦ ହଜାର ଟଙ୍କା ସହ ସୁନା ଅଳଙ୍କାର ଲୁଟି ନେଇଛନ୍ତି । ଅଭିଯୋଗ ପରେ ଗଟଣାସ୍ଥଳରେ ପାଣିକୋଇଲି ପୁଲିସ ପହଞ୍ଚି ତଦନ୍ତ ଚଳାଇଛି । ସୂଚନାଯୋଗ୍ୟ ଯେ ପାଣିକୋଇଲି ଗ୍ରାମର କାର୍ତ୍ତିକ ସେଠୀ ଓ ତାଙ୍କ ସ୍ତ୍ରୀ ହାରାମଣି ସେଠୀ ସଠିପୁରରେ ଘରଭାଡ଼ା ନେଇ ରହୁଥିଲେ । କାର୍ତ୍ତିକ ଜଣେ ଅବସରପ୍ରାପ୍ତ କର୍ମଚାରୀ । ସେ ବ୍ୟାଙ୍କରୁ ଟଙ୍କା ଉଠାଇ ନିଜ ଘର ଗଡ୍‌ରେଜଲେକ୍‌ରେ ରଖିଥିଲେ । ଶନିବାର ରାତ୍ରୀରେ ଅସୁସ୍ଥତା ଅନୁଭବ କରିବାରୁ ସେ ଉକ୍ତ ରୁମ୍ ଛାଡ଼ି ତାଙ୍କ ପତ୍ନୀଙ୍କ ରୁମ୍‌ରେ ଶୋଇଥିଲେ । ଏହାର ସୁଯୋଗରେ କେହି ଦୃର୍ବୃତ୍ତ ଝରକା ଭାଙ୍ଗିବା ପରେ ଗ୍ରିଲ ଖୋଲି ଘରେ ପଶିଥିଲା । ଘରର କବାଟ ଭିତରୁ ବନ୍ଦ କରି ଆଲମିରା ଲକର ଭାଙ୍ଗି ନଗଦ ୫୬ଲକ୍ଷ ୬୦ହଜାର ଟଙ୍କା ସମତେ କାର୍ତ୍ତିକ ଓ ତାଙ୍କ ସ୍ତ୍ରୀଙ୍କ ସୁନା ଅଳଙ୍କାର ଚୋରି କରିନେଇଥିଲା । ସକାଳୁ ଘରର କବାଟ ଭିତରୁ ବନ୍ଦଥିବା ଦେଖି କାର୍ତ୍ତିକଙ୍କର ସନ୍ଦେହ ହେବାରୁ ବାହାର ପଟ ଝରକା ଦେଖିବା ବେଳକୁ ତଡ଼ାଯାଇ ଗ୍ରୀଲ ଖୋଲାଯାଇଛି । ଫଳରେ କାର୍ତ୍ତିକ ସେଇ ଝରକା ପଟେ ପଶି କବାଟ ଖୋଲି ଦେଖିବା ବେଳେକୁ ଆଲମିରା ଖୋଲି କେହି ସବୁ ଲୁଟ୍ କରିନେଇଛି । ଏନେଇ କାର୍ତ୍ତିକ ପାଣିକୋଇଲି ଥାନାରେ ଅଭିଯୋଗ କରିବା ପରେ ସବଇନ୍ସପେକ୍ଟର ପ୍ରକାଶ କୁମାର ପ୍ରଧାନ ସଦଳବଳେ ଘଟଣାସ୍ଥଳେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି ।

# ଧିମା ଗତିରେ ଚାଲିଛି ରାସ୍ତା ମରାମତି କାର୍ଯ୍ୟ, ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ ଦାବି

**ଭବାନୀପାଟଣା, ନ୍ୟୁଜ୍‌ବ୍ୟୁରୋ**

କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକର ଛତିକୁଡ଼ାଠାରୁ ନର୍ଲାକୁ ସଂଯୋଗ କରୁଥିବା ୬ ନମ୍ବର ରାଜ୍ୟ ରାଜପଥର ବୁରାଟ୍ ନିକଟରେ ରାସ୍ତାରେ ଖାଲଖମା ହୋଇ ଏକ କୃତ୍ରିମ ଜଳାଶୟ ସୃଷ୍ଟି ହୋଇଥିଲା । ଏନେଇ ଖବର ପ୍ରକାଶ ପାଇବା ପରେ ଏହି ଖାଲଖମାକୁ ପୂର୍ତ୍ତ ବିଭାଗ ପକ୍ଷରୁ ମରାମତି କରାଯାଉଛି । ତେବେ ବର୍ଷା ଯୋଗୁଁ ଏହି ରାସ୍ତା ମରାମତି କାର୍ଯ୍ୟ ଅତ୍ୟନ୍ତ ଧିମା ଗତିରେ ଚାଲିଥିବା ଜଣାପଡ଼ିଛି । ରାସ୍ତା ମରାମତି କାର୍ଯ୍ୟ ତୁରନ୍ତ ସମ୍ପୂର୍ଣ୍ଣ କରିବା ନିମନ୍ତେ ଆଖପାଖ ଅଞ୍ଚଳର ଜନସାଧାରଣଙ୍କ ପକ୍ଷରୁ ଦାବି ହୋଇଛି ।

# ପୂଜା ମଣ୍ଡପରେ ଅଗ୍ନିନିର୍ବାପକ ବ୍ୟବସ୍ଥା ଗ୍ରହଣ କରିବାକୁ ଜିଲ୍ଲାପାଳଙ୍କ ପରାମର୍ଶ

**କଟକ, ନ୍ୟୁଜ୍‌ବ୍ୟୁରୋ**



ଚଳିତ ବର୍ଷ କଟକ ଜିଲ୍ଲାରେ ଶାରଦୀୟ ଦୁର୍ଗାପୂଜା ଓ ଭସାଣୀ ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ନିମନ୍ତେ କଟକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ କଟକ ଗ୍ରାମାଞ୍ଚଳ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ବୈଠକରେ ଯୋଗଦେଇ ପ୍ରତ୍ୟେକ କ୍ଷେତ୍ରରେ ସତର୍କତାମୂଳକ ପଦକ୍ଷେପ ଅବଲମ୍ବନ ପୂର୍ବକ ସମସ୍ତଙ୍କ ସହଯୋଗରେ ଦୁର୍ଗାପୂଜା ପାଳନ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ଚଳିତ ବର୍ଷ ଦୁର୍ଗାପୂଜା ସମୟରେ ଲେଜର ଲାଇଟ ବ୍ୟବହାର ଓ ଡିଜେକୁ ସମ୍ପୂର୍ଣ୍ଣ ନିଷେଧ କରିବା ସହ ମାଦକ ଦ୍ରବ୍ୟ ବ୍ୟବହାର ଉପରେ ମଧ୍ୟ ଅଙ୍କୁଶ ଲଗାଯିବା ନେଇ ଗୁରୁତ୍ୱ ଦିଆଯାଇଥିଲା । ବିଶେଷଭାବେ ପୂଜା ଓ ଭସାଣି ସମୟରେ ଚୋରାମଦ ରୋକିବା ନିମନ୍ତେ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ଅବକାରୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ପୂଜା କମିଟି କର୍ମକର୍ତ୍ତା ପୂଜା ପେଣ୍ଡାଲରେ ଅଗ୍ନି ନିର୍ବାପକ ଯନ୍ତ୍ର ଲଗାଇବା ସୁନିଶ୍ଚିତ କରିବାକୁ ପରାମର୍ଶ ଦିଆଯାଇଥିଲା । ଟିପସିଓଡିଏଲ ତରଫରୁ ବିଦ୍ୟୁତ ଜନିତ ଦୁର୍ଘଟଣା ନହେବା ପାଇଁ ସଂସ୍ଥାର କ୍ଷେତ୍ରୀୟ ଅଧିକାରୀମାନଙ୍କ ମାଧ୍ୟମରେ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଡିଜେ ଆମର ସଂସ୍କୃତି ନୁହେଁ, ଡିଜେ ବଦଳରେ ସ୍ଥାନୀୟ କଳାକାରମାନଙ୍କୁ ସେମାନଙ୍କ କଳା ପ୍ରଦର୍ଶନର ସୁଯୋଗ ଦେବାକୁ ପୂଜା କମିଟିର କର୍ମକର୍ତ୍ତାଙ୍କୁ ଜିଲ୍ଲାପାଳ ପ୍ରବର୍ତ୍ତାଇଥିଲେ । ଛୋଟ ଛୋଟ ପିଲାଙ୍କୁ ରାସ୍ତାରେ ଥାଳି ଧରି ଚାନ୍ଦା ଆଦାୟ କାର୍ଯ୍ୟରେ ନିୟୋଜିତ ନ କରିବା, ମେଢର ଉଚ୍ଚତାକୁ ସିମୀତ ରଖିବା, ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସମୟରେ ରାସ୍ତା ଅବରୋଧ ନକରିବା ଆଦି ବିଷୟ ଉପରେ ମଧ୍ୟ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ବିଭିନ୍ନ ସ୍ଥାନରେ ରାସ୍ତାଘାଟ ମରାମତି, ଅଗ୍ନିଶମ ବ୍ୟବସ୍ଥା, ପାନୀୟ ଜଳ ଏବଂ ସ୍ୱଚ୍ଛତା ଓ ପରିମଳ ତଥା ଆଶୁ ଚିକିତ୍ସା ଉପରେ ଧ୍ୟାନ ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏଥିସହ ପୂଜା ପେଣ୍ଡାଲ ଓ ଭସାଣୀ ଶୋଭାଯାତ୍ରା ନିମନ୍ତେ ଅନୁମତିପତ୍ର ପ୍ରଦାନ ପାଇଁ ଆସନ୍ତାବର୍ଷଠାରୁ ଏକକ ବାତାୟନ କକ୍ଷ ଉପଲବଧ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି । ଆଜି ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଡ. ଦିବ୍ୟଲୋଚନ ମହନ୍ତ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ସୁବାସ ଚନ୍ଦ୍ର ରାୟ, ଆଠଗଡ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା, ବିଭିନ୍ନ ବିଭାଗୀୟ ଅଧିକାରୀ, ବିଭିନ୍ନ ଥାନାର ଆଇଆଇସି, ତହସିଲଦାର ଓ ପୂଜା କମିଟିର କର୍ମକର୍ତା ଉପସ୍ଥିତ ଥିଲେ । ଅତିରିକ୍ତ ଆରକ୍ଷୀ ଅଧିକ୍ଷକ କୃଷ୍ଣ ଚନ୍ଦ୍ର ପଟ୍ଟନାୟକ ପୋଲିସ୍ ପ୍ରଶାସନର ଏକ ମାର୍ଗଦର୍ଶିକା ଉପସ୍ଥାପନ କରିଥିବାବେଳେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦେବଦତ୍ତ ବରାଳ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ଏହି ବୈଠକରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ସ୍ୱାଗତ ଭାଷଣ ଦେଇଥିବାବେଳେ ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ ଧନ୍ୟବାଦ ଅର୍ପଣ କରିଥିଲେ ।

C-716

**OFFICE OF THE NOTIFIED AREA COUNCIL, ODAGAON**
At/Po - Odagaon, Dist. - Nayagarh, Pin - 752081
Phone: 06753-260062 Email: nacodagaon@gmail.com
Letter No. 1482 Date-03.10.2024

**TENDER CALL NOTICE**

The Executive Officer, Odagaon NAC on behalf of Odagaon NAC invites sealed quotation from the authorized Service Providing firms/ Institution for supply of man power for providing services of sanitation sweeper, Sanitation Supervisor, Gardener-cum-Security, Driver, & Office Setting Staffs to Office of the NAC Odagaon, Odagaon.

1. Cost of Bid Document : Rs.6,000.00
2. Date & Time of Bidding : Dt. 04.10.2024 to Dt. 19/10/2024
3. Last Date &Time for Receipt of BidDocument : DL 19/10/2024 up to 01.00P.M
4. Date &Time of Opening of technical BID : Dt 21/10/2024 at 11.00A.M
7. Period of Contract : 01(One)Year
8. Earnest Money Deposit : Rs.20,000/-

Further details can be seen from the e-procurement portal i.e. http://www.odagaonnac.in

Sd/- Executive Officer
NAC, Odagaon

OIPR-13142/11/0006/2425

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୪ ଅକ୍ଟୋବର ୨୦୨୪ ଶୁକ୍ରବାର





# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଇସିୟୁ କାର୍ଯ୍ୟକ୍ଷମ ହୋଇପାରୁନି

**ନୟାଗଡ଼, ନ୍ୟୁଜ୍ ବ୍ୟୁରୋ**

ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୬ ବର୍ଷ ହେଲା ଆଇସିୟୁ କାର୍ଯ୍ୟକ୍ଷମ ହୋଇପାରୁନି । ଫଳରେ ଜିଲ୍ଲାବାସୀ ଗୁରୁତର ରୋଗୀଙ୍କୁ କଟକ କିମ୍ବା ଭୁବନେଶ୍ୱର ନେବାକୁ ବାଧ ହେଉଥିବା ବେଳେ ବହୁ ରୋଗୀ ମୃତ୍ୟୁ ମୁଖରେ ପଡୁଛନ୍ତି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରକ୍ତ ପରୀକ୍ଷା କେନ୍ଦ୍ର ନିକଟରେ ରହିଥିବା ଆଇସିୟୁ ଏବେ ୧୦୦ ଶର୍ଯ୍ୟା ବିଶିଷ୍ଟ କୋଠାକୁ ଘୁଞ୍ଚିଛି । ଉକ୍ତ ଆଇସିୟୁ ୨୦୧୮ ଅଗଷ୍ଟରେ ଉଦ୍‌ଘାଟନ ହୋଇଥିଲା । ଉକ୍ତ ସ୍ଥାନରେ ରୋଗୀଙ୍କୁ ଡାଏଲିସିସ୍ ସେବା ଯୋଗାଇ ଦିଆଯିବା ସହ ଆଇସିୟୁର ବ୍ୟବସ୍ଥା ମଧ ରହିଛି । ବର୍ତ୍ତମାନ ଡାଏଲିସିସ୍ ସେବା ଉପଲବ୍ଧ ରହିଥିବା ବେଳେ ୬ ବର୍ଷ ବିତିଗଲା ପରେ ମଧ ଆଇସିୟୁ ସେବାରୁ ବଞ୍ଚିତ ହେଉଛନ୍ତି ଜିଲ୍ଲାବାସୀ । ଉକ୍ତ କୋଠରୀରେ ୧୦ ଶଯ୍ୟା ବିଶିଷ୍ଟ



ଆଇସିୟୁ ବ୍ୟବସ୍ଥା ରହିଛି । କିନ୍ତୁ ଦିନକ ପାଇଁ ତାହା ରୋଗୀଙ୍କ କାମରେ ଲାଗି ପାରିନାହିଁ । ଆଇସିୟୁରେ ନିୟୋଜିତ ହେବାପାଇଁ ତାଲିମ୍‌ପ୍ରାପ୍ତ ଡାକ୍ତର ନଥିବା ନେଇ ଚିକିତ୍ସାଳୟ କର୍ତ୍ତୃପକ୍ଷ କହୁଥିବା ବେଳେ ଆଇସିୟୁକୁ ଆବଶ୍ୟକ ଅକ୍ସିଜେନ୍ ପାଇପ୍ ଲାଇନ୍ ସଂଯୋଗ ହୋଇନଥିବା ମଧ ଏହାର ଏକ କାରଣ ବୋଲି ଜଣାପଡ଼ିଛି । ପ୍ରତିଦିନ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆଇସିୟୁ ଆବଶ୍ୟକ ପଡୁଥିବା ଗୁରୁତର ରୋଗୀ ଏଠାକୁ ଆସନ୍ତି କିନ୍ତୁ ସେମାନଙ୍କୁ ପ୍ରାଥମିକ ଚିକିତ୍ସା ପ୍ରଦାନ କରାଯିବା ପରେ କଟକ କିମ୍ବା ଭୁବନେଶ୍ୱରକୁ ପଠାଇ ଦିଆଯାଉଥିବା ଅଭିଯୋଗ ହେଉଛି । ଏହାଦ୍ୱାରା ରୋଗୀମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସାଧାରଣତଃ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଉନ୍ନତ ଚିକିତ୍ସା ସେବା ପାଇବା ଲାଗି ରୋଗୀମାନେ ଆଶା ରଖୁଥିବା ବେଳେ ଏଠାକାର ଅବ୍ୟବସ୍ଥା ଦେଖିବା ପରେ ସେମାନେ ନିରାଶ ହୋଇପଡୁଛନ୍ତି । ଆଇସିୟୁ ବ୍ୟବସ୍ଥା ରହିଥିଲେ ମଧ ରାଜ୍ୟ ସରକାର ଡାକ୍ତର ଯୋଗାଇବାରେ ବିଫଳ ହୋଇପଡୁଥିବା କହି ରୋଗୀମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି । ଆଇସିୟୁ ଥାଇ ମଧ କାର୍ଯ୍ୟକ୍ଷମ ହୋଇପାରୁନଥିବା ବିଷୟ ନୟାଗଡ଼ ଜିଲ୍ଲାରେ ମଧ ସ୍ୱାସ୍ଥ୍ୟ ବିଭାଗର ଅବହେଳାକୁ ସ୍ପଷ୍ଟ କରୁଛି । ଏନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧିକ୍ଷକ ଡା. ଅଜୟ କୁମାର ବାହିନୀପତି କହିଛନ୍ତି, ୨୪ ଘଣ୍ଟିଆ ଆଇସିୟୁ ଚଳାଇବା ଲାଗି ଆବଶ୍ୟକ ଡାକ୍ତର ନାହାନ୍ତି । କିଛି ମାସ ତଳେ ୨ଜଣ ଡାକ୍ତର ଏବଂ ୨ଜଣ ଷ୍ଟାଫ ନର୍ସ ତାଲିମ ନେଇ ଫେରିଛନ୍ତି ଆଉ ୩ ଜଣ ଡାକ୍ତର ତାଲିମ୍ ପାଇଁ ଯିବେ । ତାଲିମ୍‌ପ୍ରାପ୍ତ ଡାକ୍ତର ଆସିଲେ ଆଇସିୟୁ ସେବା ଆରମ୍ଭ ହୋଇପାରିବ । ଅକ୍ସିଜେନ୍ ବ୍ୟବସ୍ଥା ମଧ ତୁରନ୍ତ ହୋଇପାରିଲେ ଆଗାମୀ ଫେବୃଆରୀ ସୁଦ୍ଧା ଆଇସିୟୁକୁ କାର୍ଯ୍ୟକ୍ଷମ କରିହେବ ବୋଲି ସେ କହିଛନ୍ତି ।

# କ୍ୟାପିଟାଲ୍ ହସ୍ପିଟାଲ୍‌ରେ ମାଷ୍ଟରପ୍ଲାନ୍ କାର୍ଯ୍ୟକାରୀ ହେବାରେ ବିଳମ୍ବ



**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

କ୍ୟାପିଟାଲ୍ ହସ୍ପିଟାଲ୍‌ର ନବକଳେବର ହୋଇ ଯୋଡ଼ି ହୋଇଛି ପିଜିଆଇ । ରାଜଧାନୀରେ ଜନସଂଖ୍ୟା ୧୨ ଲକ୍ଷ ପାର କଲାଣି । ଏହା ସହିତ ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ରୁ ମଧ ଅନେକ ରୋଗୀ ଏଠାକୁ ଆସୁଛନ୍ତି । ଏହି ହସ୍ପିଟାଲ୍‌ରେ ଦୈନିକ ରୋଗୀ ସଂଖ୍ୟା ୫ ହଜାର ଟପିଛି । ଏଠାରେ ଉତ୍ତମ ସେବା ପ୍ରଦାନ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ମାଷ୍ଟରପ୍ଲାନ୍ କରାଯାଇଥିଲା । ହେଲେ ଏବେ ଏହି ମାଷ୍ଟରପ୍ଲାନ୍ କାର୍ଯ୍ୟ ତ୍ୱରାନ୍ୱିତ ହୋଇନାହିଁ । ରୋଗୀଙ୍କ ତୁଳନାରେ ମାନବସମ୍ବଳ, ଭିତ୍ତିଭୂମି ଏବଂ ଆନୁସଙ୍ଗିକ ବ୍ୟବସ୍ଥା ନାହିଁ । ଫଳରେ ରୋଗୀ ଉତ୍ତମ ସେବା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି । ରାଜଧାନୀ ସମେତ ଏହାର ଉପକଣ୍ଠ, ପୁରୀ, ନୟାଗଡ଼ ସମେତ ଖୋର୍ଦ୍ଧାର ଜିଲ୍ଲାବାସୀଙ୍କ ପାଇଁ ଭରସା ସାଜିଛି କ୍ୟାପିଟାଲ୍ ହସ୍ପିଟାଲ୍ । ଏହାକୁ ଗୁରୁତ୍ୱ ଦେଇ ହସ୍ପିଟାଲ୍‌ର ଉନ୍ନତିକରଣ ପାଇଁ ମାଷ୍ଟରପ୍ଲାନ୍ କରାଯାଇଥିଲା । ଏଠାରେ ପିଜିଆଇଏମ୍‌ଇଆର୍ ସହିତ କ୍ୟାପିଟାଲ୍ ହସ୍ପିଟାଲ୍ କାର୍ଯ୍ୟ କରୁଥିବାବେଳେ ଉନ୍ନତମାନର ସେବା ଓ ରୋଗୀଙ୍କ ଭିଡ଼ କମାଇବାକୁ ହସ୍ପିଟାଲ୍‌କୁ ସମ୍ପ୍ରସାରିତ କରିବାକୁ ଯୋଜନା ହୋଇଥିଲା । ହସ୍ପିଟାଲ୍ ନିକଟରେ ଥିବା ସରକାରୀ କ୍ୱାର୍ଟର୍ସ ଉଚ୍ଛେଦ ହେବାକୁ ଏବଂ ଏଠାରେ ମୋଟ ୨ ହଜାର ଶଯ୍ୟା ପାଇଁ ଯୋଜନା ହୋଇଥିଲା । ସେହିପରି ପୁରୁଣା କୋଠାକୁ ଭଙ୍ଗାଯାଇ ସୁଉଚ୍ଚ କୋଠା ନିର୍ମାଣ କରାଯିବ । ପ୍ରଥମେ ଏମ୍‌ସିଏଚ୍ ନିକଟରେ ଗୃହ ନିର୍ମାଣ କରାଯାଇ ସେଠାକୁ କିଛି ବିଭାଗକୁ ସ୍ଥାନାନ୍ତର କରାଯିବ । ପର୍ଯ୍ୟାୟକ୍ରମେ ସବୁ ପୁରୁଣା ଘରକୁ ଭଙ୍ଗାଯାଇ ନୂତନ ଗୃହ ନିର୍ମାଣ କରାଯାଇ କର୍ପୋରେଟ୍ ହସ୍ପିଟାଲ ଢାଞ୍ଚାରେ ସମସ୍ତ ସୁବିଧା ଯୋଗାଇ ଦେବାକୁ ସ୍ଥିର ହୋଇଥିଲା । ଗୋଟିଏ ସ୍ଥାନରେ ଓଟିରୁ ନେଇ ଓପିଡି ଏବଂ ପାଥୋଲୋଜିରୁ ବିବରଣୀ ମିଳିବା ନେଇ ନିଷ୍ପତ୍ତି ହୋଇଥିଲା । ମୋଟ ୭୦ ଏକର ଜାଗାରେ ମାଷ୍ଟରପ୍ଲାନ୍ ନୀଳନକ୍ସା କରାଯାଇଥିଲା । ଟ୍ରମା କେୟାର ୟୁନିଟ୍‌ରୁ ନେଇ ସ୍ୱୟଂସମ୍ପୂର୍ଣ୍ଣ କର୍କଟ କେନ୍ଦ୍ର ସହିତ ସ୍ୱାସ୍ଥ୍ୟବିଜ୍ଞାନ ବିଶ୍ୱବିଦ୍ୟାଳୟ ହେବା ନେଇ ଯୋଜନା କରାଯାଇଥିଲା । ତେବେ ନୂଆ ସରକାର ଆସିବା ପରେ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିନାହିଁ । ମନ୍ତ୍ରୀ ସମୀକ୍ଷା କରିବା ପରେ ଏ ଦିଗରେ କାର୍ଯ୍ୟ ଅଗେଇବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ଡିଜିଟାଲ୍ ଓଜନରେ ଠକେଇ, ଗ୍ରାହକ ଲୁଟ୍‌ର ଶିକାର

**ନୟାଗଡ଼, ନ୍ୟୁଜ୍ ବ୍ୟୁରୋ**

ଦିନକୁ ଦିନ ବଜାରରେ ବଢ଼ୁଛି ଠକେଇ । ସଠିକ୍ ଓଜନ ଦେଉଥିବା କହି ଗ୍ରାହକଙ୍କୁ ଲୁଟୁଛନ୍ତି ଅସାଧୁ ବ୍ୟବସାୟୀ । ନୟାଗଡ଼ ସହରର କେତେକ ଫଳ ବ୍ୟବସାୟୀଙ୍କ ସହିତ ଆମିଷ ବଜାରରେ ଦିନକୁ ଦିନ ବେପାରୀମାନେ ଏଭଳି ଅସାଧୁ ଉପାୟ ଆପଣାଉଥିବା ନଜରକୁ ଆସୁଛି । ବୈଧମାପ ବିଜ୍ଞାନ ବିଭାଗର ଅଧିକାରୀଙ୍କ ଆଖିଦୃଶିଆ ପଦକ୍ଷେପ ନଥିବା ଯୋଗୁଁ ଅସାଧୁ ବ୍ୟବସାୟୀମାନେ ଗ୍ରାହକଙ୍କୁ ଲୁଟିବାରେ ଲାଗିଛନ୍ତି । ଫଳରେ ବହୁ ଗ୍ରାହକ ଏଭଳି ଠକେଇର ଶିକାର ହେଉଛନ୍ତି । ଦିନ ଥିଲା ବ୍ୟବସାୟୀମାନେ ହାତରେ ନିକିତି ଧରି ଓଜନ କରୁଥିଲେ କିନ୍ତୁ ଏବେ ଯୁଗ ବଦଳିଛି । ପ୍ରାୟତଃ ବ୍ୟବସାୟୀଙ୍କ ପାଖରେ ଉପଲବ୍ଧ ରହିଛି ଡିଜିଟାଲ୍ ଓଜନ ଯନ୍ତ୍ର । ଡିଜିଟାଲ୍ ଯନ୍ତ୍ରରେ ଓଜନ କରିବା ଦ୍ୱାରା ତାହା ସଠିକ୍ ହୋଇଥାଏ ବୋଲି ଗ୍ରାହକଙ୍କ ବିଶ୍ୱାସ ଆଉ ସେହି ବିଶ୍ୱାସର ଫାଇଦା ଉଠାଉଛନ୍ତି ଅସାଧୁ ବ୍ୟବସାୟୀ । ସହରର ଆମିଷ ବ୍ୟବସାୟୀଙ୍କ ସମେତ କେତେକ ଫଳ ବ୍ୟବସାୟୀ ଡିଜିଟାଲ୍ ଓଜନ ଯନ୍ତ୍ର ସାହାଯ୍ୟରେ ଗ୍ରାହକଙ୍କୁ ଠକୁଥିବା ଅଭିଯୋଗ ହୋଇଛି । ବିଶେଷ କରି ଆମିଷ କିଣିବା ବେଳେ ୧ କି.ଗ୍ରାର ଆମିଷ ବରାଦ କଲେ ସେଥିରୁ ୧୫୦ରୁ ୨୦୦ ଗ୍ରାମ୍ ଓଜନ ଠକେଇ ହେଉଥିବା ଅଭିଯୋଗ ହେଉଛି । ଯନ୍ତ୍ରରେ ଓଜନ ସଠିକ୍ ଦେଖାଉଥିଲେ ମଧ ମିଟର ଫିକ୍ସିଂ କରାଯାଉଥିବା ନେଇ ମଧ ଅଭିଯୋଗ ଉଠୁଛି । ଫଳରେ ଗ୍ରାହକମାନେ ଏହି ଠକେଇ ସମ୍ପର୍କରେ ସୁରାକ୍ ପାଇପାରିନଥାନ୍ତି । ସହରରେ ବୈଧମାପ ବିଜ୍ଞାନ ବିଭାଗର କାର୍ଯ୍ୟାଳୟ ରହିଥିଲେ ମଧ ଅସାଧୁ ବ୍ୟବସାୟୀମାନେ ନିର୍ଭୟରେ ଠକେଇ କରୁଥିବା ଦେଖିବାକୁ ମିଳୁଛି । ବିଭାଗ ପକ୍ଷରୁ ପ୍ରତି ମାସରେ ସଠିକ୍ ଭାବେ ଯାଞ୍ଚ କରାଯାଉଛି କି ନାହିଁ, ଯନ୍ତ୍ରରେ ଫିକ୍ସିଂ କରାଯାଇଥିବା ଜଣାପଡ଼ିଲେ ଜରିମାନା କରାଯାଉଛି କି ନାହିଁ, ଏଭଳି ଅନେକ ପ୍ରଶ୍ନ ଗ୍ରାହକଙ୍କ ମନରେ ଉଙ୍କି ମାରୁଛି । ତୁରନ୍ତ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ଅସାଧୁ ବ୍ୟବସାୟୀଙ୍କ ଉପରେ ଉଚିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି ।

# ଠେଲକୋଇରେ ପ୍ଲାଷ୍ଟିକ୍ ଓ ଆବର୍ଜନା ମୁକ୍ତ ବିଦ୍ୟାଳୟ ଘୋଷିତ



**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ଗାନ୍ଧୀ ଜୟନ୍ତୀ ଶୁଭ ଅବସରରେ, ଉନ୍ନତ ମଧମ ବିଦ୍ୟାଳୟ ଠେଲକୋଲାଇରେ ପ୍ଲାଷ୍ଟିକ ମୁକ୍ତ ଏବଂ ଆବର୍ଜନା ମୁକ୍ତ ବିଦ୍ୟାଳୟର ଘୋଷଣା ସମାରୋହ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଗୁଣନିଧି ନାୟକ ଅଧକ୍ଷତା କରିଥିବାବେଳେ ଏହାକୁ ଫିଡ୍‌ବ୍ୟାକ୍ ଫାଉଣ୍ଡେସନ୍‌ର ପ୍ରକାଶ ପାନି ସଂଯୋଜନା କରିଥିଲେ । ଗାନ୍ଧିଜୀ ଏବଂ ଲାଲ ବାହାଦୂର ଶାସ୍ତ୍ରୀଙ୍କ ଫଟୋ ଚିତ୍ର ଉପରେ ଫୁଲ ଅର୍ପଣ କରି ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଏହି କାର୍ଯ୍ୟକୁ ରେଙ୍ଗାଲୀ ବିଡ଼ିଓ କୃଷ୍ଣଚନ୍ଦ୍ର ଦଳପତ ଏବଂ ଜେଏସ୍‌ଡବ୍ଲୁ (ସିଏସ୍‌ଆର୍ ହେଡ୍) ବିଶାଲ ରାଜ୍ ମିଳିତ ଭାବେ ଦୀପ ଜାଳି ଉଦ୍ଘାଟନ କରିଥିଲେ । ଏହି କାର୍ଯ୍ୟକୁ ସମ୍ବୋଧିତ କରି ବିଡ଼ିଓ କହିଛନ୍ତି ଯେ ସ୍ୱଚ୍ଛ ହିଁ ସେବା ଅଭିଯାନର ଅଧିନରେ ଗାନ୍ଧିଜୀଙ୍କ ଜନ୍ମ ବାର୍ଷିକୀ ଅବସରରେ ନବୀକରଣ ହୋଇଥିବା ମଧମ ବିଦ୍ୟାଳୟ ଠେଲକୋଲୋଇ ନିଜକୁ ପ୍ଲାଷ୍ଟିକ୍ ମୁକ୍ତ ବୋଲି ଘୋଷଣା କରି ସମଗ୍ର ରେଙ୍ଗାଲି ବ୍ଲକ୍‌ରେ ପ୍ରଥମ ସ୍ଥାନ ଅଧିକାର କରିଛି । ଅଳିଆ ମୁକ୍ତ ବିଦ୍ୟାଳୟ ଏହି ପଞ୍ଚାୟତ ତଥା ସମଗ୍ର ରେଙ୍ଗାଲୀ ବ୍ଲକ ପାଇଁ ସମ୍ମାନର ବିଷୟ । ଏହି କାର୍ଯ୍ୟକୁ ସମ୍ବୋଧିତ କରି ବିଶାଲ୍ ରାଜ୍ କହିଛନ୍ତି ଯେ ଏହି କାର୍ଯ୍ୟକ୍ରମ ଆୟୋଜନ କରି ଅପ୍‌ଗ୍ରେଡ୍ ମିଡିଲ୍ ସ୍କୁଲ୍ ଠେଲକୋଲୋଇ ପ୍ରମାଣିତ କରିଛନ୍ତି ଯେ କିଛି ଅସମ୍ଭବ ନୁହେଁ, ଯଦି ଜଣେ ବ୍ୟକ୍ତି ତାଙ୍କ ମନରେ ସ୍ଥିର ହୁଏ ତେବେ ଅସମ୍ଭବ ମଧ ସମ୍ଭବ ହୋଇପାରିବ । ଏହି କାର୍ଯ୍ୟକୁ ସମ୍ବୋଧିତ କରି ବ୍ଲକ ଶିକ୍ଷା ଅଧିକାରୀ ମହେନ୍ଦ୍ର ବାଗ କହିଛନ୍ତି ଯେ ଶିକ୍ଷା ବିଦ୍ୟାଳୟର ପରିସରକୁ ପ୍ଲାଷ୍ଟିକ୍ ମୁକ୍ତ ଏବଂ ଆବର୍ଜନା ମୁକ୍ତ ଘୋଷଣା କରାଯାଇଛି, ଯାହା ରେଙ୍ଗାଲୀ ବ୍ଲକର ପ୍ରଥମ ବିଦ୍ୟାଳୟ ଏହି ଅବସରରେ ଫିଡ୍‌ବ୍ୟାକ୍ ଫାଉଣ୍ଡେସନ୍ ସଂଗଠନର ସାନ୍ତୋଷ କୁମାର ପାଣ୍ଡେ କହିଛନ୍ତି ଯେ ଫିଡ୍‌ବ୍ୟାକ୍ ଫାଉଣ୍ଡେସନ୍ ସଂଗଠନ ଜେଏସ୍‌ଡବ୍ଲୁ ସହାୟତାରେ ଠେଲକୋଲାଇରେ କାର୍ଯ୍ୟ କରିବା ଦିନଠାରୁ ପର୍ଯ୍ୟାୟକ୍ରମେ ଆଚରଣ ପରିବର୍ତ୍ତନ ଉପରେ ଏକ କାର୍ଯ୍ୟକ୍ରମ ଚାଲୁ ରହିଛି ।

# ସାକ୍ଷିଗୋପାଳ ମନ୍ଦିର ପ୍ରତି ଅଣଦେଖା:ତୀର୍ଥଯାତ୍ରୀ ମୌଳିକ ସୁବିଧାରୁ ବଞ୍ଚିତ

**ସାକ୍ଷିଗୋପାଳ, ନ୍ୟୁଜ୍ ବ୍ୟୁରୋ**

ଶ୍ରୀଦ୍ୱାରିକା, ଶ୍ରୀବଦ୍ରୀନାଥ, ଶ୍ରୀରାମେଶ୍ୱର ଓ ଶ୍ରୀଜଗନ୍ନାଥ ଏହି ୪ଧାମ ଦର୍ଶନ ପରେ ତୀର୍ଥଯାତ୍ରୀଙ୍କୁ ପୁଣ୍ୟ ପ୍ରାପ୍ତି ହୋଇଥାଏ । ଆଉ ଶ୍ରୀଜଗନ୍ନାଥ ଧାମ ଆସି ସାକ୍ଷିଗୋପାଳରେ ପ୍ରଭୁ ଶ୍ରୀଶ୍ରୀ ଗୋପାଳ ଜୀଉଙ୍କୁ ଦର୍ଶନ ନକଲେ ପୁଣ୍ୟ ଫଳ ଅପୂର୍ଣ୍ଣ ରହିଥାଏ ବୋଲି ବିଶ୍ୱାସ ରହିଛି । କିନ୍ତୁ ଏଠାକୁ ଆସୁଥିବା ତୀର୍ଥଯାତ୍ରୀଙ୍କୁ ମୌଳିକ ଆବଶ୍ୟକତା ଯୋଗାଇବାରେ ମନ୍ଦିର ତଥା ସ୍ଥାନୀୟ ଜିଲ୍ଲା ପ୍ରଶାସନ ଆଖି ବୁଜି ଦେଇଛି । ସ୍ଥାନୀୟ ରାଜନେତା ଏବଂ ଉଚ୍ଚପଦସ୍ଥ ଅଧିକାରୀ ଏ ଦିଗରେ କେବଳ ମିଛ ପ୍ରତିଶ୍ରୁତି ଦେଇ ଚାଲିଛନ୍ତି । ରାଜ୍ୟ ଦେବୋତ୍ତର ଆୟୁକ୍ତଙ୍କ ଅଧୀନରେ ଥିବା ଏହି ପୁରାତନ ମନ୍ଦିରର ଦେବନୀତି ପରିଚାଳନା, ଆୟବ୍ୟୟ ଓ ଦୈନିକ ପରିଚାଳନା ନିମନ୍ତେ ଏଠାରେ ମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟ ରହିଛି । ଅଧିକ ଶୃଙ୍ଖଳିତ ଓ ସ୍ୱଚ୍ଛ ପରିଚାଳନା ପାଇଁ ସାକ୍ଷିଗୋପାଳ ମନ୍ଦିର ନିମନ୍ତେ ଦେବୋତ୍ତର ବିଭାଗ ଏକ ନିୟମ କାର୍ଯ୍ୟକାରୀ କରିଛନ୍ତି । ତଦନୁଯାୟୀ ମନ୍ଦିର ସ୍ଥାୟୀ କମିଟି ଗଠନକୁ ଉପେକ୍ଷା କରାଯାଇ ବାରମ୍ବାର କାମଚଳା କମିଟି କରାଯାଉଛି । ଏବେ ପରିଚାଳନା କମିଟିରେ ସତ୍ୟବାଦୀ ତହସିଲଦାର, ସତ୍ୟବାଦୀ ଥାନାଧିକାରୀ, ସତ୍ୟବାଦୀ ବିଡ଼ିଓ, ସାକ୍ଷିଗୋପାଳ ପ୍ରାଣୀ ଚିକିତ୍ସକଙ୍କ ସହିତ ସ୍ଥାନୀୟ ସେବାୟତ ପ୍ରତାପ କୁମାର ମହାପାତ୍ରଙ୍କୁ ଦାୟିତ୍ୱ ଦିଆଯାଇଛି କିନ୍ତୁ ଆଜି ପର୍ଯ୍ୟନ୍ତ ପରିଚାଳନା ପରିଷଦର ବୈଠକ ଅନୁଷ୍ଠିତ ହୋଇପାରିନାହିଁ । ମନ୍ଦିର କାର୍ଯ୍ୟାଳୟରେ କାର୍ଯ୍ୟନିର୍ବାହୀ ଅଧିକାରୀ ରହିଥିଲେ ମଧ ଅବ୍ୟବସ୍ଥାରେ ସୁଧାର ଆସୁନାହିଁ । ଦୈନିକ ସଠିକ୍ ଦେବନୀତି, ପହୁଡ଼ ଓ ଶ୍ରଦ୍ଧାଳୁଙ୍କର ଦର୍ଶନ ସହିତ ମନ୍ଦିର ନିକଟରେ ମୌଳିକ ଓ ପ୍ରାଥମିକ ସୁବିଧା ଯୋଗାଇଦେବା ନେଇ ମନ୍ଦିର ପ୍ରଶାସନ ଅବହେଳା କରୁଥିବା ଅଭିଯୋଗ ହୋଇଛି । ବିଭିନ୍ନ ଆଳରେ ଯାତ୍ରୀମାନେ ଆର୍ଥିକ ଶୋଷଣର ସମ୍ମୁଖୀନ ହେବା ଘଟଣା ସାଧାରଣରେ ଆଲୋଚନାର ବିଷୟ ହୋଇଛି । ପୁରୀ ଜିଲ୍ଲା ସହ ରାଜ୍ୟ ତଥା ରାଜ୍ୟ ବାହାରେ ସାକ୍ଷିଗୋପାଳ ଠାକୁରଙ୍କ ରହିଥିବା ଶହ ଶହ ଏକର ଭୂସମ୍ପତ୍ତିର ଆୟ, ପୋଖରୀ, ନଡ଼ିଆ, ବଗିଚା, ଧାନ, କେତକୀ, ଗୁଆ ଓ ବଦାନ୍ୟ ବ୍ୟକ୍ତିଙ୍କ ଦାନ, ଘରଭଡ଼ା ଓ ବ୍ୟାଙ୍କ ସୁଧ ଆଦି ବିଭିନ୍ନ ସୂତ୍ରରୁ ଲକ୍ଷ ଲକ୍ଷ ଟଙ୍କାର ଆୟ ତୀର୍ଥଯାତ୍ରୀଙ୍କ ସେବାରେ ଲାଗୁନି । ପାର୍କିଂ ସ୍ଥଳରୁ ଦୈନିକ ହଜାର ହଜାର ଟଙ୍କା ଆଦାୟ କରାଯାଉଛି । ମାତ୍ର ଯାତ୍ରୀଙ୍କ ବିଶ୍ରାମ, ରୋଷେଇ, ଶୌଚ, ପାନୀୟ ଜଳ, ବିଶ୍ରାମ ଓ ରାତ୍ରି ରହଣି, ଅଲୋକି କରଣ ବ୍ୟବସ୍ଥା ବର୍ଷ ବର୍ଷ ଧରି ଏଠାରେ ସାତ ସପନ ହୋଇଛି । ବିଶେଷ ଭାବେ ବରିଷ୍ଠ ନାଗରିକ ଓ ମହିଳା ତୀର୍ଥଯାତ୍ରୀ ଅନ୍ଧାର ରାତିରେ ମନ୍ଦିର ସମ୍ମୁଖ ଠାକୁରଙ୍କ ବିଜେ ଦାଣ୍ଡରେ ରାତ୍ରିଯାପନ କରୁଛନ୍ତି । ବିଜେ ଦାଣ୍ଡରେ ରୋଷେଇ କରି ରାସ୍ତା ଉପରେ ଭୋଜନ କରୁଛନ୍ତି । ସାକ୍ଷିଗୋପାଳ ମନ୍ଦିର ପାନ୍ଥଶାଳା ବର୍ତ୍ତମାନ ଓଡ଼ିଆ ବିଶ୍ୱ ବିଦ୍ୟାଳୟର କାର୍ଯ୍ୟାଳୟ ହୋଇଛି । ଇତିମଧ୍ୟରେ ବହୁ ନେତା, ଅଧିକାରୀ ଆସି ଚାଲିଗଲେଣି । ରାଜ୍ୟରେ ସରକାରଙ୍କ ମଧ ପରିବର୍ତ୍ତନ ହୋଇଛି । ଅଦ୍ୟାବଧି ସାକ୍ଷିଗୋପାଳ ମନ୍ଦିରର କୌଣସି ପରିବର୍ତ୍ତନ ହୋଇପାରିଲାନାହିଁ । ସରକାରଙ୍କ ସ୍ୱଚ୍ଛ ଭାରତ ଓ ପରିମଳ ବ୍ୟବସ୍ଥା ଏଠି ବାଟବଣା । ସ୍ୱଚ୍ଛ ପାନୀୟ ଜଳ ପ୍ରକଳ୍ପ ଏଠାରେ ଅଚଳ ହୋଇପଡ଼ିଛି । ପାଣି ପାଇଁ ମନ୍ଦିର ଓ ଦୋଳବେଦୀ ନିକଟରେ ୨ଟି ନଳକୂପ ରହିଛି ତାହା ମଧ ଅନେକ ସମୟରେ ଅଚଳ ରହୁଛି । ମନ୍ଦିର ପରିଚାଳନାରେ ଅବ୍ୟବସ୍ଥା ଯୋଗୁଁ ତୀର୍ଥଯାତ୍ରୀଙ୍କ ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି । ମନ୍ଦିର ତଥା ତୀର୍ଥଯାତ୍ରୀଙ୍କ ସମସ୍ୟା ସମାଧାନ କରିବା ବଦଳରେ ଦେବୋତ୍ତର ବିଭାଗ କୁମ୍ଭକର୍ଣ୍ଣ ନିଦ୍ରାରେ । ଫଳରେ ତୀର୍ଥଯାତ୍ରୀମାନେ ତିକ୍ତ ଅନୁଭୂତି ନେଇ ଏଠାରୁ ଫେରୁଛନ୍ତି । ମନ୍ଦିରର ସୁପରିଚାଳନା ଏବଂ ତୀର୍ଥଯାତ୍ରୀଙ୍କ ସମସ୍ୟା ସମାଧାନ କରିବା ଦିଗରେ ଦେବୋତ୍ତର ବିଭାଗ ଏବଂ ଜିଲ୍ଲା ପ୍ରଶାସନ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

# ରାସ୍ତା ପାଲଟିଛି ଗୁହାଳ, ଦୁର୍ଘଟଣା ବଢୁଛି

**ରଣପୁରଗଡ଼, ନ୍ୟୁଜ୍ ବ୍ୟୁରୋ**

ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ବିଜ୍ଞାପିତ ଅଞ୍ଚଳ ପରିଷଦରେ ରାସ୍ତାରେ ଗୋରୁଗାଈ ଶୋଇ ରହୁଥିବାରୁ ବହୁ ଦୁର୍ଘଟଣା ଘଟୁଛି । ଏପରିକି ଗୁରୁତର ରୋଗୀଙ୍କୁ ରୋଗୀବୁହା ଯାନ ନେବା ସମୟରେ ଅସୁବିଧା ସୃଷ୍ଟି ହେଉଛି । ମାଲିକମାନେ ସେମାନଙ୍କ ଗୋରୁଗାଈଙ୍କୁ ଛାଡ଼ି ଦେଉଥିବାରୁ ଏଭଳି ଅସୁବିଧା ସ୍ଥିତି ଉପୁଜିଛି । ଏ ସମ୍ପର୍କରେ ରଣପୁର ବିଜ୍ଞପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରଞ୍ଜନ କୁମାର ଦାସ କହିଛନ୍ତି, ଜନ ସଚେତନତା ସୃଷ୍ଟି ପାଇଁ ରାସ୍ତାକୁ ଗାଈଗୋରୁ ନଛାଡ଼ିବା ପାଇଁ ଡ଼ାକବାଜି ଯନ୍ତ୍ରଯୋଗେ ଜଣାଇ ଦିଆଯାଇଥିଲା । ଆଗାମୀ କାଉନ୍‌ସିଲ୍ ବୈଠକରେ ଏ ବିଷୟରେ ଆଲୋଚନା କରାଯିବ ନିଷ୍ପତ୍ତି ପରେ ପଦକ୍ଷେପ ନିଆଯିବ ।

# ସ୍ୱଚ୍ଛତା ସୁସ୍ଥ ସମାଜ ଗଠନରେ ସହାୟକ ହେବ:ମନ୍ତ୍ରୀ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରେ ସ୍ୱଚ୍ଛତା ହିଁ ସେବା ମାଧମରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ବ୍ରହ୍ମପୁର ଗାନ୍ଧୀନଗର ଛକ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ସ୍ୱଚ୍ଛ ଭାରତ ଅଭିଯାନ ଦଳର ବରିଷ୍ଠ ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତିଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ସରକାରଙ୍କ ବାଣିଜ୍ୟ ଓ ପରିବହନ ଏବଂ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ରାଷ୍ଟ୍ରୀୟ ମହିଳା ମୋର୍ଚ୍ଚା ଅଧକ୍ଷା ଭି. ଶ୍ରୀନିଭାସନ ପ୍ରମୁଖଙ୍କ ସମେତ ରାଜ୍ୟ ମହିଳା ମୋର୍ଚ୍ଚାର ବହୁ ପଦାଧିକାରୀ ଏବଂ ଗଞ୍ଜାମ ଜିଲ୍ଲାର ବହୁ ବରିଷ୍ଠ ନେତୃବୃନ୍ଦ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଏବଂ ଦଳର ସଦସ୍ୟତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ସ୍ୱଚ୍ଛତା ହିଁ ସୁସ୍ଥ ସମାଜ ଗଠନରେ ସହାୟକ ହୋଇପାରିବ ଏଥିପ୍ରତି ସମସ୍ତେ ସଚେତନ ହେବାକୁ ଓଡ଼ିଶା ସରକାରଙ୍କ ବରିଷ୍ଠ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଥିଲେ । ଯଶସ୍ୱୀ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ସ୍ୱଚ୍ଛ ଭାରତ ମିଶନ ଦଶ ବର୍ଷରେ ପଦାର୍ପଣ କରିଥିବାରୁ ଏହା କେନ୍ଦ୍ର ସରକାରଙ୍କ ଏକ ବଡ଼ ସଫଳତା ବୋଲି ରାଷ୍ଟ୍ରୀୟ ମହିଳା ମୋର୍ଚ୍ଚା ଅଧକ୍ଷା ଭି. ଶ୍ରୀନିଭାସନ କହିଥିଲେ । ଏହି ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମରେ ଦଳର ପୂର୍ବତନ ରାଜ୍ୟ ଉପସଭାପତି କୁଞ୍ଜବିହାରୀ ପାଣିଗ୍ରାହୀ, ବ୍ରହ୍ମପୁର ଲୋକସଭା କ୍ଷେତ୍ର ସଂଯୋଜକ ସରୋଜ ସାବତ, ବରିଷ୍ଠ ନେତା ସୁରେଶ ପାଢ଼ୀ, ଶସୀ ପଟ୍ଟନାୟକ, କାମନା ପାଢ଼ୀ, ଗୌରୀ ଶଙ୍କର ସାମନ୍ତରା, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାତ କିରଣ ଷଡ଼ଙ୍ଗୀ, ରାମ କୁମାର ପାତ୍ର, ଆସ୍କା, ବ୍ରହ୍ମପୁର ଏବଂ କନ୍ଧମାଳ ତିନୋଟି ଲୋକସଭା କ୍ଷେତ୍ର ଦାୟିତ୍ୱରେ ଥିବା ଦଳର ବରିଷ୍ଠ ନେତା ସୁନିଲ କୁମାର ସାହୁ, ବରିଷ୍ଠ ଆଇନଜୀବୀ ତଥା ବିଜେପି ନେତା ପିତବାସ ପଣ୍ଡା, ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ତୁତୁନ ପାତ୍ର, ରାଜ୍ୟ ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ବବିତା ପାତ୍ର, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଶିବ ଶଙ୍କର ନାୟକ, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ମହନ୍ତ ଚିନ୍ମୟାନନ୍ଦ ଦାସ, ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ମଦନ ମୋହନ ପାତ୍ର, ଏଲ ମହୋନ ଦାସ, ରାଜେଶ ସାହୁ, ସୁନିଲ ପାତ୍ର, ମଣ୍ଡଳ ସଭାପତି ଗୋପିନାଥ ପଣ୍ଡା, ଭାବଗ୍ରାହୀ ପାଳ, ସରୋଜ ପାତ୍ର, ପ୍ରଫୁଲ୍ଲ ପାଣିଗ୍ରାହୀ, କେ. ଟୁଙ୍ଗୁରୁ ପାତ୍ର, କୃଷ୍ଣଚନ୍ଦ୍ର ଚୌଧୁରୀ, ଧର୍ମରାଜ ପାଣିଗ୍ରାହୀ, ଅଭିମନ୍ୟୁ ସାହୁ, ଡ଼ା. ଅମୂଲ୍ୟ ଚୌଧୁରୀ, ରତ୍ନଗର୍ଭା ସରସ୍ୱତୀ ଦେବୀ, ଏସ୍. ରାଣୀ, ନିବେଦିତା ପାଢ଼ୀ, ବିରେନ ପଟ୍ଟନାୟକ, କୁଞ୍ଜବିହାରୀ ପଣ୍ଡା, ଏସ୍. ଶ୍ରୀନିବାସ, ପ୍ରବୀର ପାତ୍ର, ରଜତ ପଣ୍ଡିତ, ପଦ୍ମ ଚରଣ ନାୟକ, ବିପିନ ଦାସ, ପ୍ରଫୁଲ୍ଲ ସାହୁ, ଧନୁ ପାଣିଗ୍ରାହୀ, ପ୍ରଦୀପ ମିଶ୍ର, ଜି. ରାଜେନ୍ଦ୍ର ପ୍ରସାଦ, ସାଗର ମୁଖୀ, ସନ୍ତୋଷ ପାଣିଗ୍ରାହୀ, ଜିଲ୍ଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ କେ. ରବି ରାଓ, ସମ୍ପାଦକ କମଲ ପାତ୍ର, ବାଙ୍କାନିଧି ସେଠୀ, ଏ. ବାବୁଲା ପାତ୍ର, ରବି ନାରାୟଣ ସାବତ, ପ୍ରଦୀପ ପୃଷ୍ଟି, ଆନନ୍ଦ ମହାଙ୍କୁଡ଼, ଅମର ସାହୁ, ଶକ୍ତି ପଟ୍ଟନାୟକ, ମନୋଜ ମହାରଣା, କୃଷ୍ଣ ପଲେଇ, ଚିନ୍ମୟ ପଟ୍ଟନାୟକ, ସୁନିଲ ମହାରଣା, ରବିନ୍ଦ୍ର ସାହୁ, ମନୋଜ ପାଢ଼ୀ, ବର୍ଷା ବିଦ୍ୟୁସ୍ମିତା, ମଧୁସ୍ମିତା ଠାକୁର ପ୍ରମୁଖଙ୍କ ସମେତ ଶତାଧିକ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।




# ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପାଟଣା ଓ ତେଲକୋଇରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଉଦ୍‌ଘାଟିତ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ଝାଡ଼ଖଣ୍ଡ ଗସ୍ତ ଅବସରରେ ଆଭାସୀ ମାଧମରେ ଦେଶର ବିଭିନ୍ନ ବ୍ଲକରେ ୪୦ଟି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଉଦ୍‌ଘାଟନ କରିଛନ୍ତି । ଏହିକ୍ରମରେ କେନ୍ଦୁଝର ଜିଲ୍ଲାର ତେଲକୋଇ ଓ ପାଟଣା ବ୍ଲକରେ ମଧ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଉଦ୍‌ଘାଟିତ ହୋଇଛି । ଏହି ଅବସରରେ ପାଟଣା ବ୍ଲକରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କେନ୍ଦୁଝରର ସାଂସଦ ଅନନ୍ତ ନାୟକ ଓ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଯୋଗ ଦେଇଥିବା ବେଳେ ତେଲକୋଇ ବ୍ଲକରେ ତେଲକୋଇ ବିଧାୟକ ଡ଼ା. ଫକୀର ମୋହନ ନାଏକ ଅନ୍ୟାନ୍ୟ ଅଧିକାରୀ ଓ ସ୍ଥାନୀୟ ଅଧିବାସୀଙ୍କ ସହଯୋଗ ଦେଇଥିଲେ । ସୂଚନାଯୋଗ୍ୟ ଆଦିବାସୀ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ (ଇଏମ୍‌ଆର୍‌ଏସ୍) ଭାରତ ସରକାରଙ୍କ ଏକ ପ୍ରମୁଖ ଯୋଜନା ୫୦ ପ୍ରତିଶତ କିମ୍ବା ତାଠାରୁ ଅଧିକ ଏବଂ ୨୦,୦୦୦ରୁ ଅଧିକ ଅନୁସୂଚିତ ଜନଜାତି ଜନସଂଖ୍ୟା ବିଶିଷ୍ଟ ପ୍ରତ୍ୟେକ ଆଦିବାସୀ ବହୁଳ ବ୍ଲକରେ ଏକଲବ୍ୟ ବିଦ୍ୟାଳୟ ପ୍ରତିଷ୍ଠା କରାଯାଉଛି ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୨ ସାଲ, ଶକାବ୍ଦଃ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୫, କଳିଯୁଗାବ୍ଦଃ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୮ଙ୍କ

**ତା୪।୧୦।୨୦୨୪, ଆଶ୍ୱିନ ଦି୧୯ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ୫।୩୮।୧୫** **ଚନ୍ଦ୍ରୋଦୟ- ପ୍ରାଘ ୬।୪୦।୦୬**

**ଦ୍ୱିତୀୟା-** ନିଘ ୫।୩୧ ପର୍ଯ୍ୟନ୍ତ । **ଚିତ୍ରା ନକ୍ଷତ୍ର-** ସଂଘ ୬।୩୮ ପର୍ଯ୍ୟନ୍ତ । ତୁଳା ଚନ୍ଦ୍ର- ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧନିର୍ଣ୍ଣୟ-** ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବୋଇତି କଖାରୁ ନିଘ ୫।୩୧ ପରେ ପୋଟଳ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୪୧ ଗତେ ଘ ୬।୨୯ ମଧ୍ୟେ। ଦିଘ ୧୧।୫୮ ଗତେ ରାଘ ୩।୦୭ ମଧ୍ୟେ । **ପର୍ବୋତ୍ସବ –** ଦ୍ୱିତୀୟା ଚନ୍ଦ୍ର ଦର୍ଶନ ଓ ପୂଜା ।



**ମେଷ:** ଦୂରଯାତ୍ରାରେ ଆନନ୍ଦ ଲାଭ । ବନ୍ଧୁ ମିଳନରେ ଆପ୍ୟାୟିତ ହେବେ । କର୍ମକ୍ଷେତ୍ରରେ ପ୍ରାଧାନ୍ୟ ବଢ଼ିବ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ସହଯୋଗ ଲାଭ କରିବେ । ଶାରୀରିକ ସୁସ୍ଥତା ଅନୁଭବ କରିବେ ।



**ବୃଷ:** କର୍ମକ୍ଷେତ୍ରରେ ସହଯୋଗ ପାଇ ବେଶ୍ ଆଗେଇ ଚାଲିବେ । ଦୁଃସାହସିକ ପଦକ୍ଷେପ ନେଇ ପ୍ରଶଂସା ଲାଭ କରିବେ । ଆୟ ଓ ବ୍ୟୟ ସାଧାରଣତଃ ସମାନ ରହିବ । ଘରେ ଶାନ୍ତି ଲାଭ ହେବାର ସୂଚନା ।



**ମିଥୁନ:** ଆତଙ୍କିତ ଅବସ୍ଥାରେ ଆଜି ଦିନଟି ବିତିବ । କର୍ମକ୍ଷେତ୍ରରେ ଜୟଯୁକ୍ତ ହୋଇ କାର୍ଯ୍ୟକ୍ରମ ହାତକୁ ନେବେ । ଆୟର ପରିମାଣ ସାମାନ୍ୟ ବଢ଼ିବ । ଘରେ ଅଶାନ୍ତି ସୃଷ୍ଟି ହେବ । ଠକାମିର ଶିକାର ହେବେ ।



**କର୍କଟ:** ହିତ ବିପରୀତ ପରି କାର୍ଯ୍ୟ କରିଚାଲିବେ । ଆପଣ ଭଲ କଥାଟେ କହିଲେ ମଧ କେହି ଗ୍ରହଣ କରିବେନାହିଁ । ଅଯଥା ବାଦବିବାଦ ସୃଷ୍ଟି ହେବ । ଆୟ ଓ ବ୍ୟୟ ସମାନ ରହିବ । ଘରେ କଳହ ଦେଖାଦେଇପାରେ ।



**ସିଂହ:** କର୍ମକ୍ଷେତ୍ରରେ ସହକାରୀ ତଥା ସହକର୍ମୀଙ୍କ ସହଯୋଗ ଲାଭ କରି ଆନନ୍ଦିତ ହେବେ । ଉଚ୍ଚ ଆଶା କ୍ରମେ ଫଳବତୀ ହେବ । ଆୟରେ ସାମାନ୍ୟ ଅଗ୍ରଗତି । ପାରିବାରିକ କଳହ ସୃଷ୍ଟି ହେବ । ମନ ଅସ୍ଥିର ରହିବ ।



**କନ୍ୟା:** ମନରେ ଅଶାନ୍ତି ଆସିବ । ଯେକୌଣସି କାମ କରିବା ପାଇଁ ମନରେ ଉତ୍ସାହ ଜନ୍ମ ନେବ । ଆଶାବାଦୀ ହୋଇ କାର୍ଯ୍ୟକ୍ରମ ମାନ ହାତକୁ ନେବେ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ସୁଖ ପ୍ରାପ୍ତ ହେବ ।



**ତୁଳା:** ଆଜି ଆପଣଙ୍କର ଦିନଟି ଭଲରେ କଟିବ । ପୁରାତନ କାର୍ଯ୍ୟମାନ ପରି ସମାପ୍ତି ହେବ । ନୂତନ କର୍ମ ପ୍ରାପ୍ତିର ସୂଚନା । ରେଜାଗାରରେ ଅଗ୍ରଗତି ହେବ । ପାରିବାରିକ ସହଯୋଗ ଲାଭ ହେବ । ବନ୍ଧୁ ଦର୍ଶନ ।



**ବିଛା:** ଯେତେ ଚେଷ୍ଟା କଲେ ମଧ ଅପବ୍ୟୟରୁ ବର୍ତ୍ତିପାରିବେନାହିଁ । ଶତ୍ରୁମାନେ ପରାସ୍ତ ହେବେ । କର୍ମକ୍ଷେତ୍ରରେ ପରିଶ୍ରମ ବୃଦ୍ଧିର ସୂଚନା । ରୋଜଗାରରେ ସ୍ଥିରତା । ପାରିବାରିକ ଶାନ୍ତି ପ୍ରାପ୍ତି ହେବ ।



**ଧନୁ:** କର୍ମକ୍ଷେତ୍ରରେ ସହକର୍ମୀ ମାନଙ୍କ ସହଯୋଗ ଲାଭ କରିବା ସହିତ ଅଗ୍ରଗତି କରିଚାଲିବେ । ଆୟର ପରିମାଣ କ୍ରମଶଃ ବଢ଼ି ଚାଲିବ । ବନ୍ଧୁ ସହଯୋଗ ମିଳିବ । ପରିବାରରେ ଶ୍ରମ ବୃଦ୍ଧି ପାଇବ । ମନ ଭଲ ରହିବ ।



**ମକର:** କର୍ମ ସଂସ୍ଥାନରେ ଉପରିସ୍ଥ କର୍ମକର୍ତ୍ତାଙ୍କ ଦ୍ୱାରା ପ୍ରଶଂସା ଲାଭ ହେବ । ନିଜର କର୍ତ୍ତବ୍ୟ ନିଷ୍ଠା ପ୍ରତିପାଦିତ କରିପାରିବେ । ଆୟ ଓ ବ୍ୟୟ ପ୍ରାୟ ସମାନ ରହିବ । ଘରେ ଜଞ୍ଜାଳ ବୃଦ୍ଧି ହେବାର ସୂଚନା ।



**କୁମ୍ଭ:** କର୍ମକ୍ଳାନ୍ତି ଅନୁଭବ କରିବେ । ଅସହଯୋଗର ମାତ୍ରା ବଢ଼ିବ । ମତାନ୍ତର ସୃଷ୍ଟି । ଏଣୁ ବିଶ୍ରାମ ଶ୍ରେୟ ଜ୍ଞାନ କରିବେ । ଆୟ ଓ ବ୍ୟୟ ସମାନ ରହିବ । ଘରେ ଶାନ୍ତି ପ୍ରାପ୍ତି ହେବାର ସୂଚନା । ଦେହ ଭଲ ରହିବ ।



**ମୀନ:** କର୍ମ ବ୍ୟସ୍ତତା ମଧରେ ସାରା ଦିନ ରହିବେ । ଦୂରଯାତ୍ରା କରିପାରନ୍ତି । ସମୟାନୁବର୍ତ୍ତିତା ହେତୁ ଉପବାସରେ ଦିନ କାଟିବେ । ଆୟରେ ବାଧାର ସମ୍ଭାବନା । ପରିବାରରେ ସୁଖ ପ୍ରାପ୍ତି ହେବ । ମହିଳାମାନେ ସୁଖୀ ହେବେ ।

# ପଞ୍ଚାୟତର ବିଭିନ୍ନ ପ୍ରକଳ୍ପ ନେଇ ଗ୍ରାମସଭା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଓସ୍ତପୁର ପଞ୍ଚାୟତ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି । ପବିତ୍ର ଗାନ୍ଧି ଜୟନ୍ତୀ ପାଳନ କରିବା ପରେ ସରପଞ୍ଚ ପ୍ରସନ୍ନ ରାଉତଙ୍କ ଅଧକ୍ଷତାରେ ଆୟୋଜିତ ଏହି ସ୍ୱତନ୍ତ୍ର ଗ୍ରାମସଭାରେ ସମିତି ସଭ୍ୟ ରାଜ ଅମାନତ୍ୟ, ନାଏବ ସରପଞ୍ଚ ମମତା ପ୍ରଧାନ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଶିବ ପ୍ରସାଦ ହାନ୍‌ସଦା, ଜିଆର୍‌ଏସ୍ ସ୍ୱପ୍ନା ନାୟକ ପ୍ରମୁଖ ଉପସ୍ଥିତ ରହି ପଞ୍ଚାୟତ ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରିବା ସହିତ ରାସ୍ତାଘାଟ ପୋଖରୀ, ମନ୍ଦିର କାର୍ଯ୍ୟ, ବୃକ୍ଷରୋପଣ, ଖେଳ ପଡିଆ, ନାଳ ପ୍ରଭୃତି କାର୍ଯ୍ୟ ଗୁଡିକ ବିଷୟରେ ଗ୍ରାମବାସୀ ମାନେ ଅବଗତ କରାଇ କାର୍ଯ୍ୟ ଗୁଡିକୁ କରିବା ପାଇଁ ଆବେଦନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ଗ୍ରାମାବସୀ, ୱାର୍ଡ ସଭ୍ୟ/ସଭ୍ୟା, ଏମବିକେ, ଏସ.ଏଚ.ଜି ଓ ବିଦ୍ୟୁତ୍ ବିଭାଗର କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୨ ସାଲ, ଶକାବ୍ଦଃ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୫, କଳିଯୁଗାବ୍ଦଃ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୮ଙ୍କ

**ତା୫।୧୦।୨୦୨୪, ଆଶ୍ୱିନ ଦି୨୦ନ, ଶନିବାର**

**ସୂର୍ଯ୍ୟୋଦୟ- ଘ୫।୩୮।୩୧** **ଚନ୍ଦ୍ରୋଦୟ- ପ୍ରାଘ ୭।୩୦।୧୩**

**ତୃତୀୟା-** ଅହୋରାତ୍ର । **ସ୍ୱାତୀ ନକ୍ଷତ୍ର-** ରାଘ ୯।୩୩ ପର୍ଯ୍ୟନ୍ତ । ତୁଳା ଚନ୍ଦ୍ର- ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧନିର୍ଣ୍ଣୟ-** ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଟଳ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୭।୧୬ ଗତେ ଘ ୮।୨୮ ମଧ୍ୟେ। ଦିଘ ୧୧।୫୮ ଗତେ ଘ ୧।୦୩ ମଧ୍ୟେ । **ପର୍ବୋତ୍ସବ –** ବିଶ୍ୱ ଶିକ୍ଷକ ଦିବସ ।

ସମ୍ପାଦକୀୟ

30 YEARS

ସମ୍ବାଦ କଳିକା

# ଗ୍ରାମାଞ୍ଚଳରେ କୃଷି କ୍ଷେତ୍ର ଉପରେ ଚାପ

ଶସ୍ୟଭିତ୍ତିକ ଜିନିଷର ମୂଲ୍ୟ ବଢ଼ିଛି । ଗ୍ରାମାଞ୍ଚଳରେ ବାସ କରୁଥିବା ଲୋକମାନଙ୍କୁ ଅଧିକ ଦାମ୍ ଦେଇ ଜିନିଷ କିଣିବାକୁ ପଡୁଛି । ତାହାର ପ୍ରଭାବରେ ଚଳିତ ବର୍ଷ ଓଡ଼ିଶାର ଖୁଚୁରା ମୁଦ୍ରାସ୍ଫୀତି ହାର ୭.୫୫ ପ୍ରତିଶତ ରହିଛି । ତଥ୍ୟ ଅନୁଶୀଳନରୁ ଜଣାପଡ଼ିଛି ଯେ ସହରାଞ୍ଚଳ ତୁଳନାରେ ଗ୍ରାମାଞ୍ଚଳ ଉପରେ ଦରଦାମର ଅଧିକ ଚାପ ରହିଛି । ଗ୍ରାମାଞ୍ଚଳର ଖୁଚୁରା ମୁଦ୍ରାସ୍ଫୀତି ହାର ୬.୪୭ ପ୍ରତିଶତ ଥିଲା ଯାହା ୭.୬୦ ପ୍ରତିଶତକୁ ବୃଦ୍ଧି ପାଇଛି । ସେହି ସମୟରେ ସହରାଞ୍ଚଳର ଖୁଚୁରା ମୁଦ୍ରାସ୍ଫୀତି ହାର ୭.୭୬ ପ୍ରତିଶତରୁ ହ୍ରାସ ପାଇ ୭.୩୨ ପ୍ରତିଶତ ହୋଇଛି । ଏ ସମ୍ପର୍କରେ ଅର୍ଥନୀତିଜ୍ଞ ପ୍ରଭାସ ମିଶ୍ର କହିଛନ୍ତି ଯେ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଖାଦ୍ୟଶସ୍ୟ ଦାମ୍ ଅଧିକ ରହିଛି । କିନ୍ତୁ ଗ୍ରାମାଞ୍ଚଳରେ ଦରଦାମ୍ ବଢ଼ିବା ଅର୍ଥନୀତି ପାଇଁ ଶୁଭଙ୍କର ନୁହେଁ । ସହରାଞ୍ଚଳରେ ଲୋକମାନେ ମୁଖ୍ୟତଃ ପ୍ୟାକେଟ୍ ଖାଦ୍ୟ ଖାଇଥାଆନ୍ତି । ସେଠାରେ ଦର ବଢ଼ିଲେ ମାନୁଫାକ୍ଚରିଂ କ୍ଷେତ୍ର ଉପରେ ଚାପ ରହିଛି ବୋଲି ଧରିନିଆଯାଏ । ଉତ୍ପାଦନ ବଢ଼ିଲେ ସ୍ଥିତିରେ ସୁଧାର ହୋଇଥାଏ । କିନ୍ତୁ ଗ୍ରାମାଞ୍ଚଳରେ ଦରଦାମ୍ ଅଧିକ ରହିବାର ଅର୍ଥ ହେଉଛି କୃଷି କ୍ଷେତ୍ର ଉପରେ ଚାପ ରହିଛି । କୌଣସି ପର୍ବପର୍ବାଣି ନଥିବା ସତ୍ତ୍ୱେ ଗାଁରେ ଦରଦାମ୍ ବଢ଼ିବା ଚିନ୍ତାର ବିଷୟ ବୋଲି ସେ କହିଛନ୍ତି । ସେହିପରି, ଓଡ଼ିଶା ଅର୍ଥନୈତିକ ସଂଘର ସଚିବ ଅମରେନ୍ଦ୍ର ଦାସ କହିଛନ୍ତି ଯେ ରାଜ୍ୟର ଗ୍ରାମାଞ୍ଚଳରେ କମ୍ ଫଳ ଓ ପନିପରିବା ଉତ୍ପାଦନ ହେଉଛି । ସେଥିପାଇଁ ଆମକୁ ବିଭିନ୍ନ ଖାଦ୍ୟ ସାମଗ୍ରୀ ଲାଗି ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି । ମାତ୍ର ବାହାରେ ରହି କାମ କରୁଥିବା ଲୋକମାନେ ଟଙ୍କା ପଠାଉଥିବା ବେଳେ ସାଧାରଣ ବଣ୍ଟନ ବ୍ୟବସ୍ଥା ଜରିଆରେ ଖାଦ୍ୟଶସ୍ୟ ମିଳୁଥିବାରୁ ଉପଯୋଗିତା ଅଧିକ ରହିଛି । ଗ୍ରାମାଞ୍ଚଳ ତୁଳନାରେ ସହରାଞ୍ଚଳରେ ଯୋଗାଣ ଶୃଙ୍ଖଳ ଅଧିକ ସୁଦୃଢ଼ । ସେଥିପାଇଁ ଗ୍ରାମାଞ୍ଚଳରେ ଦରଦାମ୍ ଅଧିକ ରହୁଥିବା ସେ କହିଛନ୍ତି । ଓଡ଼ିଶାର ଖୁଚୁରା ମୁଦ୍ରାସ୍ଫୀତି ହାର କ୍ରମାଗତ ଭାବେ ଦେଶରେ ସର୍ବାଧିକ ରହୁଛି । ଚଳିତ ବର୍ଷ ଜାତୀୟ ଖୁଚୁରା ମୁଦ୍ରାସ୍ଫୀତି ହାର ୫.୦୯ ପ୍ରତିଶତକୁ ହ୍ରାସ ପାଇଛି । ଓଡ଼ିଶାର ମୁଦ୍ରାସ୍ଫୀତି ତା'ଠାରୁ ପ୍ରାୟ ୨.୫% ଅଧିକ ରହୁଛି । ଓଡ଼ିଶା ବ୍ୟତୀତ ତେଲେଙ୍ଗାନା (୬.୭୧%), ହରିୟାଣା (୬.୨୮%), ଆସାମ (୬.୦୨%), ଆନ୍ଧ୍ରପ୍ରଦେଶ (୫.୬୬%), ଗୁଜରାଟ (୫.୩୯%), ଝାଡ଼ଖଣ୍ଡ (୫.୮୫%) ଏବଂ କର୍ଣ୍ଣାଟକରେ (୫.୭୪%) ଖୁଚୁରା ମୁଦ୍ରାସ୍ଫୀତି ହାର ଅଧିକ ରହିଛି ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଜୟନ୍ତୀ, ମଙ୍ଗଳା, କାଳୀ,
ଭଦ୍ରକାଳୀ କପାଳିନୀ
ଦୁଗସ୍ଥା, କ୍ଷମା, ଶିବା, ଧାତ୍ରୀ
ସ୍ୱହା ସ୍ୱଧା ନମ୍ସ୍ତେ ।'



ଶ୍ରୀ ଅଭିରାମ ସରସ୍ୱତୀ

ତୁଳି ସିନା ମୂଳପଥ
ଆଉ ସବୁ ମାୟା
ତୋ ପାଦକୁ ଛାଡିଦେଲେ
ଭକ୍ତ ଭାବେ ବାୟା (୭)

ତୋର ନାମ ତୋରଜ୍ଞାନ
ହୃଦୟରେ ଦେବୁ
ଉତା କଥା ମାନ ମୋର
କଣ୍ଠସ୍ୱରେ ନଦେବୁ (୮)

ଆଉ ନାହିଁ ବେଳ କାଳ
ଭଜିବାର ପାଇଁ
ଭକତଙ୍କୁ ସ୍ୱ ବ୍ୟ୍ସ
କଳା କରୁଥାଇ (୯)

ତେଣୁ କରି ଏବିପଦେ
ଡାକେ ମାଆ ବୋଲି
ତୋ ଭକ୍ତକୁ ରକ୍ଷାକର
ବଣତ ବଢାଇ (୧୦)

ଜୀବ ଜଗତେ ସ୍ଥିରତା
ଟିକେ ହେଲେ ନାହିଁ
ଅସ୍ଥିର ପରାୟେ ମନ
ତାଙ୍କର ହୁଅଇ (୧୧)

ତେଣୁ କରି ତୋର ପାଦେ
କରୁଛି ଗୁହାରି
ନିମିଷକେ ନାଶ କରି
ଭକତ ଅଇରି (୧୨)

ବେଳ କାଳ ଆଉ ନାହିଁ
ଭାବିବାର ପାଇଁ
କେବଳ ତୋହରି ନାମ
ହୃଦରେ ଭାବଇ (୧୩)

ସଦା କାଳେ ସାହା ହେବୁ
ଜଗତ ଜନନୀ
ଯିବା ଆସିବା ପଥକୁ
ଜଗିବୁ ଭବାନୀ (୧୪)

କାଳ ସଦା ଗ୍ରାସୁ ଅଛି
ଭକତକୁ ଆସି
କାଳି ରୂପେ ସାହାହୁଅ
ଆହେ ପୌଣ୍ଡସମାସୀ (୧୫)

ଲକ୍ଷ୍ୟ ମୋର ପାଉ ନାହିଁ

ଏଜଗତ ମଧ୍ୟେ
ଲକ୍ଷ୍ମୀ ରୂପେ ବସ ଆସି
ମୋର ହୃଦ ମଧ୍ୟେ (୧୬)

ଶ୍ରଦ୍ଧା ମୋର ଆଉ ନାହିଁ
ଏ ଜଗତ ପାଇଁ
ଶାରଳା ରୂପରେ ବସ
ମୋ କଣ୍ଠରେ ତୁହି (୧୭)

ଦୁଃଖମୋର ବେଳୁ ବେଳୁ
ହେଉଛି ପ୍ରବଳ
ଦୁଗସ୍ଥା ରୂପେ ସାହାହେବୁ
ଦେଇ ଝୁଲା ଥାଳ (୧୮)

ତାରଣ ମାରଣ ପ୍ରତି
ନାହିଁ ଅନୁରାଗ
ତାରିଣୀ ରୂପରେ ମାତ
ଜଗ ପୃଷ୍ଠ ଭାଗ (୧୯)

ନବଦ୍ୱାରେ ନବଶକ୍ତି
ତୁହି ମାତ ଦେବୁ
ଦଶ ଦ୍ୱାର ଶୂନ୍ୟବାସୀ
ତୁହି ବୋଲାଇବୁ (୨୦)

ତୋର ଛଡା ଏ ଶରୀର
କିଏ ସେ ରଖିବ
ତୁହି ଯଦି ନ ରଖିବୁ
ନାରଖାର ହେବ (୨୧)

ସବସ୍ୱ ମଙ୍ଗଳ କାରିଣୀ
ତୁହି ମା ମଙ୍ଗଳା
ବିପଦ ସମୟେ ଭକ୍ତର
ତୁହି ଭାବ ଭେଳା (୨୨)

ତୋର ଘର ମୋ ଶରୀର
ତୋତେ ସମର୍ପିଲି
ସବୁଛାଡି ତୋର ପାଶେ
ଶରଣ ପଶିଲି (୨୩)

ରଖିଲେ ରଖିବୁ ତୁହି
ମାରିଲେ ମାରିବୁ
ବିପଦ ସମୟେ ସଦା
ତୁହି ସାହାହେବୁ (୨୪)

(କ୍ରମଶଃ)

# ଭବିତବ୍ୟ ଯାହା ଅବଶ୍ୟ ଘଟିବ–୫୩



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ–୯୬୬୮୨୯୮୪୯୪

ମହାତପା ମହର୍ଷୀ ବିଶ୍ୱାମିତ୍ର ହଜାର ହଜାର ପ୍ରଜାଙ୍କ ଭିତରେ ଯାତ୍ରା କରୁଥିବା ବେଳେ, ହଠାତ୍ ଅନସୂୟା ଅତ୍ୟନ୍ତ ମର୍ମାହତ ହୋଇ ପଚାରିଲେ ମହାମୁନି ଅତ୍ରୀଙ୍କୁ "ହେ ସ୍ୱାମୀ ! ଶ୍ରୀରାମ, ଭରତ, ଶତୃଘ୍ନଙ୍କ ଯେଉଁ ଅବସ୍ଥା ମୁଁ ଆଖି ଆଗରେ ଦେଖୁଛି । ସମ୍ଭବତଃ ଏମାନେ ଲକ୍ଷ୍ମଣଙ୍କ ବ୍ୟତୀତ ଆଉ ଗୋଟିଏ ମୁହୂର୍ତ୍ତ ଆଉ ଏଧରିତ୍ରୀ ପୃଷ୍ଠରେ ଜୀବନ ଧାରଣ କରି ବଞ୍ଚିବା ସମ୍ଭବ ହୋଇ ପାରିବନି । କେମିତି ଏମାନେ ଏହି ଭୟାନକ ହୃଦୟ ବିଦାରକ ବିଚ୍ଛେଦକୁ ବହନ କରି ଏ ସଂସାରରେ ରାଜ୍ୟ ଶାସନ କରିବେ ? ମୁଁ ତ ଦେଖୁଛି ଶ୍ରୀରାମ ଏପରି ବିଚଳିତ ହୋଇ ପଡିଛନ୍ତି ଯେ ସମ୍ଭବତଃ ଲକ୍ଷ୍ମଣଙ୍କ ସଲିଳ ସମାଧି ପୂର୍ବରୁ ସେ ଇହଧାମ ତ୍ୟାଗକରି ଚାଲିଯିବେ । ଯିଏ ପରମ ଦୟାଳୁ, ଯିଏ କ୍ଷମାର ମହାସାଗର । ଯିଏ ମର୍ଯ୍ୟାଦା ପୁରୁଷୋତ୍ତମ, ଯିଏ ଅପରିସୀମ ମହାଶକ୍ତିର ପରିପୂର୍ଣ୍ଣ ଆଧାର, ପରିପୂର୍ଣ୍ଣ ଜ୍ଞାନର ଅଧିକାରୀ । ସର୍ବ ନିୟନ୍ତ୍ରଣ କର୍ତ୍ତା, ସିଏ ପୁଣି ଏତେ ବିଚଳିତ । ଏତେ ଭୟାନକ ଅଶୃର ମହାସାଗର ମଧ୍ୟରେ ହାହାକାର କରୁଛନ୍ତି ? ଯାହାକୁ ଦେଖିଲେ ଓ ମୋତେ ଏମିତି ଲାଗୁଛି ପୃଥିବୀଟା ବି ସ୍ତବ୍ଧ ହୋଇ ପଡୁଥିବ ?' ଅନସୂୟାଙ୍କର ଏହି ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଅତ୍ରୀ ମହାମୁନି କହିଲେ " ହେ ଦେବୀ ! ତୁମେ ଯେଉଁ ଘଟଣାକୁ ଆଶ୍ଚର୍ଯ୍ୟ ହୋଇ ଦେଖୁଛ ବାସ୍ତବରେ ମୁଁ ମଧ ଏହି ଘଟଣାକୁ ଦେଖି ଠିକ୍ ତୁମ ଭଳି ଚିନ୍ତାରେ ବୁଡି ଗଲିଣି । କିନ୍ତୁ ଅସ୍ପଷ୍ଟ ସ୍ୱରରେ ବଶିଷ୍ଠ ଗୁପ୍ତ ଭାବରେ ମୋ କାନରେ କହି ସାରିଲେଣି ଯେ ଲକ୍ଷ୍ମଣଙ୍କ ଦେହାନ୍ତ ହେବାର ଠିକ୍ ପରେ ପରେ ତାଙ୍କର ସନ୍ତାନ ମାନଙ୍କ ହାତରେ ରାଜ୍ୟଭାର ଅର୍ପଣ କରିଦେଇ ଶ୍ରୀରାମ, ଭରତ, ଶତୃଘ୍ନ ଏ ଧରାଧାମ ତ୍ୟାଗ କରିଦେଇ ସ୍ୱଧାମ ଯାତ୍ରା କରିବେ । କାରଣ ଲକ୍ଷ୍ମଣ ହେଉଛନ୍ତି ତାଙ୍କର ପ୍ରାଣ ବା ଆତ୍ମା, ଆତ୍ମା ଚାଲିଗଲା ପରେ ମନୁଷ୍ୟ ଯେପରି ମୃତ ହୋଇଯାଏ ଠିକ୍ ସେହିପରି ଶ୍ରୀରାମଙ୍କର ଆତ୍ମା ଚାଲିଯିବା ପରେ ସେ କେବେବି ଆଉ ଇହଧାମରେ ରହିବେ ନାହିଁ ।' ଅତ୍ରି ଆଉ ଅନସୂୟା କଥା ହେଉଥିବା ଭିତରେ ଲକ୍ଷ୍ମଣଙ୍କ ସହ ଅଗଣିତ ପ୍ରଜା ପହଞ୍ଚି ଗଲେଣି ସରଯୂନଦୀ କୂଳସ୍ଥ ଯଜ୍ଞବେଦୀ ନିକଟରେ । ଅସୁମାରୀ ପ୍ରଜାଙ୍କର ଅଶୃଳ ମହାସମାବେଶ ମଧ୍ୟରେ ଅତ୍ରିମୁନି ଲକ୍ଷ୍ୟ କରୁଛନ୍ତି ଯେ ଲକ୍ଷ୍ମଣଙ୍କୁ ଯେତେବେଳେ ନଦୀ କୂଳରେ ଥିବା ଯଜ୍ଞ ବେଦୀ ନିକଟରୁ ପ୍ରଣାମ କରାଇ ସରଯୂ କୁଳରେ ଛିଡା କରାଇବେ ସଲିଳ ସମାଧି ନେବା ଉଦ୍ଦେଶ୍ୟରେ, ଆଉ ସେହି ସମୟ ମଧ୍ୟରେ ଲକ୍ଷ୍ମଣ ଯେତେବେଳେ ନଦୀ ଗର୍ଭକୁ ଲମ୍ଫ ଦେବେ, ଠିକ୍ ସେହି ସମୟରେ ଯଦି ଧୈର୍ଯ୍ୟ ଚ୍ୟୁତି ଘଟିଥିବା ଶ୍ରୀରାମ, ଶତୃଘ୍ନ, ଭରତ ଲକ୍ଷ୍ମଣଙ୍କ ସହିତ ମିଶି କାଳେ ଡେଇଁ ପଡିବେ ସରଯୂ ଗର୍ଭକୁ, ତେବେ ପ୍ରଳୟ ହୋଇଯିବ, ସେଥିପାଇଁ ମହର୍ଷି ବଶିଷ୍ଠ ତୀକ୍ଷଣ ନଜର ରଖିଛନ୍ତି ଏହି ତିନି ଭାଇଙ୍କ ଉପରେ । ସରଯୂ ନଦୀର ତଟଦେଶରେ ଅଗଣିତ ପ୍ରଜା ଲୁହ ଗଡାଇ ଚାହିଁଛନ୍ତି ଲକ୍ଷ୍ମଣଙ୍କ ମୁଖ ମଣ୍ଡଳକୁ । ଲକ୍ଷ୍ମଣଙ୍କ ଦୁଇ ବାହୁକୁ ଧରିଛନ୍ତି ଭରତ ଓ ଶତୃଘ୍ନ । ଶ୍ରୀରାମ ଲକ୍ଷ୍ମଣଙ୍କର ପିଠି ଆଉଁସି ଦେଉଛନ୍ତି । କାନ୍ଦି କାନ୍ଦି ଅସ୍ଥିର ହୋଇ ପଡୁଛନ୍ତି ତିନିଭାଇ । ସନ୍ତାନ ମାନଙ୍କର କାନ୍ଦକୁ ଦେଖି ସମସ୍ତଙ୍କର ଛାତି ଥରି ଉଠିଲାଣି । ଶ୍ରୀରାମ, ଭରତ, ଶତୃଘ୍ନ ଏହି ତନି ଭାଇ ଲକ୍ଷ୍ମଣଙ୍କ ସହିତ ସରଯୂର ନିକଟତମ ଘାଟକୁ ଚାଲିଲେ । ସଲିଳ ସମାଧି ନେବା ପାଇଁ କେତେବେଳେ ନଦୀ ଜଳ ନିକଟରେ ଲକ୍ଷ୍ମଣ ଯାଇ ଡେଇଁ ପଡିଲେ, ଠିକ୍ ସେତିକି ବେଳେ ଭରତ, ଶତୃଘ୍ନ ଓ ଶ୍ରୀରାମ ନଦୀ ଗର୍ଭକୁ ଡେଇଁବାର ଉପକ୍ରମ କରୁଛନ୍ତି ଜାଣି ନିଷାଦ ରାଜ ଗୃହକ ଓ ପର୍ଶୁରାମ ଏ ତିନି ଭାଇଙ୍କୁ ବଳ ପ୍ରୟୋଗ କରାଇ ଧରି ପକାଇଲେ । ଯଦି ନିଷାଦ ରାଜ ଗୃହକ ଓ ପର୍ଶୁରାମ ଏତିନିଜଣଙ୍କୁ ଧରି ପାରିନଥାନ୍ତେ, ତେବେ ଆଜି ସରିଯାଇଥାନ୍ତା ସୂର୍ଯ୍ୟ ବଂଶର ମଉଡ ମଣି ମର୍ଯ୍ୟାଦା ପୁରୁଷୋତ୍ତମଙ୍କ ଅନ୍ତିମ ପର୍ବ । (କ୍ରମଶଃ)

# ଗତିଚ୍ୟୁତି ଆଜି ସବୁଠି



ମାୟାଧର ନାୟକ
ଯାଜପୁରରୋଡ, ଯାଜପୁର
ମୋ : ୯୮୬୧୦୩୪୬୧୩
E-mail:mayadharnayak2014@gmail.com

ମଣିଷ ହୁଅନ୍ତୁ କି ଜୀବଜନ୍ତୁ – ଯେତେବେଳେ ଗତିଚ୍ୟୁତି ହେବେ – ସେତେବେଳେ ଛନ୍ଦ ହରାଇଦେବେ । ଗତିଶିଳତାରେ ନାହାଁନ୍ତି ତ ଛନ୍ଦ ହଜାଇଛନ୍ତି । ଛନ୍ଦ ବଦଳରେ ତା'ପରେ ସବୁ ମନ୍ଦ । ଏ ମନ୍ଦରୁ ମାନ୍ଦା ଏ ମାନ୍ଦାରୁ ମାନ୍ଦାବସ୍ଥା ମାନଚିତ୍ରରୁ ଆରମ୍ଭକରି ମଇଦାନ ପର୍ଯ୍ୟନ୍ତ । ପ୍ରଗତି କେବଳ ପୋଷ୍ଟର – ପ୍ରତିଦିନ ପ୍ରହସନ ।

ଏଇ ଗତିଚ୍ୟୁତି ସମ୍ପର୍କରେ ରାମାୟଣର ପଦେକଥା କହୁଛି । ଶ୍ରୀରାମଚନ୍ଦ୍ର ସେତୁବନ୍ଧ ବାନ୍ଧି ସୀତାକୁ ଉଦ୍ଧାର କରିବେ । ସେତୁବନ୍ଧ ବନ୍ଧା ହେଲା । ପ୍ରତିଷ୍ଠା ହେବ । ସେତେବେଳେ ସବୁଠୁ ଶ୍ରେଷ୍ଠ ବ୍ରାହ୍ମଣ ଖୋଜାଗଲା । ଜଣାଗଲାଯେ – ଏ ତ୍ରେତୟାଯୁଗରେ ଶ୍ରେଷ୍ଠ ବ୍ରାହ୍ମଣ, ଜ୍ଞାନୀ ହେଉଛନ୍ତି – ଲଙ୍କାଧିପତି ରାବଣ । ଶ୍ରୀରାମ ରାବଣ ବଧକରି ମା' ସୀତାଙ୍କୁ ଉଦ୍ଧାର କରିବେ । ସେହି ଶତ୍ରୁ ରାବଣଙ୍କୁ ସେତୁବନ୍ଧ ପ୍ରତିଷ୍ଠାରେ ପୂଜାପାଠ କରିବାକୁ ନିମନ୍ତ୍ରଣ କଲେ । ରାବଣ ରାଜି ହେଲେ । ଏଠାରେ ଉଭୟଙ୍କ ମହାନତା ଅତୁଳନୀୟ । ରାବଣ ଆସିଲେ । ଯଥାରିତିରେ ପୂଜା ସମ୍ପନ୍ନ ହେଲା । ଶେଷରେ ଶ୍ରୀରାମ ରାବଣଙ୍କୁ କିଛି ରାଜନୀତି ଶିକ୍ଷା ପାଇବା ପାଇଁ ଅନୁରୋଧ କଲେ । ରାବଣ କହିଲେ – ଯେଉଁଟି ଠିକ୍, ସତ୍ୟ – ତାହାକୁ ଚଟାପଟ କର । ବିଳମ୍ବ କରନା । ଯେଉଁଠି ବେଠିକ୍ ଲାଗୁଛି – ତାହା ଭାବିଚିନ୍ତି କର । ବଡଥିଲେ ପଚାରି ଛୋଟ ଥିଲେ ବିଚାରି – କାର୍ଯ୍ୟ କଲେ ବିପଦ ନ ପଡଇ ଭଲେ । ଶ୍ରୀରାମ କହିଲେ – ଆଜ୍ଞା ! ଟିକେ ବୁଝେଇ କୁହନ୍ତୁ । ମହାଜ୍ଞାନୀ, ଶ୍ରେଷ୍ଠ ବ୍ରାହ୍ମଣ ରାବଣ କହିଲେ – ମୁଁ ସ୍ୱର୍ଣ୍ଣଲଙ୍କାରେ ଅଧିପତି । ଇଛାଥିଲା – ଲଙ୍କାକୁ ସୁନାରେ ଛାଉଣି କରିଦେବି । ସେ କ୍ଷମତା ମୋର ଥିଲା – କିନ୍ତୁ କରିବି – କରିବି ବୋଲି ହେଳା କରିଦେଲି । ଆଜି ମୁଁ ତୁମ ହାତରେ ମରିବାକୁ ଯାଉଛି ।

ଦ୍ୱିତୀୟରେ ହେଲା – ତୁମ ସାନଭାଇ ଲକ୍ଷ୍ମଣ ମୋ ଭଉଣୀ ସୂର୍ପନେଖାର ନାକ କାଟିଦେଲେ । ମୁଁ ରାଗିଗଲି । ନାରୀ ନିର୍ଯାତନା ସହ୍ୟ କରିନପାରି କୂଟକପଟ କରି ତୁମ ପତ୍ନୀ ସୀତାଙ୍କୁ ହରଣ କରିଆଣିଲି । ତୁମ ଭାଇ ଆଉ ତୁମକୁ ମାରିବାର ଥିଲା । ରାଗରେ ତୁମ ପତ୍ନୀକୁ ହରଣ କଲି । ରାଗ ବ୍ରହ୍ମଚଣ୍ଡାଳା ରାଗକ୍ରୋଧବେଳେ ନିଷ୍ପତ୍ତି ମଧ୍ୟ ଭୁଲ ହୋଇପାରେ । ସେହି ଅବସ୍ଥା ହେଲା । ଭୁଲ ନିଷ୍ପତ୍ତିରେ ଆଜି ମୋ ସ୍ୱର୍ଣ୍ଣ ଲଙ୍କା ଧ୍ୱଂସ ହେବାକୁ ଯାଉଛି – ମୁଁ ତୁମ ହାତରେ ମରିବାକୁ ଯାଉଛି। ତେଣୁ ଭଲକାମ ଚଟାପଟ କର, ଖରାପ କାମ ଭାବିଚିନ୍ତି, ବୁଝିବିଚାରି – ସମୟ ନେଇ କାର୍ଯ୍ୟ କର । ଏଇ ଶିକ୍ଷାରୁ ଆମେ କ'ଣ ଶିଖିଲେ – ଭଲ କାମକୁ ଆମେ ହେଳା କରୁଛେ – ଖରାପ କାମକୁ ଚଟାପଟ କରୁଛେ । ଯାହାଫଳରେ ସବୁ ଅଘଟଣ ଘଟୁଛି । ଆମ ଗତିବିଚ୍ୟୁତି ପାଇଁ ଆମେ ମାନ୍ଦା କେବଳ ନୁହେଁ ମାନ୍ଦଳ ହୋଇଯାଉଛୋ ସାରା ବିଶ୍ୱରେ ୨୦୦୮ରୁ ଅର୍ଥନୈତିକ ମାନ୍ଦାବସ୍ଥା ଆଜିବି ୨୦୨୩ରେ ସୁଧୁରିନାହିଁ । ଏଇ ମାନ୍ଦାବସ୍ଥା ଫଳରେ ଅର୍ଥନୀତି ଏକ ଆତଙ୍କବାଦରେ ପରିଣତ ହୋଇଯାଇଛି । ଆମ ଅର୍ଥନୀତି କେବଳ ନୁହେଁ ବିଶ୍ୱ ଅର୍ଥନୀତି ଘୁଷୁଡି ଘୁଷୁଡି ଚାଲୁଥିଲା – କୋଭିଡ୍-୧୯ରେ ଛୋଟା ହେଇଗଲା । ଛୋଟା ଗୋଡକୁ ଠିକ୍ଠାକ୍ କରି ସିଧା ଚାଲିବା କି ଦୌଡିବା ଏତେ ସହଜ ନୁହେଁ । କେବଳ ଅର୍ଥନୀତିରେ ମାନ୍ଦାବସ୍ଥା ନୁହେଁ – ରାଜନୀତିରେ ମଧ୍ୟ ଗତିବିଚ୍ୟୁତି ଘଟିଛି । ସାରା ବିଶ୍ୱରେ ପ୍ରାୟ ସବୁଦେଶରେ ସେମିତି ଉପଯୁକ୍ତ ନେତା ନଥିବାରୁ ରାଜନୀତି ଭୁଲ ରାସ୍ତାରେ ଯାଇ ଛନ୍ଦ ହରାଇଛି । ରାଜନୈତିକ ନେତାମାନଙ୍କର ଆତ୍ମସ୍ୱାର୍ଥ, ଅହଂକାର, ଗର୍ବ, କ୍ଷମତା ନିଶା ସେମାନଙ୍କୁ ପାଗଳ କରିଦେଇଛି। ଜଣେ ଶିଶୁ ହାତରେ ବନ୍ଧୁକ ପଡିଲେ ସେ ଅପବ୍ୟବହାର କରିବ ନିଶ୍ଚୟ । ବିଶ୍ୱରେ ଯୁଦ୍ଧଖୋର ନେତା ଶିଶୁ ଭଳି ଆଚରଣ କରିଚାଲିଛନ୍ତି । କ୍ଷେତ୍ର ଦଖଲ ପାଇଁ ଭୟଙ୍କର ଯୁଦ୍ଧ, ଗୃହଯୁଦ୍ଧ ଲାଗିରହିଛି। ପୁଣି ଧର୍ମାନ୍ଧ ରାଜନୈତିକ ବ୍ୟକ୍ତିମାନେ ଦଙ୍ଗା, ହଣାକଟା ଘଟାଇ ସାରା ବିଶ୍ୱକୁ ଥରହର କରୁଛନ୍ତି । ଆମ ଭାରତ ମଧ୍ୟ ଏଥିରୁ ବାଦ୍ ଯିବ କେମିତି ?

ଏବେ ସାରା ବିଶ୍ୱ ୧୩୭ ବର୍ଷ ତଳକୁ ଫେରିଆସୁଛି । ସଂପ୍ରତି କର୍ଣ୍ଣାଟକ ପରେ ତାମିଲନାଡୁ ୧୯୪୮ କାରଖାନା ଆଇନ୍କୁ ସଂଶୋଧନ କରି ୧୨ ଘଣ୍ଟିଆ କାର୍ଯ୍ୟଦିବସ ପ୍ରଚଳନ କରି ବିଶ୍ୱବଜାରରେ ପ୍ରବେଶ କରିବାକୁ ମସୁଧା କରିଛନ୍ତି । ୧୩୭ ବର୍ଷର ୧୮୮୬ ମସିହା ମେ' ପହିଲା ଘଟଣା ମନେପକାଇଦେଉଛି । ମେ' ପହିଲା ପୂର୍ବରୁ ଶ୍ରମିକମାନେ ୧୨ ଘଣ୍ଟାରୁ ୧୮ ଘଣ୍ଟା ହାଡଭଙ୍ଗା ଖଟଣି ଖଟୁଥିଲେ । ଶ୍ରମଦିବସ ୮ ଘଣ୍ଟା ଦାବିରେ ଆମେରିକାରେ ଶ୍ରମିକମାନେ ସଂଘର୍ଷ କରି ରକ୍ତରବନ୍ୟା ବୁହାଇଦେଇଥିଲେ । ମାଲିକଶ୍ରେଣୀ ବାଧହୋଇ ଦୈନିକ ୮ ଘଣ୍ଟା ଶ୍ରମଦିବସକୁ ମାନିନେଇଥିଲେ । ସେଇଦିନଠାରୁ ସାରାବିଶ୍ୱର ସବୁଦେଶରେ ଶ୍ରମଦିବସ ୮ ଘଣ୍ଟା ପ୍ରଚଳିତ ହୋଇଆସୁଛି । ଏହି ୧୩୭ ବର୍ଷ ମଧ୍ୟରେ ପୃଥିବୀର କେତେ ନଦୀରେ କେତେ ଜଳ ବୋହିଗଲାଣି ଦେଶେ ଦେଶେ କେତେଯେ ମୌସୁମୀବାୟୁ ପ୍ରବାହିତ ହୋଇଗଲାଣି ଏବଂ ଶ୍ରମିକ ଓ ମାଲିକ ମଧ୍ୟରେ କେତେଯେ ତ୍ୟାଗପୂତ ଲଢେଇ, ରକ୍ତକ୍ଷୟୀ ସଂଗ୍ରାମ ହୋଇଯାଇଛି ତାହାର ପଚ୍ଚାନ୍ତର ନାହିଁ । ଆଜି ମଧ୍ୟ ପୁଞ୍ଜିପତିଶ୍ରେଣୀ ଓ ସାମ୍ରାଜ୍ୟବାଦୀ ଶାସନର ଯଜ୍ଞବେଦୀରେ ଲକ୍ଷ ଲକ୍ଷ ଶ୍ରମିକକୃଷକ ଓ ଖଟିଖିଆ ମଣିଷ ବଳିପଡୁଛନ୍ତି । ସେଦିନ ଓ ଆଜି ମଧ୍ୟରେ କେତେ ତଫାତ୍ ? ସମଗ୍ର ବିଶ୍ୱର ପରିସ୍ଥିତି ଦିନକୁ ଦିନ ଜଟିଳ ଆଡକୁ ଗତିକରୁଛି । ଆଜି ଶ୍ରମଜୀବୀଶ୍ରେଣୀ ପ୍ରତିଦିନ ରକ୍ତନଦୀ ବୁହାଇଦେଉଥିଲେ ମଧ୍ୟ ସାମାନ୍ୟତମ ଦାବୀପୂରଣ ହେବା ଅସମ୍ଭବ ହୋଇପଡିଛି । ଶ୍ରମିକଶ୍ରେଣୀ ରାଷ୍ଟ୍ରର ଅଧପତନ ହେବା ସଂଗେ ସଂଗେ ମାନବଶକ୍ତି ବଦଳରେ ଦାନବଶକ୍ତି, ଯନ୍ତ୍ରଶକ୍ତିର ବ୍ୟବହାର ବହୁଳ ଭାବେ ଦେଖାଦେଇଛି । ଏବେ ବିଶ୍ୱ ଶ୍ରମିକଶ୍ରେଣୀ ଘୋର ସଂକଟରେ । ଚାରିପଟର ଚିତ୍ରରେ କର୍ଦ୍ଦମାକ୍ତ କଳଙ୍କର କାଳିମା ।

ନିଜକୁ କମ୍ୟୁନିଷ୍ଟ ବୋଲାଉଥିବା ପୁଞ୍ଜିବାଦୀ, ସାମ୍ରାଜ୍ୟବାଦୀ ଚିନ୍ ଦେଶ ଲାଭରଲୋଭରେ ପଡି ସକାଳ ୯ରୁ ରାତି ୯ଟା ୧୨ ଘଣ୍ଟା ଶ୍ରମଦିବସ ଆରମ୍ଭ କଲା ଏବେ ଭାରତ ଚୀନ୍ର ପଦାଙ୍କଅନୁସରଣ କରିବାକୁ ଯାଉଛି । ପୂର୍ବରୁ ସପ୍ତାହରେ ୪୮ ଘଣ୍ଟା କାର୍ଯ୍ୟ କରିବାର ନିୟମ ଥିଲେ ବି ବିଦେଶୀ କମ୍ପାନୀ ଚାପରେ ଇଲେକ୍ଟ୍ରିକ୍ ଯାନ, ସୋଲାର ପାୱାର ଇକ୍ୟୁପମେଣ୍ଟ ବ୍ୟାପକ ଆବଶ୍ୟକତାକୁ ଆଖିଆଗରେ ରଖି ଭିଏତ୍ନାମ, ଇଣ୍ଡୋନେସିଆ, ଥାଇଲାଣ୍ଡ ସହ ପ୍ରତିଯୋଗିତା କରିବା ଲକ୍ଷ୍ୟରେ ଶ୍ରମିକମାନଙ୍କ ଶକ୍ତି ବାହାରେ କାର୍ଯ୍ୟ କରିବାକୁ ଯାଉଛନ୍ତି । ଏହା ଫଳରେ ମାଲିକମାନେ ଅସଙ୍ଗଠିତ ଠିକାଶ୍ରମିକମାନଙ୍କୁ ପାଶବିକ ଶୋଷଣର ଦ୍ୱାରଦେଶକୁ ଠେଲି ଦେଉଛନ୍ତି । ସ୍ଥାୟୀ ଶ୍ରମିକମାନେ ୧୨ ଘଣ୍ଟା କାମକରି ଓଭରଟାଇମ୍, ପେଡ୍ ଲିଭ୍, ସିକ୍ ଲିଭ୍ ବେନିଫିଟ୍ ପାଉଥିଲାବେଳେ କୋଟି କୋଟି ଅସଂଗଠିତ ଶ୍ରମିକମାନଙ୍କୁ ଠକିଦେଇ ଲାଭରପାହାଡ ସୃଷ୍ଟିକରିବା ମସୁଧାରେ ଅଛନ୍ତି । ମାଲିକମାନଙ୍କର କମ୍ ଖର୍ଚ୍ଚରେ ଅଧିକ ଉତ୍ପାଦନର ନିଶା ଶ୍ରମିକଶ୍ରେଣୀ ପ୍ରତି ବିପଦ ଡାକିଆଣୁଛି । କର୍ଣ୍ଣାଟକ, ତାମିଲନାଡୁ ପରେ ଭାରତର ଅନ୍ୟ ରାଜ୍ୟକୁ ଏ ରୋଗ ବ୍ୟାପିବ ।

ଆଜି ବି ସାମାଜିକ, ସାଂସ୍କୃତିକ କ୍ଷେତ୍ରରେ ଗତିବିଚ୍ୟୁତି ଘଟିଛି । ସାଂସ୍କୃତିକ ଅବକ୍ଷୟ ଯୋଗୁ ଆମେ ପଛୁଆ ହୋଇଯାଇଛେ । ଆମ ଗତି ଆଗକୁ ନଯାଇ ପଛକୁ ପଛକୁ ଫେରୁଛି । ଏହି ବିଡମ୍ବନା ତାଳରୁ ତଳିପା ପର୍ଯ୍ୟନ୍ତ ଗୋଟିଏ ମାରାତ୍ମକ ସଂକ୍ରାମକ ବ୍ୟାଧି ଭଳି ବ୍ୟାପିଗଲାଣି । ଗୋଟିଏ ଭୟଙ୍କର ଅସାଧୁତାର ସୌଦାଗରୀ ସାମଗ୍ରୀ ପାଲଟିଗଲାଣି ଆମର ଏ ସାଂସ୍କୃତିକ ଜୀବନ । ଆଗକୁ ଚାହିଁଲେ ଆଲୁଅ – ପଛକୁ ଚାହିଁଲେ ଅନ୍ଧାର । ତା'ହେଲେ ଏ ପୃଥିବୀର ଜୀବଜଗତ ରୋଗ ଆଉ ଭୋକରେ କ'ଣ ମରିଯିବେ ? ଭୋକ ଓ ରୋଗ ଏ ଧରଣୀ ବକ୍ଷରୁ ପୋଛିଦେବାକୁ ବିଜ୍ଞାନ ଏଯାବତ୍ ସେଭଳି ପରମାଣୁ ବୋମା ତିଆରିକରିପାରିନି, ଯାହା ଏ ଦୁଇ ଛୋଟ ଅଥଚ ସବୁଠୁ ବଡ ସାଂଘାତିକ ଶବ୍ଦ ଭୋକ ଓ ରୋଗକୁ ମଣିଷ ଜାତିର ଅଭିଧାନରୁ ମୂଳପୋଛ କରିଦେଇପାରିବ ।

# ବିପ୍ଲବ ବହ୍ନିର ଅନ୍ୟନାମ ସରଳା



ହିମାଂଶୁ ଶେଖର ଆଚାର୍ଯ୍ୟ
ଜଗତସିଂହପୁର
ମୋ–୯୯୩୭୧୫୧୦୫୨



୧୯୨୧ ମସିହାର କଥା । ପ୍ରଥମ ଥର ପାଇଁ ଗାନ୍ଧିଜୀ ଓଡ଼ିଶା ଗସ୍ତରେ ଆସିଥିଲେ । ନାରୀମାନଙ୍କୁ ଜାତୀୟତା ମନ୍ତ୍ରରେ ଅଭିମନ୍ତ୍ରିତ କରିବା ପାଇଁ କଂଗ୍ରେସ ପକ୍ଷରୁ କଟକର ବିନୋଦବିହାରୀ ମନ୍ଦିରରେ ଏକ ମହିଳା ସଭାର ଆୟୋଜନ କରାଯାଇଥିଲା । ଗାନ୍ଧିଜୀ ସମବେତ ମହିଳାଙ୍କୁ ଉଦ୍ବୋଧନ ଦେଇ କହିଥିଲେ- "ଜାତିର କିଛି ବଡ଼କାମ କରିବାକୁ ଇଚ୍ଛା କରୁଥିଲେ ପୁରୁଷ ପାଇଁ ଦେହ ସଜାଇବାର ନିର୍ବୋଧତାକୁ ନାରୀମାନଙ୍କୁ ଛାଡ଼ିବାକୁ ହେବ । ସେ ପୁଣି କହିଥିଲେ ଆପଣମାନେ ସୌଖୀନତାକୁ ବଡ଼ କରନ୍ତୁ ନାହିଁ । ଏସବୁ ଗହଣା ଗାଣ୍ଠିର ଆଦର ଛାଡ଼ି ଦିଅନ୍ତୁ । ଅନ୍ତରର ସୁଗନ୍ଧ ହିଁ ସବୁଠାରୁ ବେଶୀ ବାସ ଚହଟାଇ ପାରିବ ତାହାଦ୍ୱାରା ହିଁ ଆପଣମାନେ କେବଳ ପୁରୁଷକୁ ନୁହେଁ ସମଗ୍ର ମାନବ ଜାତିକୁ ବଶ କରିପାରିବେ ।" ଏହି ସଭାରେ ସରଳା ଦେବୀ ଯୋଗ ଦେଇଥିଲେ । ସବୁଠାରୁ ଉଲ୍ଲେଖଯୋଗ୍ୟ କଥା ଥିଲା, ସେଦିନ ଅନୁଷ୍ଠିତ ସେହି ସମାବେଶରେ ଗାନ୍ଧିଜୀଙ୍କ ହିନ୍ଦୀ ଭାଷଣକୁ ଓଡିଆରେ ଭାଷାନ୍ତର କରି ଉପସ୍ଥିତ ଜନତାଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ ସରଳା ଦେବୀ । ଖାଲି ସେତିକି ନୁହେଁ, ଓଡିଶାରେ ନାରୀ ଜାଗରଣର କର୍ଣ୍ଣଧାର ଥିଲେ ସେ ।

ସରଳା ଦେବୀ ୧୯୦୪ ମସିହା ଅଗଷ୍ଟ ୧୯ ତାରିଖରେ ଅବିଭକ୍ତ କଟକ ଓ ବର୍ତ୍ତମାନର ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଅନ୍ତର୍ଗତ ନରିଲୋ ଗ୍ରାମରେ ପିତା ବାସୁଦେବ କାନୁନ୍ଗୋ ଓ ମାତା ପଦ୍ମାବତୀଙ୍କ କୋଳମଣ୍ଡନ କରିଥିଲେ । ମାତ୍ର ତାଙ୍କ ପାଳକ ପିତା ଥିଲେ ବାସୁଦେବଙ୍କ ସାନ ଭାଇ ବାଳମୁକୁନ୍ଦ, ଯେକି ତତ୍କାଳୀନ ବ୍ରିଟିଶ୍ ଶାସନର ଥିଲେ ଜଣେ ଡେପୁଟି କଲେକ୍ଟର। ବାଳମୁକୁନ୍ଦଙ୍କ ଚାକିରିରେ ଘନଘନ ବଦଳି ଯୋଗୁଁ ସରଳାଙ୍କ ଆନୁଷ୍ଠାନିକ ଶିକ୍ଷା ବେଶୀଦୂର ଯାଇନଥିଲା । ପ୍ରାରମ୍ଭିକ ପର୍ଯ୍ୟାୟରେ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ "ଫାଷ୍ଟ ବୁକ୍ ଅଫ୍ ରିଡିଙ୍ଗ୍"ରୁ ସେ ଇଂରାଜୀ ଶିକ୍ଷା ଆରମ୍ଭ କଲେ । ପରେ ଗୃହ ଶିକ୍ଷକଙ୍କ ଦ୍ୱାରା ସପ୍ତମ ଯାଏ ପଢିଲେ ସରଳା ଦେବୀ । କିଛିଦିନ ପରେ ବାପାଙ୍କର ଘନଘନ ବଦଳି ଓ ଅନ୍ୟାନ୍ୟ କାରଣ ଯୋଗୁଁ ସେ ନିୟମିତ ଶିକ୍ଷାଲାଭର ସୁବିଧା ପାଇନଥିଲେ। କିନ୍ତୁ ଆନୁଷ୍ଠାନିକ ଶିକ୍ଷାର ଅଭାବ ତାଙ୍କ ଜ୍ଞାନ ଆହରଣର ବାଟ ଉଗାଳି ପାରିନଥିଲା । ପରେ ନିଜସ୍ୱ ଉଦ୍ୟମରେ ପ୍ରଚୁର ପଢାପଢି କରି ସେ ହିନ୍ଦୀ, ବଙ୍ଗଳା ଓ ଇଂରାଜୀ ଭାଷାକୁ ଭଲ ଭାବରେ ଆୟତ୍ତ କରିଥିଲେ । ତାଙ୍କର ସୃଷ୍ଟି ସମ୍ଭାର ଦେଖିଲେ ତାଙ୍କ ଜ୍ଞାନର ଗଭୀରତାର ସ୍ପଷ୍ଟ ଆଭାସ ମିଳେ । ୧୯୩୦ ମସିହାର ଐତିହାସିକ ଲବଣ ସତ୍ୟାଗ୍ରହରେ ସରଳାଙ୍କର ଅବଦାନ ବି କିଛି କମ୍ ନଥିଲା । ସେତେବେଳେ ଓଡିଶାରେ ବାଲେଶ୍ୱର ଜିଲ୍ଲାର ଇଞ୍ଚୁଡିଠାରେ ଲୁଣ ମରାହେବା ପାଇଁ ସ୍ଥିର ହୋଇଥାଏ । ପୋଲିସ୍ର ଦମନ ଲୀଳାକୁ ଖାତିର ନକରି ସତ୍ୟାଗ୍ରହୀମାନେ ଇଞ୍ଚୁଡି ଅଭିମୁଖେ ଯାତ୍ରା କରିଥିଲେ । ସରଳା ଦେବୀ କେବଳ ଏଥିରେ ସାମିଲ ହୋଇନଥିଲେ ବରଂ ତାଙ୍କ ଦୃଢ ନେତୃତ୍ୱ ଯୋଗୁଁ ଅନେକ ନାରୀ ଏଥିରେ ଯୋଗ ଦେଇଥିଲେ। ସେହିପରି ଗଞ୍ଜାମର ହୁମାଠାରେ ଲବଣ ସତ୍ୟାଗ୍ରହର ନେତୃତ୍ୱ ନେଇ ସେ ଗିରଫ ହେଲେ ଓ ତାଙ୍କୁ ପ୍ରଥମେ ଛତ୍ରପୁର ଓ ପରେ ଭେଲୋରରେ ବନ୍ଦୀ କରି ରଖାଯାଇଥିଲା । କ୍ରମଶଃ ସରଳା ଦେବୀଙ୍କ ପ୍ରତି ବଢିଲା ସମବେଦନା ଓ ସମର୍ଥନ । ସେହିପରି ଓଡିଶାରେ ନାରୀମୁକ୍ତି ଆନ୍ଦୋଳନର ଇତିହାସ ସରଳାଙ୍କ ବିନା ଲେଖିବା ଅସମ୍ଭବ । ସେ ଥିଲେ ତାର ପ୍ରମାଣ । ସେ କହୁଥିଲେ ନାରୀ ଜାଗିଲେ ପରିବାର ଜାଗିବ ଓ ପରିବାର ଜାଗିଲେ ଦେଶ ଜାଗିବ । ସେଥିପାଇଁ କୁନ୍ତଳା କୁମାରୀ ସାବତ, ବସନ୍ତ କୁମାର ଦେବୀ, ସରୋଜିନୀ ଚୌଧୁରୀ, କୋକିଳା ଦେବୀ ଓ ଜାହ୍ନବୀ ଦେବୀ ସହ ମିଶି ସେ ଗଠନ କରିଥିଲେ "ନିଖିଳ ଉତ୍କଳ ନାରୀ ପରିଷଦ" । ସଭାସମିତିରେ ତାଙ୍କର ଅଗ୍ନିବର୍ଷୀ ଓ ସାରଗର୍ଭକ ଭାଷଣ ସମସ୍ତଙ୍କ ମନରେ ଅପୂର୍ବ ଶିହରଣ ସୃଷ୍ଟି କରିଥିଲା ।

୧୯୩୭ ମସିହାରେ ଓଡିଶାର ପ୍ରାଦେଶିକ ନିର୍ବାଚନରେ ସରଳାଦେବୀ ପ୍ରଥମ ମହିଳା ବିଧାୟିକା ଭାବେ ବିଧାନସଭାରେ ପାଦ ଥାପି ଥିଲେ । ଜଣେ ବିଧାୟିକା ଭାବରେ ତାଙ୍କର କାର୍ଯ୍ୟକୁଶଳତା ତାଙ୍କୁ ଚିରଦିନ ଅବିସ୍ମରଣୀୟ କରି ରଖିବ । ବିଧାନସଭାରେ ପ୍ରାଥମିକ ଶିକ୍ଷା, ନାରୀଶିକ୍ଷା, କୃଷକ ଓ ଶ୍ରମିକ ଥଇଥାନ, ମହାଜନୀ କାରବାରର ବିରୋଧ, ଯୌତୁକ ପ୍ରଥା ଉଚ୍ଛେଦ ଆଦି ବିଷୟରେ ସେ ସରକାରଙ୍କୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଦେଇଥିଲେ। ଯୌତୁକ ବିରୋଧୀ ବିଲ୍ ଆଣି ସେ ଗୋଟିଏ ନୂଆ ପରମ୍ପରା ସୃଷ୍ଟି କରିଥିଲେ ।

ସମାଜ ସେବା, ଅହିଂସା ସଂଗ୍ରାମ, ସତ୍ୟାଗ୍ରହ ଓ ରାଜନୈତିକ ଜୀବନବୋଧ ଭିତରେ ସାହିତ୍ୟ ସାଧନା ଥିଲା ସରଳାଙ୍କ ଜୀବନର ଅନ୍ତିମ ଲକ୍ଷ୍ୟ। ସରଳାଙ୍କ ଲାଗି ସାହିତ୍ୟ ଏକ ସୌଖୀନ ବିଳାସ ନୁହେଁ, ଥିଲା ସଂଗ୍ରାମର ଆଉ ଏକ ସୀମାନ୍ତ । ସାହିତ୍ୟର ବିଭିନ୍ନ ବିଭାଗ – ଗଳ୍ପ, ଉପନ୍ୟାସ, କବିତା, ଅନୁବାଦ, ଜୀବନୀ, ନାଟକ, ପ୍ରବନ୍ଧ ଏବଂ ସମାଲୋଚନା ପ୍ରଭୃତିରେ ସେ ହାତଦେଇ ଅସାମାନ୍ୟ ସଫଳତା ଅର୍ଜନ କରିଥିଲେ । କିନ୍ତୁ ନିବନ୍ଧ ରଚନାରେ ସେ ଥିଲେ ସିଦ୍ଧହସ୍ତ । ବିଶ୍ୱ ବିପ୍ଳବୀ, ଉତ୍କଳର ନାରୀ ସମସ୍ୟା, ନାରୀର ଦାବୀ ଓ ଭାରତୀୟ ମହିଳା ପ୍ରସଙ୍ଗ ନିବନ୍ଧଗୁଡିକ ତାଙ୍କ ପ୍ରଶସ୍ତ ଅଧ୍ୟୟନ ଓ ଶାଣିତ ବିଶ୍ଳେଷଣର ଗୋଟିଏ ଗୋଟିଏ ନମୁନା । ସେମିତି ନାରୀର ଦାବୀ ନିବନ୍ଧଟି ନାରୀ ସ୍ୱାଧୀନତାର ଆଦ୍ୟ ଇସ୍ତାହାର କହିଲେ ଭୁଲ ହେବନାହିଁ । ସାହିତ୍ୟ ସମାଲୋଚନା କ୍ଷେତ୍ରରେ ତାଙ୍କ ଦକ୍ଷତାକୁ ପ୍ରମାଣିତ କରେ ସମାଲୋଚନା ମୂଳକ ପ୍ରବନ୍ଧ "ସାରଳା ମହାଭାରତରେ ନାରୀ ଚିତ୍ର" ଓ "କୁନ୍ତଳା କୁମାରୀଙ୍କ ନାରୀ ପ୍ରତିଭା" ଗ୍ରନ୍ଥଦ୍ୱୟ । ଜଣେ ଲେଖିକା ଭାବରେ ନାଟକ ରଚନା କରି ସରଳା ଦେବୀ ନିଜପାଇଁ ଏକ ସ୍ୱତନ୍ତ୍ର ଛାପ ଛାଡି ଯାଇଛନ୍ତି। ଏହାର ପ୍ରମାଣ ହେଉଛି 'ସ୍ୱପ୍ନବାସବଦତ୍ତା' ଅନୁବାଦ ସହିତ ଐତିହାସିକ ନାଟକ 'ଭୀମା ଭୂୟାଁ' ଓ ମାନସିକ ନାଟକ 'ଯାଯାବର'। ସେହିପରି ଗଳ୍ପ ଓ ଉପନ୍ୟାସ ରଚନାରେ ସରଳା ତାଙ୍କ କଥା ଶୈଳୀର ଚମତ୍କାରିତା ପ୍ରଦର୍ଶନ କରିଛନ୍ତି ।

ସରଳା ଦେବୀ ଆଜି ଆମ ଗହଣରେ ନାହାଁନ୍ତି । ୧୯୮୬ ମସିହା ଅକ୍ଟୋବର ୪ତାରିଖରେ ତାଙ୍କର ଦେହାନ୍ତ ହୋଇ ଯାଇଛି। ହେଲେ ଓଡିଶାର ରାଜନୀତି, ସମାଜ ସେବା, ସ୍ୱାଧୀନତା ସଂଗ୍ରାମ, ସାହିତ୍ୟ, ସଂସ୍କୃତି ଓ ସଂଗଠନ କ୍ଷେତ୍ରରେ ଯେଉଁ ସ୍ୱାକ୍ଷର ଛାଡିଯାଇଛନ୍ତି ତାହା ଚିରଦିନ ଆମକୁ ଅନୁପ୍ରାଣିତ କରୁଥିବ ଏଥିରେ ସନ୍ଦେହ ନାହିଁ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ଆତ୍ମ ବିଶ୍ୱାସ

ଶ୍ୱେତା ରାଉତ



କାହା ସହାନୁଭୂତିର ଆଶାବାଡ଼ି ଧରି
ପର୍ବତ ଲଙ୍ଘିବାର ଝିଅ ମୁଁ ନୁହେଁ
ଡାଲୁଅ କିଆରିରେ କନିଶିରି ପରି
ପାଣି ପାଇ ବଞ୍ଚିବାର ଆଶା ମୋର ନ'ଥାଏ ।
କାହା ମଥାରେ ଚନ୍ଦ୍ରମା ଦେଖି
ନିଜକୁ ତାରା ଭାବିବାଠାରୁ ବରଂ ଭଲ

ନିଜ ମଥାର କଳାଟୋପା ।

ଏକଥା ମୁଁ ଜାଣେ, ଜାଣେ ବୋଲି ତ !
ପାଦ ହଳକ ତିଆରିଛି ଲୁହାରେ
ଛାତିକୁ ଗଢ଼ିଛି ପଥରରେ
ଧୈର୍ଯ୍ୟର ଅଖଣ୍ଡ ଜାଳିଛି ହୃଦୟରେ ।
ତୁ କେତେ ପରୀକ୍ଷା ନେବୁରେ' ସମୟ
ମନେଥିବ କେତେଥର ହାରିଛୁ ମୋ' ଠୁ
ମନେଥିବ ମୋ ତପସ୍ୟାରେ
ତୋ'ର ଅସ୍ତିତ୍ୱ ଭସ୍ମ ହେବାର ଦିନ
ଭାଗ୍ୟ ଆଉ ଭଗବାନ୍ ଆଳରେ
ତୁ ମୋତେ ବାରମ୍ବାର ଭାଙ୍ଗିପାରୁ
ଛଳନାରେ କେବେ ଠେଲି ଦେଇପାରୁ
ଶରଶଯ୍ୟାକୁ ଇଚ୍ଛାମୃତ୍ୟୁ ନେବାକୁ ।

ହେଲେ ମୁଁ ପିତାମହ ଭୀଷ୍ମ ନୁହେଁ
ମୋହରେ, କୋହରେ, ଭୟରେ
ମରଣକୁ ବରଣ କରିନେବି ।

ମୁଁ ଅଗ୍ନିଗର୍ଭା ଯୋଦ୍ଧା
ଯାହାର ରକ୍ତ କଣିକାରେ ଟଣକି ଉଠୁଛି ସ୍ପର୍ଦ୍ଧା
ସମସ୍ୟା ସହିତ, ସମୟ ସହିତ ।
ସୁଖ ଛଡାଇ ନେବା ତୋତେ ଭଲ ଲାଗେ ବୋଲି
ମୁଁ ମିତ ବସିଛି ଦୁଃଖ ସାଥିରେ
କେହି ମୋତେ ମାରିବା ଆଗରୁ ।

ମୁଁ ମାରିସାରିଛି,
ମୋର ଇର୍ଷା, ଦ୍ୱେଷ, କାମନା, ମୋହ
ଏଣିକି ମୁଁ ଏକା ଚାଲିପାରିବି
ଅନେକ ବାଟ, ଯୋଜନ ଯୋଜନ ଦୂର
ମୁଠାଏ ଆତ୍ମବିଶ୍ୱାସର ଯୋର୍ ନେଇ ।

ରାଉତ କମ୍ପ୍ଲେକ୍ସ, କଟକ ରୋଡ଼
ଭୁବନେଶ୍ୱର

# ବାଇ ଚଢେଇ

ପ୍ରଶାନ୍ତ ବ୍ରହ୍ମା



ବାଇ ଚଢେଇରେ ବାଇ ଚଢେଇ
ମିଛେ କାହିଁ ହେଉ ବାୟା
ବସା ବାନ୍ଧି ଦିନେ ରଖିଲୁ ଯାହାକୁ
ବୁଝିଲା ନାହିଁ ତୋ ମାୟା ।

କୁଟା କାଠି ଆଣି ବାନ୍ଧି ଥିଲୁ ବସା
ମନେ ଭରା ହସ ଖୁସି
କେବେ ଯିବ ଅବା ତୋ ବସା ଦୋହଲି
ଜାବୁଡ଼ି ଧରିଥା ବସି ।

ଏ ଘର ମାଉସୀ ସେ ଘର ପିଉସୀ
ଦିନ ଯାଉଥିଲା ତୋର
ଆଖି ଫିଟିଗଲା ଯେବେ ତୋ ଛୁଆର
କଲା ତୋତେ ସାତ ପର

ବାଇ ଚଢେଇରେ ବାଇ ଚଢେଇ
କେତେ ବାନ୍ଧୁ କରି ବସା
କେହି ରହିନାହିଁ କି ରହିବେ ନାହିଁ
ଏ ତୋର ଶେଷ ଅବସ୍ଥା ।

ପଳାଶପୁର, ଖୋର୍ଦ୍ଧା ।

# ଛେଳି ଚରାଉଥିବା ଝିଅ

ଡ. ଦୀପକ କୁମାର ମିଶ୍ର



ଅଧା ଯୌବନକୁ
ସବୁଜ ଘାସର ଗାଲିଚାଟେ କରି
ବିଛେଇଦେବାକୁ ପଡ଼େ
ଉଦୁମୁଦୁମା ଚରଣି ଭୂଇଁରେ
ବେଲେ ପେଜ, ପଥୁରିଏ ଶାଗତୁଣ
ସେମିତି ଅପେକ୍ଷାରେ ଥାଏ
ବାସିମଡ଼ ପରି ଦୁର୍ଗନ୍ଧ ଛାଡୁଥିବା
ପେଟର ପାଚିଲା ଭୋକକୁ ।

ସବୁ ସ୍ୱପ୍ନ ନିଆଁଲଗା
କଦମ୍ବମୂଳରୁ ଯେଉଁ ବଂଶୀସ୍ୱର ଶୁଭେ
ସେଥିରେ ଶୁଭେଚ୍ଛା ଅପେକ୍ଷା
କଟାକ୍ଷ ଖୁନ୍ଦି ହୋଇଥାଏ ଅଧିକ
ଯାହା ଶର ପରି ବିନ୍ଧୁଥାଏ
କାନରେ, ଦେହରେ ।

କଣି ବାଉଁଶବାଡ଼ିକୁ ପଜେଇ
କଉ ଜଗିହୁଏ ଯେ ଛେଳିପଲ
ସବୁଆଡ଼େ ତ ଠିଆମେଲା, ମୁକୁଳା
ରୁଚି, ଚେତନା , ଚରିତ୍ର
ଯେମିତି ଉଡ଼ିବୁଲୁଥା'ନ୍ତି ଫାଜିଲ୍ ପବନକୁ
ଫୁ' କରି ।

ସଞ୍ଜ ହେଲେ ଘରମୁହାଁ ହୁଏ ଅନ୍ଧାର
ଗୁହାଳରେ ଛେଳିପଲ ଗଣିବା ବେଳକୁ
ହଜିଯାଇଥାଏ କେଉଁ ହୁଡ଼ି ସନ୍ଧିରେ
ବିଚାରୀ ଘରମଣିର ହୃଦୟ
ଦେହକୁ କନ୍ଥାରେ ଗୁଡ଼ାଇ
କୁନ୍ଥାଉଥାଏ କୁଣ୍ଠାବୋଧ ମନ ।

ଭୁବନେଶ୍ୱର
ମୋ-୮୨୮୦୨୧୧୦୦୦

# ଶ୍ମଶାନର ସରଳାର୍ଥ

ଶଙ୍କର ବିଶ୍ୱାଳ



ଅଧା ପଟାସିୟମ୍ ଖୋଳର
କାଗଜରେ ଭର୍ତ୍ତିସିନ୍ଦୁରର ନାଲି ରଙ୍ଗ
ଅଭିଶିକ୍ତ ରଙ୍ଗ ବେରଙ୍ଗ ମଲାଟ ଓ ଚିଠି କାଗଜର
କିଛି ପୁରୁଣା ଟୁକୁରା ,
ସ୍ମୃତି ବୋଧେ ଜୀବନ୍ତ ,
ଜାଳିଦେବାକୁ ଚେଷ୍ଟା ,
ସେସବୁ ଆଉ ଫେରିବନି ,
ନିର୍ଦ୍ଧାର ପ୍ରକାନ୍ତରଣ ମଧ୍ୟରେ ଲିପ୍ତ ହେଇସାରିଥିବା ଶବ
ଅସହାୟ ହୋଇ ଶୋଇରହିଛି ,
ସେ ଭାବୁଛି ଦେଖୁଛି କହୁଛି,
କି ଏ ମଣିଷ ପରି ଦେଖାଯାଉଥିବା
ଅମଣିଷ ମାନେ
ସେ ମୃତମାନବର କଥାକୁ
ପ୍ରତିରୋଧ କରୁଛନ୍ତି ।

ସେମାନେ ବୁଝୁଥିବା ଶବ୍ଦ ବୋଧେ
ଅଳିଭାଗାରର ଆକାଶ ତାରା
ଲୁଚିବା ଓ ଲୁଚାଇବା ଅବସ୍ଥାରେ
କାକପୋଇ ଓ ସାଗୁଆନ୍
ମାନେ ଆଜି ଏକତ୍ର
କିନ୍ତୁ ଏ ଭିତରୁ ତୁଳସୀ ବାଦ୍
ସେ କଣ ଏତେ ଅଦରକାରୀ ପାଲଟିଲା

ପ୍ରଶ୍ନ ଓ ଉତ୍ତରର
ଆଢୁଆଳ ଭିତରେ
ଯୌବନର ଆୟୁସହାଣ୍ଡି
କେତେ ବେଳେ
ନିଘୋଡ ଶକ୍ତପଥରେ ଛେଚି ହେଇଯାଏ
ନିଜ ଭାବନାରୁ ବାହାରେ
ଥାଉ , ଆଉ ପାଳ ଧୂଆଁର
ଆବଶ୍ୟକ ନାହିଁ
ଯେଉଁଠି ସାରା ଶରୀର
ବିନା ନିଆଁରେ ଜଳିସାରିଛି
ଅଗ୍ନି ଆଉ ଆକାଶମାନେ
ବୈଜ୍ଞାନିକ ମନୋବୃତ୍ତିରେ ଚାହିଁ ବସିଛନ୍ତି ।
ପଙ୍ଗୁ ଆଉ ଅପଙ୍ଗୁ ଶରୀର ଜଂଘହାଡ
ବୋଧେ ହୁଏ
ଶିର ତାର ଫାସରେ ଜୁଇ ହେଇଛି ,

ରକ୍ତ ବିହୀନ ଶବଠାରୁ
ଆଉ କିଛି ଆଶା ନାହିଁ
ଫାସୀ ଖୁଣ୍ଟରେ ଚିରଦିନକୁ
ସ୍ଥାୟୀ ଶବକୁ ସମାଧିର ଜାଗାରେ ,
ଦବାଇ ଧଳାବର୍ଣ୍ଣ ସଜାଯାଉଛି
ଅଙ୍ଗୀକାର ଓ ଆତ୍ମିୟତା ମଧ୍ୟରେ ।

ବି.ଏ ବି.ଏଡ୍ ଲୋକ ପ୍ରଶାସନ ବିଭାଗ,
ଭୋପାଳ ବିଶ୍ୱବିଦ୍ୟାଳୟ

# ନିଷ୍ଠୁର ସମୟ

ଲିପିନ ରାଉତ



ବୈଶାଖର ପହିଲି ବର୍ଷା
ଦେହ ଓ ମନ ଆନ୍ଦୋଳିତ
ଭିଜା ମାଟିର ବାସ୍ନାରେ,
ଶିହରଣ ସଂଚରିତ ସର୍ବାଙ୍ଗରେ ।।

ସ୍ୱପ୍ନ ସବୁକୁ ସାଥିରେ ନେଇ
ଆଗକୁ ବଢ଼େ ସେ,

ଅଭାବ ଅନାଟନର ପ୍ରତିବନ୍ଧକ
ଭୋକର ଆର୍ତ୍ତ ଚିତ୍କାର
ଶୁଭୁଥାଏ ସକାଳରୁ ସଞ୍ଜ ଯାଏ ।।

ଭାଗ୍ୟକୁ ଗଣ୍ଠିଲିରେ ବାନ୍ଧି
ଆଜି ସେ,
କର୍ମ ପାଇଁ ତତ୍ପର

ଆଶା ! ସୁଝିଦେବ
ମହାଜନର କରଜର ବୋଝକୁ
ଏଇ ଆସନ୍ତା ବରଷ ।।

ହାୟ !
କେତେ ନିଷ୍ଠୁର ସେ ସମୟ
ସବୁ କିଛି ଛଡାଇ ନିଏ ତାଠୁ
ବିପର୍ଯ୍ୟୟର ଦ୍ୱାହି ଦେଇ

ଆଉ ଛିଡ଼ା କରିଦିଏ
ତାକୁ ବିକଳାଙ୍ଗ ପରି
ଦୁନିଆର ମଝି ଦାଣ୍ଡରେ ।।

ମଦନପୁର, କେନ୍ଦୁଝର
ମୋ-୭୦୦୮୯୮୦୧୯୬

# ଅନିଶ୍ଚିତ ମୁହୂର୍ତ୍ତ

ଅନସୂୟା ପଣ୍ଡା



କ୍ଷଣକ ପାଇଁ ଅନ୍ଧାରୀ ସୁଡ଼ଙ୍ଗରେ
ଶୂନ୍ୟ ହେଇଯାଇଥିଲି
ଜୀବନରୁ ହାତ ଧୋଇ
ଆଶା ସବୁ ଝଡି ଯାଇଥିଲେ
ବହଳ ଅନ୍ଧାର ଛୁଇଁ

ଆଗରେ ମୃତ୍ୟୁର ହାତ
ଅସ୍ଥିର ମନରେ ବିଳାପ
କେବେ ବିଶ୍ୱାସର ପକ୍ଷୀକୁ ଧରି ଉଡୁଥିଲି
କେବେ ଅବିଶ୍ୱାସର ଅନ୍ତରୀକ୍ଷରେ
ଜୀବନ ଉଣ୍ଡାଳୁ ଥିଲି ।

ଆଖିରେ ସଂସାରର ଛବି ଚହଲୁଥିଲା
ମାୟାର ଅଞ୍ଜନ ବୋଳି
ଆଖିତଳ ଭିଜୁ ଥିଲା
ମୂହୁର୍ତ୍ତମାନେ ଯୁଗ ପରି ଲାଗୁଥିଲେ
ଅସହ୍ୟ ବେଦନା ଭରି ।

ସତର ଦିନ ସତର ଯୁଗ ପରି
କଟିଛି ଅନିଶ୍ଚିତ ଭାଗଫଳର ଅପେକ୍ଷାରେ
ଅନ୍ଧାର ଭିତରେ
ଆହୁରି ଘନ ଘୋର ଅନ୍ଧାର ଅନ୍ତରେ ।

ମନକୁ ଭାବନାକୁ ଧୈର୍ଯ୍ୟକୁ
ପରାହତ କରି ରଚିଥିଲା ପ୍ରଳୟ
ନିଃଶବ୍ଦରେ ନିଜ ସହ ଯୁଦ୍ଧ କରି
ସେଇ ଗିରିଧାରୀଙ୍କୁ ଭରସା କରି
ମାଗିଥିଲି କିଛି ଆଶିଷର ବାରି ।

ବୁର୍ଲା, ସମ୍ବଲପୁର,
ମୋ-୯୪୩୯୨୧୧୯୭୧

# ।। କବିତା ।।

ଐଶ୍ୱର୍ଯ୍ୟା ପ୍ରଧାନ



ଯେଉଁଠି ମାତୃ ଗର୍ଭରୁ ଭୂମିଷ୍ଠ ମାତ୍ରେ
କୁଆଁ କୁଆଁ ରାବ ଶୁଭେ
ମାଆ ଯେତେବେଳେ,
ଛଳଛଳ ଆଖିରେ ସନ୍ତାନ ମୁହଁକୁ ଚାହେଁ
ଭୁଲିଯାଏ ପ୍ରସବ ବେଦନା
ସେଇଠି ସୃଷ୍ଟି ହୁଏ କବିତା ।।

ଜଙ୍ଗଲ କହେ ବିରହର କାହାଣୀ
ଜଙ୍ଗଲୀ ମଣିଷ କହେ ମାଟିର କଥା
ଝରଣା ଗାଏ ଦୁଃଖର ଗୀତ
ଆଶା ଆକାଶ ଛୁଏଁ
ପୂବେଇ ପବନ ବାରତା ଦିଏ
ଆଉ ଅସ୍ତରାଗ, ରଙ୍ଗର ମୁରୁଜ ଆଙ୍କେ
କବିତା ସେଇଠି ଜନ୍ମ ନିଏ ।

ବୟସର ଅପରାହ୍ନରେ
ବଳ ପାଉନଥିବା ଦେହ,
ଥୁରୁଥୁରୁ ଚାଲି,
କହିଯାଏ ବହୁତ କିଛି
ଜୀବନର ସର୍ବସ୍ୱ ସମର୍ପି
ପ୍ରତି ମୁହୂର୍ତ୍ତରେ
ଅବହେଳିତ,ଉପେକ୍ଷିତ ବିଷକୁ ପାନକରି,
ଲୋଚା କୋଚା ଚମରେ
ଢ଼ଙ୍କା,
ଅସ୍ଥି ମଜ୍ଜା ସରି ଆସୁଥିବା ବେଳ,
ଲେଖି ବସେ ମର୍ମସ୍ପର୍ଶୀ କବିତାଟିଏ ।।

ପୋଷ୍ଟାଲ୍ କଲୋନୀ,
ଭବାନୀପାଟଣା, କଳାହାଣ୍ଡି
ମୋ-୭୦୦୮୯୩୧୫୯୯

# ଝିଅଟିଏ ଝରଣା ବୋଲି ତ...

ସୁଜିତ କୁମାର ମିଶ୍ର

ନବ ଉତ୍ସାହର ପାର୍ବଣ ଓହ୍ଲାଏ
କେଉଁ ବରଦାନେ
କୋଳକୁ ଛୁଇଁଲେ ଝିଅଟିଏ ।

କଣ ଅଛି କେଜାଣି ତା ଭିତରେ
ସାରା ସଂସାର
ଆଲୋକ ରୋଷଣୀର ନଈ
ପ୍ରସ୍ଫୁଟିତ ଶତଦଳର ପ୍ରେମ ଛୁଆଁରେ ।

ଝିଅଟିଏ ଝରଣା ବୋଲି ତ
ସବୁ ଏଠି ସରାଗ ବର୍ଷାରେ ସୁସଜ୍ଜିତ,
ମନେ ହୁଏ
କଳାମେଘ ଭରା ଆକାଶରେ
ସ୍ୱପ୍ନର ଇନ୍ଦ୍ରଧନୁ ଉଭାସିତ,
ମଗ୍ନ ଆକାଶର ନୀଳବେଶ,

ସେଇଥିପାଇଁ ତ ତା
ଭୂମିଷ୍ଠରେ ମୋହ ହୁଏ
ମାଟି ବୈକୁଣ୍ଠ ।

ଫୁଲ ପ୍ରୀତି ଆଉ ଜହ୍ନରାତି
ବିତରି ଚାଲେସେ
ସୌନ୍ଦର୍ଯ୍ୟର ରତ୍ନଟିଏ ହୋଇ,
ସେ ହସିଲେ କୁଡିଆ ପାଲଟେ ସ୍ୱର୍ଗ
ଅଦ୍ଭୁତ ଐଶ୍ୱର୍ଯ୍ୟ ଛୁଇଁ,
ଝିଅ ଦିନରାତି ଉଜାଗର ବୋଲି ତ
ବନ୍ୟା ଘରକୁ ପାରେନା ଧୋଇ,
ତା ଆଖିରୁ ସରେନା ଲୁହ
ଅନ୍ଧକାରକୁ ପ୍ରତିହତ କରିବା ପାଇଁ ।

ଧୈର୍ଯ୍ୟର ବେଶ ପୋଷାକରେ

ଝିଅକୁ ବାରିହୁଏ,
ସେ ଅଛି ବୋଲି ତ
ସୁଖଶିରୀ ଆକାଶକୁ ଛୁଏଁ,
ପଲ୍ଲବିତ ପତ୍ରରୁ ଫଳଫୁଲର
ବୈଭବରେ ସେ ସଫଳ ଚପଳା
ତା ସୁକ୍ଷ୍ମ କଳା ସୃଜନୀକୁ
ସଂସାରରେ ଚମକାଏ ।

ଝିଅଟିଏ ରତ୍ନପ୍ରଭା,
ନମ୍ରତା ତା ସାଗର ପରି
ମନଲୋଭା,
ଫଗୁଣର ଚିଠି ଗୀତ ସେ
ନବ ନିର୍ବାଣର ଅଲିଭା ଶୋଭା ।

କ୍ଷତକୁ ଆଉଁସି ଦେବାର କଳା

ତାକୁ ବେଶ୍ ଭଲଭାବେ ଜଣା,
ତା ଛୁଆଁ କୋଟି ତପର ଫଳ,
ତା ବିନା ସବୁ
ବିବର୍ଣ୍ଣ,କଷଣମୟ ଜଂଜାଳ,
ସେ ଥିଲେ ବାପା କୁଆଡେ
ସାଉଁଟନ୍ତି ଶୁଭକାଳ,
ଅଭାବୀ ଲୁହ କଷ୍ଟର ଦ୍ରୋହରେ
ହୁଅନ୍ତିନି ସେ ଚିରକାଳ ବାଟବଣା ।

ଫୁଲପରି ଆକାଶରେ
ତାରା ମାନେ ଫୁଟନ୍ତି ଅସରନ୍ତି,
ଝିଅ ଏମିତିକା ତାରାଫୁଲ
ବାରମାସୀ ଅନନ୍ତ ସୁଖର
ନୀଳ ନୀଳିମା,
ନିସ୍ୱ କ୍ଷେତରେ ଐଶ୍ୱର୍ଯ୍ୟର ସବୁଜିମା,
ଖାଲି ତା ମୋହକୁ
ରଖିବାକୁ ପଡେ ଜମା ।

ଝିଅ ଥିଲେ ଯାନିଯାତ୍ରା,
ନଥିଲେ ଦୀର୍ଘଶ୍ୱାସରେ ଆକ୍ତାମାକ୍ତା ।

ଝିଅକୁ ନେଇ
ଆନନ୍ଦ ପାର୍ବଣ ବେଳେ
ତା ଭିତରେ ଏବେ
ମରଣର ଆତଙ୍କ,
ବିବସନା ମାନସିକତାରୁ
କେବେ ଶେଷ ହେବ ଏ କଳଙ୍କ ?

ଏ ପୁଅମୟ ପୃଥିବୀ ଭିତରେ
ଝିଅ ହିସାବର ଅଙ୍କ ନା
ହୃଦୟର ଅନୁରାଗ ?
ନା ସ୍ୱାର୍ଥର ହାଟରେ
ସେ ଚିରକାଳ ଏକ
ଭୋଗବାଦ ଶବ୍ଦର ପରିଚୟ ପ୍ରାଚୁର୍ଯ୍ୟ ?



ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
୭୬୮୩୮୬୭୭୪୨

# ମହମ୍ମଦ ଆଝାରୁଦ୍ଦିନଙ୍କୁ ଇଡି ନୋଟିସ୍



**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ମହମ୍ମଦ ଆଜାରୁଦ୍ଦିନଙ୍କୁ ନୋଟିସ୍ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ। ହାଇଦ୍ରାବାଦ କ୍ରିକେଟ ଆସୋସିଏସନରେ ଦୁର୍ନୀତି ମାମଲାରେ ନୋଟିସ୍ ଜାରି କରାଯାଇଛି। ହାଇଦ୍ରାବାଦ କ୍ରିକେଟ ଆସୋସିଏସନରେ ୨୦କୋଟି ଟଙ୍କା ହେରଫେର ନେଇ ଅଭିଯୋଗ ହୋଇଛି। ଏହି ପରିପ୍ରେକ୍ଷୀରେ ଇଡ଼ି ପକ୍ଷରୁ ତାଙ୍କୁ ପଚରାଉଚରା ପାଇଁ ଡକାଯାଇଛି। ବର୍ତ୍ତମାନ କଂଗ୍ରେସ ଦଳରେ ରହିଛନ୍ତି ମହମ୍ମଦ ଆଜାରୁଦ୍ଦିନ୍। ସୂଚନା ଅନୁସାରେ ଆଜାରୁଦ୍ଦିନଙ୍କୁ ହାଇଦ୍ରାବାଦସ୍ଥିତ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ କାର୍ଯ୍ୟାଳୟରେ ହାଜର ହେବାକୁ ପଡ଼ିବ। ଏହି ମାମଲାରେ ଆଜାରୁଦ୍ଦିନଙ୍କ ବିରୋଧରେ ହାଇଦ୍ରାବାଦର ଉପ୍ପଲ ସ୍ଥିତ ରାଜୀବ ଗାନ୍ଧୀ କ୍ରିକେଟ ଷ୍ଟାଡିୟମ ପାଇଁ ବିଭିନ୍ନ ସାମଗ୍ରୀ କିଣିବା ପାଇଁ ୨୦କୋଟି ଟଙ୍କା ହଡ଼ପ କରିଥିବା ନେଇ ଅଭିଯୋଗ ହୋଇଛି।

ଅକ୍ଟୋବର ୨୦୨୩ରେ ହାଇଦ୍ରାବାଦ ପୋଲିସ ଆଜହାରୁଦ୍ଦିନଙ୍କ ସମେତ ଏଚସିଏର ପୂର୍ବତନ ଅଧିକାରୀଙ୍କ ବିରୋଧରେ ୪ଟି ଅପରାଧିକ ମାମଲା ରୁଜୁ କରିଥିଲା । ଏହା ପରେ ମାମଲାରେ ଏଣ୍ଟ୍ରି ମାରିଥିଲା ଇଡି । ଏହା ପରେ ମନି ଲଣ୍ଡରିଂ ଦିଗରେ ତଦନ୍ତ ନେଇ ଇଡି ପକ୍ଷରୁ ମାମଲା ଦାୟାର ହୋଇଥିଲା ।

ମହମ୍ମଦ ଆଝାରୁଦ୍ଦିନଙ୍କ ପକ୍ଷରୁ ସମସ୍ତ ଅଭିଯୋଗକୁ ଖଣ୍ଡନ କରାଯାଇଛି। ମହମ୍ମଦ ଆଝାରୁଦ୍ଦିନ ଏହାକୁ ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ କହିଛନ୍ତି। ତାଙ୍କ ଛବି ମଳିନ କରିବା ପାଇଁ ଏହା ଏକ ସୁଚିନ୍ତିତ ପ୍ରଚେଷ୍ଟା ବୋଲି ସେ କହିଛନ୍ତି। ଏପରିକି ପୂର୍ବରୁ ନଭେମ୍ବର ୨୦୨୩ରେ ୪ଟି ମାମଲା ମଧ୍ୟରୁ ୨ଟି ମାମଲାରେ ତାଙ୍କୁ ଆଗୁଆ ଜାମିନ ମିଳିସାରିଛି।

କ୍ରିକେଟକୁ ଅଲବିଦା କହିବା ପରେ ରାଜନୀତିରେ ପ୍ରବେଶ କରିଥିଲେ ଆଝାରୁଦ୍ଦିନ। ବର୍ତ୍ତମାନ ସେ କଂଗ୍ରେସ ଦଳର ଟପ୍ ଲିଡର ଏବଂ ପୂର୍ବତନ ସାଂସଦ ମଧ୍ୟ। ଏପରିକି ଗତ ତେଲେଙ୍ଗାନା ନିର୍ବାଚନରେ କଂଗ୍ରେସ ପକ୍ଷରୁ ବିଧାନସଭା ନିର୍ବାଚନ ଲଢି ପରାଜୟ ସାମ୍ନା କରିଛନ୍ତି । ଏହା ପୂର୍ବରୁ ଆଝାରୁଦ୍ଦିନ ୨୦୧୯ରୁ ୨୦୨୩ ପର୍ଯ୍ୟନ୍ତ ହାଇଦ୍ରାବାଦ କ୍ରିକେଟ ଆସୋସିଏସନ୍ (ଏଚସିଏ)ର ଅଧକ୍ଷ ଥିଲେ।

## ଆରମ୍ଭ ହେଲା ମହିଳା ଟି-୨୦ ବିଶ୍ୱକପ୍

# ଆଜି ନ୍ୟୁଜିଲାଣ୍ଡକୁ ଭେଟିବ ଭାରତ

**ସାରଜା**

ରାଜନୈତିକ ହିଂସା କାରଣରୁ ବାଂଲାଦେଶରୁ ସ୍ଥାନାନ୍ତରିତ ହୋଇ ୟୁଏଇରେ ଖେଳାଯାଉଥିବା ମହିଳା ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ର ନବମ ସଂସ୍କରଣ ଗୁରୁବାରଠାରୁ ଆରମ୍ଭ ହୋଇଛି। ଗ୍ରୁପ୍ ଓ ନକ୍‌ଆଉଟ୍ ପଦ୍ଧତିରେ ଖେଳାଯିବାକୁ ଥିବା ଏହି ୧୦ ଦଳିଆ ବିଶ୍ୱ ଲଢ଼େଇର ପ୍ରଥମ ମ୍ୟାଚ୍‌ରେ ଦୁଇ ଏସୀୟ ରାଷ୍ଟ୍ର ପାକିସ୍ତାନ ଓ ଶ୍ରୀଲଙ୍କା ମୁହାଁମୁହିଁ ହେବେ। ଅନ୍ୟତମ ଟ୍ରଫି ଦାବିଦାର ଭାରତ ତା'ର ଅଭିଯାନ ଶୁକ୍ରବାରଠାରୁ ନ୍ୟୁଜିଲାଣ୍ଡ ବିପକ୍ଷରେ ଆରମ୍ଭ କରିବ। ଏହି ମ୍ୟାଚ୍ ଦୁବାଇ ଅନ୍ତର୍ଜାତୀୟ ଷ୍ଟାଡିୟମ୍‌ରେ ସନ୍ଧ୍ୟା ୬ଟାରୁ ଖେଳାଯିବ।

ଭାରତୀୟ ଦଳ ତା'ର ଦ୍ୱିତୀୟ ମ୍ୟାଚ୍‌ରେ ୬ ତାରିଖ ଦିନ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ, ୯ ତାରିଖରେ ଶ୍ରୀଲଙ୍କା ଏବଂ ୧୩ ତାରିଖରେ ଅଷ୍ଟ୍ରେଲିଆକୁ ଭେଟି ଲିଗ୍ ପର୍ଯ୍ୟାୟ ଶେଷ କରିବ। ଚଳିତ ଅକ୍ଟୋବର ୨୦ ତାରିଖରେ ଫାଇନାଲ୍ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାରେ ଭାରତ ଗ୍ରୁପ୍-'ଏ'ରେ ସ୍ଥାନ ପାଇଥିଲା ବେଳେ ଏହି ଗ୍ରୁପ୍‌ରେ ନ୍ୟୁଜିଲାଣ୍ଡ ସହ ଶକ୍ତିଶାଳୀ ଅଷ୍ଟ୍ରେଲିଆ, ପାକିସ୍ତାନ ଓ ଶ୍ରୀଲଙ୍କା ରହିଛନ୍ତି। ଏଣୁ ଭାରତର ଅଭିଯାନ ସେତେଟା ସହଜ ହେବନି ବୋଲି ଅନୁମାନ କରାଯାଉଛି। ତଥାପି ହରମନପ୍ରୀତଙ୍କ ଭାରତୀୟ ଦଳ ଏଥର ବିଶ୍ୱକପ୍ ଜିତି ଇତିହାସ ରଚିବ ବୋଲି ପ୍ରଶଂସକ ଆଶା ରଖିଛନ୍ତି। ଗତଥର କିନ୍ତୁ ଦକ୍ଷିଣ ଆଫ୍ରିକାକୁ ହରାଇ ଅଷ୍ଟ୍ରେଲିଆ ବିଜେତା ହୋଇଥିଲା।




ଏଥର ମଧ୍ୟ ୬ ଥର ବିଜେତା କଙ୍ଗାରୁ ଦଳ ପୁନର୍ବାର ବିଶ୍ୱକପ୍ ଜିତିବା ଲାଗି ନିଜ ଦାବିଦାରି ଉପସ୍ଥାପନ କରିଛି। ଇଂଲଣ୍ଡ ମଧ୍ୟ ପ୍ରତିଯୋଗିତାର ଅନ୍ୟତମ ଶକ୍ତିଶାଳୀ ଦଳ। ଭାରତ ବିଜେତା ହେବା ବାଟରେ ଏହି ଦୁଇ ଦଳ ହିଁ ବଡ଼ ପ୍ରତିବନ୍ଧକ ଭାବେ ଉଭା ହୋଇପାରନ୍ତି। ୨୦୨୦ ମସିହାର ଫାଇନାଲ୍ ପ୍ରବେଶ ବିଶ୍ୱକପ୍‌ରେ ଭାରତର ସର୍ବଶ୍ରେଷ୍ଠ ପ୍ରଦର୍ଶନ ହୋଇରହିଛି। ୨୦୨୩ର ଗତ ସଂସ୍କରଣରେ ଭାରତ ସେମିଫାଇନାଲ୍ ଆଗକୁ ବଢ଼ି ପାରି ନଥିଲା। ଏଣୁ ଏଥର ଦଳ ଟ୍ରଫି ବିଜୟର ପ୍ରତୀକ୍ଷିତ ଲକ୍ଷ୍ୟ ପୂରଣ କରିବାକୁ ପ୍ରାଣପଣେ ଚେଷ୍ଟା କରିବ ବୋଲି ଦଳର ପ୍ରମୁଖ ବ୍ୟାଟର୍ ତଥା ବରିଷ୍ଠ ଖେଳାଳି ସ୍ମୃତି ମନ୍ଧାନା କହିଛନ୍ତି। ବିଶ୍ୱକପ୍‌କୁ ଯିବା ପୂର୍ବରୁ ଭାରତୀୟ ଦଳକୁ କିନ୍ତୁ ଚଳିତବର୍ଷ ମିଶ୍ରିତ ଫଳ ମିଳିଛି। ହରମନପ୍ରୀତଙ୍କ ଦଳ ବର୍ଷ ଆରମ୍ଭରୁ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ବିପକ୍ଷରେ ଶୃଙ୍ଖଳା ହାରିଥିଲା। ତେବେ ବାଂଲାଦେଶ ବିପକ୍ଷରେ ଲଗାତାର ଦୁଇଟି ଶୃଙ୍ଖଳା ଜିତି ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ଦକ୍ଷିଣ ଆଫ୍ରିକା ଶୃଙ୍ଖଳାକୁ ଅମୀମାଂସିତ ରଖିବା ପରେ ଏସିଆ କପ୍ ଫାଇନାଲ୍‌ରେ ଶ୍ରୀଲଙ୍କାଠାରୁ ହାରି ଯାଇଥିଲା ଭାରତ।

ଭାରତୀୟ ଦଳ : ହରମନପ୍ରୀତ କୌର (ଅଧିନାୟିକା), ସ୍ମୃତି ମନ୍ଧାନା, ଶେଫାଳି ବର୍ମା, ଦୀପ୍ତି ଶର୍ମା, ଜେମିମା ରଡ୍ରିଗ୍ୱେଜ୍, ରିଚା ଘୋଷ, ୟାସିକା ଭାଟିଆ, ପୂଜା ବସ୍ତ୍ରକାର, ଅରୁନ୍ଧତୀ ରେଡ୍ଡୀ, ରେଣୁକା ସିଂହ, ଡାୟାଲନ୍ ହେମଲତା, ଆଶା ଶୋଭନା, ରାଧା ଯାଦବ, ଶ୍ରେୟଙ୍କା ପାଟିଲ, ସଂଜନା ସଂଜୀବନ।

# ଧୋନୀଙ୍କୁ ଭେଟିବା ପାଇଁ ୧୧୫୦ କିମି ସାଇକେଲ ଚଳାଇ ରାଞ୍ଚିରେ ପହଞ୍ଚିଲେ ଯୁବ ଫ୍ୟାନ୍




**ନୂଆଦିଲ୍ଲୀ**

ସାରା ଦେଶରେ ମହେନ୍ଦ୍ର ସିଂ ଧୋନିଙ୍କ ଫ୍ୟାନ୍। ତାଙ୍କର ଟିକେ ଝଲକ୍ ପାଇବାକୁ ଫ୍ୟାନ୍ ଚାହିଁ ରହିଛନ୍ତି। ଏବେ ଧୋନୀଙ୍କର ଯୁବ ଫ୍ୟାନ୍ ବେଶ୍ ଚର୍ଚ୍ଚାରେ। ସେ ଧୋନୀଙ୍କୁ ଭେଟିବା ପାଇଁ ୧୧୫୦ କିମି ସାଇକେଲ ଚଳାଇ ଦିଲ୍ଲୀରୁ ରାଞ୍ଚିରେ ପହଞ୍ଚିଛନ୍ତି । ଏହି ଯୁବ ଫ୍ୟାନ୍‌ଙ୍କ ନାଁ ବୈଭବ କୁମାର। ସେ ଧୋନୀଙ୍କୁ ଭେଟିବା ପାଇଁ ଧୋନୀଙ୍କ ଘର ବାହାରେ ୫ ଦିନ ଯାଏଁ ଟେଣ୍ଟରେ ରହି ଅପେକ୍ଷା କରିଥିଲେ। ଧୋନିଙ୍କ ଘରେ ପହଞ୍ଚିବା ପରେ ବୈଭବ ରାତି ସାରା ବାହାରେ ଅପେକ୍ଷା କରିଥିଲେ। ଧୋନି ସକାଳେ ତାଙ୍କ କାର୍ ଧରି ବାହାରିଥିଲେ କିନ୍ତୁ ଜାଣିପାରିନଥିଲେ। କିନ୍ତୁ ବୈଭବ ତାଙ୍କୁ ଦେଖିବା ପରେ ଆଶ୍ୱସ୍ତି ଅନୁଭବ କରିଥିଲେ। ପ୍ରଥମ ଦିନରେ ସାକ୍ଷାତ ନହେବା ପରେ ତାଙ୍କୁ ଅପେକ୍ଷା କରିଥିଲେ ବୈଭବ। ଏହାପରେ ଧୋନି ପୁଣି ଥରେ ତାଙ୍କ କାର୍‌ରେ ଗଲେ, କିନ୍ତୁ ସେ କାର୍‌ରୁ ନଓହ୍ଲାଇ କେବଳ ହାତ ଦେଖାଇ ଚାଲି ଯାଇଥିଲେ। ବୈଭବ ଧୋନିଙ୍କୁ ଆଗରୁ ଦେଖିଥିଲେ ସତ କିନ୍ତୁ ବ୍ୟକ୍ତିଗତ ଭାବରେ ତାଙ୍କୁ ଭେଟି ପାରିନଥିଲେ। ସେ ଏପରି ଭାବେ ୫ ଦିନ ବିତାଇଥିଲେ। ଏହି ସମୟରେ ସେ ରାତିରେ ତମ୍ବୁରେ ଶୋଇଥିଲେ। ଏହାପରେ ଧୋନୀଙ୍କ ଉପରେ ରାଗିଯାଇଥିଲେ ଅନ୍ୟ ଫ୍ୟାନ୍। କ୍ୟାପ୍‌ଟେନ କୁଲଙ୍କୁ ଅହଂକାରୀ ବୋଲି କହିଥିଲେ। ତେବେ ଏହାପୂର୍ବରୁ ୨୩୦୦ କିଲୋମିଟର ସାଇକେଲ ଚଲାଇ ଚେନ୍ନାଇ ପହଞ୍ଚିଥିଲେ। କିନ୍ତୁ ସେଠାରେ ମଧ୍ୟ ଦେଖା ମିଳିନଥିଲା ଧୋନୀଙ୍କର। ତେବେ ବର୍ତ୍ତମାନ ଧୋନୀଙ୍କୁ ଭେଟିଥିବା କହିଛନ୍ତି ବୈଭବ। ସେ କହିଛନ୍ତି ଧୋନିଙ୍କ ଠାରୁ ଏକ ଅଟୋଗ୍ରାଫ୍ ଟି-ସାର୍ଟ ପାଇଛନ୍ତି। ଆଉ କ୍ୟାପ୍‌ଟେନ କୁଲ୍ ତାଙ୍କୁ ପୂରା ଫାର୍ମହାଉସ୍ ବୁଲାଇଛନ୍ତି।

# ୧୮ କୋଟି ପାଇଁ ଯୋଗ୍ୟ ନୁହନ୍ତି ହାର୍ଦ୍ଦିକ ପାଣ୍ଡ୍ୟା : ଟମ୍ ମୁଡ଼ି

**ନୂଆଦିଲ୍ଲୀ**

ଆଇପିଏଲ୍ ୨୦୨୫ର ମେଗା ନିଲାମ ପୂର୍ବରୁ ରିଟେନସନ ନିୟମ ସାମ୍ନାକୁ ଆସି ସାରିଛି। ଏହା ଅନୁସାରେ ଏବେ ଫ୍ରାଞ୍ଚାଇଜମାନେ ନିଜ ଦଳରେ ଛଅ ଖେଳାଳିଙ୍କୁ ରଖି ପାରିବେ। ଇତି ମଧ୍ୟରେ ଅଷ୍ଟ୍ରେଲିଆର ପୂର୍ବତନ କ୍ରିକେଟ୍‌ର ଟମ୍ ମୁଡ଼ି ଚକିତ କରିବା ଭଳି ବୟାନ ଦେଇଛନ୍ତି। ମୁଡ଼ି କହିଛନ୍ତି, ପାଣ୍ଡ୍ୟାଙ୍କୁ ୧୮ କୋଟି ଟଙ୍କାରେ ରିଟେନ୍ କରାଯିବା ଉଚିତ୍ କି ନାହିଁ ତାକୁ ନେଇ ମୁଁ ନିଶ୍ଚିତ ନୁହେଁ। ପାଣ୍ଡ୍ୟା ଗତ ବର୍ଷ ମୁମ୍ବାଇ କ୍ରିକେଟ୍ ଦଳର ଅଧିନାୟକ ଥିଲେ।

ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ୧୮-୧୮ କୋଟି ଟଙ୍କାର ଦୁଇ ଖେଳାଳି, ୧୪-୧୪ କୋଟି ଟଙ୍କାରେ ଦୁଇ ଖେଳାଳି ଏବଂ ୧୧ କୋଟି ଲେଖାଏଁ ଖର୍ଚ୍ଚ କରି ଦୁଇ ଖେଳାଳି ରିଟେନ୍ କରାଯାଇ ପାରିବ। ଏହି ପ୍ରସଙ୍ଗରେ ଟମ୍ ମୁଡି କହିଛନ୍ତି, ଗତ ସିଜିନରେ ଯାହା କିଛି ଘଟିଛି, ତାକୁ ଦେଖିଲେ ରୋହିତଙ୍କୁ ନେଇ କିଛି କୁହାଯାଇ ପାରିବ ନାହିଁ। ମୋତେ ଲାଗୁଛି ବୁମ୍‌ରା ଓ ସୂର୍ଯ୍ୟକୁମାର ଯାଦବଙ୍କୁ ୧୮-୧୮ କୋଟି ଟଙ୍କାରେ ରିଟେନ କରାଯିବା ଉଚିତ୍। ଏହି ତାଲିକାରେ ପାଣ୍ଡ୍ୟାଙ୍କ ନାଁ ସାମିଲ ଥିବ।

ମୁଡ଼ି କହିଛନ୍ତି, ପାଣ୍ଡ୍ୟାଙ୍କୁ ୧୪ କୋଟି ଟଙ୍କା ମିଳିପାରେ। ଏହା ବ୍ୟତୀତ ତାଙ୍କ ଫିଟନେସ୍ ଉପରେ ମଧ୍ୟ ସଭିଙ୍କ ନଜର ରହିବ। କିନ୍ତୁ ଆପଣଙ୍କୁ କ'ଣ ଲାଗୁଛି ପାଣ୍ଡ୍ୟାଙ୍କୁ ୧୮ କୋଟି ଟଙ୍କା ମିଳିବା ଉଚିତ୍। ଏତେ କୋଟି ଟଙ୍କା ଖର୍ଚ୍ଚ କଲେ ଜଣେ ଭଲ ମ୍ୟାଚ୍ ବିଜେତା ଖେଳାଳି କିଣାଯାଇ ପାରିବ। ସୂଚନାଯୋଗ୍ୟ, ମୁମ୍ବାଇ ଇଣ୍ଡିଆନ୍ସ ଆଇପିଏଲ୍ ୨୦୨୪ ଠିକ୍ ପୂର୍ବରୁ ରୋହିତ ଶର୍ମାଙ୍କୁ ଅଧିନାୟକ ପଦରୁ ହଟାଯାଇ ଥିଲା। ତାଙ୍କ ସ୍ଥାନରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ



ନେତୃତ୍ୱ ଦାୟିତ୍ୱ ଦିଆଯାଇଥିଲା। ଉକ୍ତ ସିଜିନରେ ଦଳର ପ୍ରଦର୍ଶନ ଅତ୍ୟନ୍ତ ନୈରାଶ୍ୟ ଜନକ ଥିଲା। ରୋହିତଙ୍କୁ ଅଧିନାୟକ ପଦରୁ ହଟାଯିବା ନେଇ ଖୁବ୍ ବିବାଦ ହୋଇଥିଲା। ଏବେ ରୋହିତ ମୁମ୍ବାଇ ଦଳର ରହିବେ କି ନାହିଁ ସ୍ପଷ୍ଟ ହୋଇ ନାହିଁ।

ଅଲରାଉଣ୍ଡର ଭାବେ ହାର୍ଦ୍ଦିକ ପାଣ୍ଡ୍ୟା ଅନେକ ସମୟରେ ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ମାତ୍ର ପାଣ୍ଡ୍ୟାଙ୍କ ପାଇଁ ଗତ ସିଜିନ ଦୁଃସ୍ୱପ୍ନ ପରି ଥିଲା। ତାଙ୍କ ନେତୃତ୍ୱରେ ମୁମ୍ବାଇର ପ୍ରଦର୍ଶନ ଶୋଚନୀୟ ଥିଲା। ପାଣ୍ଡ୍ୟା ଏ ପର୍ଯ୍ୟନ୍ତ ଆଇପିଏଲ୍‌ରେ ୧୩୭ ମ୍ୟାଚ୍ ଖେଳି ୨୫୨୫ ରନ କରିଛନ୍ତି। ଏଥିରେ ୧୦ ଅର୍ଦ୍ଧଶତକ ସାମିଲ। ବୋଲିଂରେ ପ୍ରଭାବଶାଳୀ ପ୍ରଦର୍ଶନ କରି ୬୪ ୱିକେଟ୍ ଅକ୍ତିକାର କରିଛନ୍ତି।

# ହରିୟାଣା ନିର୍ବାଚନ ପ୍ରଚାରରେ ସାମିଲ ହେଲେ ସେହ୍ୱାଗ୍



**ହରିୟାଣା**

ହରିୟାଣାର ରାଜନୀତି ଏବେ ବେଶ୍ କୌତୁହଳପୂର୍ଣ୍ଣ। ଅକ୍ଟୋବର ୫ରେ ରାଜ୍ୟର ୯୦ଟି ବିଧାନସଭା ଆସନ ପାଇଁ ଭୋଟ୍ ଗ୍ରହଣ ହେବ। ଏଭଳି ପରିସ୍ଥିତିରେ ସମସ୍ତ ପ୍ରାର୍ଥୀ ନିର୍ବାଚନ ପ୍ରଚାରରେ ଲାଗିପଡ଼ିଛନ୍ତି। ଏଥିରୁ ବାଦ୍ ପଡ଼ିନାହାନ୍ତି ପୂର୍ବତନ କ୍ରିକେଟର ବିରେନ୍ଦର ସେହ୍ୱାଗ। ସେ ମଧ୍ୟ ହରିୟାଣାର ତୋଷାମରେ ପହଞ୍ଚିଥିଲେ ନିର୍ବାଚନ ପ୍ରଚାର ପାଇଁ। କଂଗ୍ରେସ ପ୍ରାର୍ଥୀ ଅନିରୁଦ୍ଧ ଚୌଧୁରୀଙ୍କ ପାଇଁ ଜନତାଙ୍କୁ ମାଗିଥିଲେ ଭୋଟ୍। ସାକ୍ଷାତ୍‌କାରରେ ସେହ୍ୱାଗ କହିଛନ୍ତି, ମୁଁ ଆଶା କରୁଛି ଯେ ତୋଶାମର ଲୋକମାନେ ବହୁ ସଂଖ୍ୟାରେ ଭୋଟ୍ ଦେଇ ତାଙ୍କୁ ବିଜୟୀ କରାଇବେ। ସେ ଆହୁରି ମଧ୍ୟ କହିଛନ୍ତି, ମୁଁ ମୋର କର୍ତ୍ତବ୍ୟ ପାଳନ କରିବାକୁ ଏଠାକୁ ଆସିଛି। ଆମର ଏଠି ଏମିତି ହୁଏ, ଯେତେବେଳେ ଜଣେ ବଡ଼ ଭାଇ କିଛି କାମ କରନ୍ତି, ସମସ୍ତଙ୍କୁ ଏକାଠି ହୋଇ ସାହାଯ୍ୟ କରିବାକୁ ପଡ଼େ। ବାସ୍ ମୁଁ ସେମିତି କରିବାକୁ ଏଠାକୁ ଆସିଛି। ଯେତେବେଳେ ସେହ୍ୱାଗ ତୋଷାମରେ ପହଞ୍ଚିଥିଲେ, ସେତେବେଳେ କଂଗ୍ରେସ ପ୍ରାର୍ଥୀ ଅନିରୁଦ୍ଧ ଚୌଧୁରୀ କହିଥିଲେ ଯେ ସାଧାରଣତଃ କ୍ରିକେଟରମାନେ ନିର୍ବାଚନ ପ୍ରଚାର ପାଇଁ ଯାଆନ୍ତି ନାହିଁ କିନ୍ତୁ ବୀରୁ ସବୁବେଳେ ଆସନ୍ତି। ମୋତେ ତାଙ୍କ ବିଷୟରେ କିଛି କହିବାର ନାହିଁ। ସେ ଏଠାକୁ ଆସିଥିବାରୁ ମୁଁ ବୀରୁଙ୍କୁ କୃତଜ୍ଞତା ଜଣାଉଛି। ଯେତେବେଳେ ବି ଆମେ ଭେଟ ହୁଏ, ଆମେ କ୍ରିକେଟ୍ ବିଷୟରେ କମ୍ ଏବଂ ବ୍ୟକ୍ତିଗତ ଜୀବନ ବିଷୟରେ ଅଧିକ କଥାବାର୍ତ୍ତା ଚର୍ଚ୍ଚା କରୁ ବୋଲି କଂଗ୍ରେସ ପ୍ରାର୍ଥୀ ଅନିରୁଦ୍ଧ ଚୌଧୁରୀ କହିଛନ୍ତି।

# ବର୍ଡର-ଗାଭାସ୍କର ସିରିଜ୍‌ରୁ ବାଦ୍ ପଡ଼ିବା ଖବରରେ କ୍ଷୁବ୍ଧ ଶାମି

**ନୂଆଦିଲ୍ଲୀ**

ପୁଣି ଥରେ ଆହତ ହେବାରୁ ମହମ୍ମଦ ଶାମି ବର୍ଡର-ଗାଭାସ୍କର ଟ୍ରଫିରୁ ବାଦ୍ ପଡ଼ି ପାରନ୍ତି। ବୁଧବାର ଗଣମାଧ୍ୟମରେ ଏମିତି ଖବର ପ୍ରକାଶ ପାଇଥିଲା। ଏହି ସବୁ ଖବରକୁ ଖଣ୍ଡନ କରିଛନ୍ତି ଖୋଦ୍ ଭାରତୀୟ କ୍ରିକେଟ୍ ଦଳର ତାରକା ଦ୍ରୁତ ବୋଲର ମହମ୍ମଦ ଶାମି। ଗୋଇଠି ଅସ୍ତ୍ରୋପଚାର ପରେ ପୁନଃଥଇଥାନ ପ୍ରକ୍ରିୟା ଦେଇ ଗତି କରୁଥିବା ଶାମି ବୁଧବାର ମଇଦାନକୁ ପ୍ରତ୍ୟାବର୍ତ୍ତନ ନେଇ ବଡ଼ ସୂଚନା ଦେଇଛନ୍ତି। ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ ସେୟାର କରି ସେ କହିଛନ୍ତି, ଆଗାମୀ ବର୍ଡର-ଗାଭାସ୍କର ଟ୍ରଫିରୁ ସେ ବାଦ୍ ପଡୁଥିବା ଖବର ସଂପୂର୍ଣ୍ଣ ମିଥ୍ୟା। ନା ସେ ଏହି ବିଷୟରେ କିଛି କହିଛନ୍ତି ନା ବିସିସିଆଇ ପକ୍ଷରୁ ଏ ସଂପର୍କରେ କିଛି ବୟାନ ଆସିଛି। ମହମ୍ମଦ ଶାମି କହିଛନ୍ତି, ଏହି ଧରଣର ଗୁଜବ କାହିଁକି ପ୍ରଚାର କରାଯାଉଛି ? ମୁଁ ସଂପୂର୍ଣ୍ଣ ଫିଟ୍ ହେବା ପାଇଁ ବହୁତ ପରିଶ୍ରମ କରୁଛି। ମୁଁ ବର୍ଡର-ଗାଭାସ୍କର ଟ୍ରଫିରୁ ବାଦ୍ ପଡ଼ିବା ନେଇ ନା ବିସିସିଆଇ ଏବଂ ନା ମୋ ପକ୍ଷରୁ କିଛି ସୂଚନା ଦିଆଯାଇଛି। ମୁଁ ଲୋକଙ୍କୁ ଅନୁରୋଧ କରୁଛି ସେମାନେ ଏହି ପରି ବିନା ଆଧାରରେ ପ୍ରସାରିତ ଖବର ପ୍ରତି ଧ୍ୟାନ ଦିଅନ୍ତୁ ନାହିଁ। ଦୟା କରି ମୋ ବୟାନ ବିନା ଏମିତି ମିଛ ଖବର ପ୍ରଚାର କରନ୍ତୁ ନାହିଁ।

# କୋହଲିଙ୍କ ଟିମ୍‌ର ନୂଆ ଅଧିନାୟକ ହେବେ ରୋହିତ !

**ହାଇଦ୍ରାବାଦ**

ଆଇପିଏଲ-୨୦୨୫ ପାଇଁ ପ୍ରସ୍ତୁତି ଏବଂ ଆଲୋଚନା ଜୋର ସୋରରେ ଚାଲିଛି। କାରଣ ଏଥର ମେଗା ନିଲାମ ହେବାକୁ ଯାଉଛି ଏବଂ ଅଧିକାଂଶ ଦଳ ସମ୍ପୂର୍ଣ୍ଣ ରୂପେ ପରିବର୍ତ୍ତନ ହେବାକୁ ଯାଉଛି। ଆଇପିଏଲ୍-୨୦୨୫ ପାଇଁ ବିସିସିଆଇ ମଧ୍ୟ ନୂଆ ନିୟମ ଘୋଷଣା କରିଛି, ଯେଉଁଥିରେ ଆଇପିଏଲ୍ ଦରମା ଏବଂ ବିଦେଶୀ ଖେଳାଳିଙ୍କ ପାଇଁ ଟେଣ୍ଡର ଉପରେ ନୂଆ ନିୟମ ରହିଛି।

ଏହାରି ଭିତରେ ପୂର୍ବତନ ଭାରତୀୟ କ୍ରିକେଟର ମହମ୍ମଦ କୈଫ, ମେଗା ଅକ୍ସନରେ ରୋହିତ ଶର୍ମାଙ୍କୁ କୌଣସି ବି ପରିସ୍ଥିତିରେ ନିଜ ଦଳରେ ସାମିଲ କରିବା ପାଇଁ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)କୁ ପରାମର୍ଶ ଦେଇଛନ୍ତି। କୈଫଙ୍କ କହିବା କଥା, ଯଦି ତାଙ୍କର ବର୍ତ୍ତମାନର ଫ୍ରାଞ୍ଚାଇଜ୍ ମୁମ୍ବାଇ ଇଣ୍ଡିଆନ୍ସ ରୋହିତଙ୍କୁ ମୁକ୍ତ କରେ, ତେବେ




ରୋହିତ ମଧ୍ୟ ଏହା ବିଷୟରେ ଚିନ୍ତା କରିବା ଉଚିତ୍। ୨୦୨୪-ଆଇପିଏଲ୍ ସଂସ୍କରଣ ପୂର୍ବରୁ ରୋହିତ ଶର୍ମାଙ୍କୁ ତାଙ୍କ ଦଳ ମୁମ୍ବାଇ ଅଧିନାୟକ ପଦରୁ ହଟାଇ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ନୂଆ ଅଧିନାୟକ ଭାବେ ଦାୟିତ୍ୱ ଦେଇଥିଲା। ଏହା ପୂର୍ବରୁ ଆଇପିଏଲର ସବୁଠାରୁ ସଫଳ ଅଧିନାୟକମାନଙ୍କ ମଧ୍ୟରେ ରୋହିତଙ୍କୁ ଗଣତି କରାଯାଉଥିଲା। ଯେତେବେଳେ ମୁମ୍ବାଇ ଇଣ୍ଡିଆନ୍ସ ରୋହିତଙ୍କୁ ଅଧିନାୟକତ୍ୱରୁ ହଟାଇ ପାଣ୍ଡ୍ୟାଙ୍କୁ ନୂତନ ଅଧିନାୟକ ଭାବରେ ନିଯୁକ୍ତ କଲା, ସେତେବେଳେ ପାଣ୍ଡ୍ୟା ପ୍ରଶଂସକଙ୍କ ସମାଲୋଚନାର ଶିକାର ହୋଇଥିଲେ। ମହମ୍ମଦ କୈଫ, ରୋହିତଙ୍କୁ ଆଇପିଏଲର ପରବର୍ତ୍ତୀ ସିଜନରେ ଅଧିନାୟକ ଭାବରେ ଖେଳିବାକୁ ପରାମର୍ଶ ଦେଇଛନ୍ତି।

ଏକ ଭିଡିଓରେ କୈଫ ଖୋଲାଖୋଲି ଭାବେ କହିଛନ୍ତି, 'ଗତଥର ଗୁଜରାଟରୁ ଯେପରି ହାର୍ଦ୍ଦିକ ପାଣ୍ଡ୍ୟା ମୁମ୍ବାଇକୁ ଆସିଥିଲେ, ସେମିତି ରୋହିତ ଶର୍ମା ମଧ୍ୟ ଯାଇପାରନ୍ତି ଏବଂ ସେ ମଧ୍ୟ ଯିବା ଉଚିତ। ରୋହିତ ଶର୍ମା ଆଉ ୨-୩ ବର୍ଷ ହିଁ ଖେଳି ପାରିବେ। ତେଣୁ ସେ ଜଣେ ଅଧିନାୟକ ଭୂମିକାରେ ରହିବା ଉଚିତ୍ ଏବଂ ଆରସିବି ଏହି ସୁଯୋଗ ନେବା ଉଚିତ। ମୁଁ ଆପଣଙ୍କୁ ୧୦୦% କହୁଛି, ଯେମିତି ବି ସୁଯୋଗ ମିଳୁ, ଯାହାବି କରିବାକୁ ପଡୁ, କିନ୍ତୁ ଆରସିବି ରୋହିତଙ୍କୁ ଅଧିନାୟକ କରିଦେବା ଉଚିତ୍।

# ବୃକ୍ଷରୋପଣ ଓ ପାହାଡ଼ ପର୍ବତ ପରିବେଶ ସୁରକ୍ଷା ଏକ ସଂକଳ୍ପ ହେଉ

**ଯାଜପୁର, ନ୍ୟୁଜ୍**

ଉଭୟ ମାନବ ଓ ଜୀବ ଜଗତ ପାଇଁ ଧ୍ୱଂସାଭିମୁଖୀ ପରିବେଶ ଓ ବୃକ୍ଷଲତା ଲୋପ ପାଇବା ସବୁଠାରୁ ବଡ଼ ସମସ୍ୟା ହୋଇଛି। ତେଣୁ ବୃକ୍ଷରୋପଣ ଓ ପାହାଡ଼ ପର୍ବତ ପରିବେଶ ସୁରକ୍ଷାକୁ ପ୍ରତ୍ୟେକ ମଣିଷ ଏକ ସଂକଳ୍ପ ଭାବେ ଗ୍ରହଣ କରିବାକୁ ଧର୍ମଶାଳା ପାହାଡ଼ ପର୍ବତ ସୁରକ୍ଷା ମଞ୍ଚ ସଭାପତି ସତୀଶ ବିଶ୍ୱାଳ ଆହ୍ୱାନ ଦେଇଛନ୍ତି। ଧର୍ମଶାଳା ବ୍ଲକ ଜେନାପୁର ନୋଡାଲ ଉ.ପ୍ରା ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସ୍ୱର୍ଗତ ଇନ୍ଦୁମତୀ ଜେନା ଏବଂ ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ପରିଡାଙ୍କ ଶ୍ରାଦ୍ଧ ଦିବସ ଅବସରରେ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସତୀଶ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ସୃଷ୍ଟିକଭଗବାନ ବୃକ୍ଷଲତା, ପାହାଡ଼ ପର୍ବତ ଓ ପରିବେଶର ସୁରକ୍ଷା ଦାୟୀତ୍ୱ ମଣିଷକୁ ପ୍ରଦାନ କରିଛନ୍ତି। ହେଲେ ପଶୁ ପ୍ରବୃତିରେ ଥିବା ମଣିଷରୂପୀ ପଶୁମାନେ ପାହାଡ଼ ପର୍ବତ ଓ ବୃକ୍ଷଲତାକୁ ଧ୍ୱଂସ କରିଥାନ୍ତି। ଏଥିପାଇଁ ଉଭୟ ମଣିଷ ଓ ଜୀବଜଗତ ବିଭିନ୍ନ ପ୍ରକାର ବିପଦଜନକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଥିରୁ ମୁକ୍ତି ପାଇଁ ପ୍ରତ୍ୟେକ ମଣିଷ



ଗଛ ଲଗାଇବା ସହ ପାହାଡ଼ ପର୍ବତ ସୁରକ୍ଷା ପାଇଁ ସଂକଳ୍ପବଦ୍ଧ ହୁଅନ୍ତୁ। ପ୍ରତ୍ୟେକ ଜନ୍ମ ଏବଂ ଶ୍ରାଦ୍ଧ ଦିବସରୁ ବିଭିନ୍ନ ପ୍ରକାର ପାରମ୍ପରିକ ଉତ୍ସବରେ ବୃକ୍ଷ ରୋପଣ ଏବଂ ଏଥିନେଇ ସଚେତନତା ଜରୋରୀ। ସ୍ୱଗତ ଇନ୍ଦୁମତୀ ଏବଂ ପୂର୍ଣ୍ଣଚନ୍ଦ୍ରଙ୍କ ଶ୍ରାଦ୍ଧ ଦିବସରେ ଶତାଧିକ ଫଳଗଛ ଲଗାଯିବାର ମହତ୍ କାର୍ଯ୍ୟ ପୂରା ସମାଜ ପାଇଁ ଏକ ଏକ ସକାରାତ୍ମକ ବାର୍ତ୍ତା ଏବଂ ମହାନ କାର୍ଯ୍ୟ। ଏଥିରେ ଇନ୍ଦୁମତୀଙ୍କ ପରିବାରର ସର୍ବଶ୍ରୀ ପୀତବାସ, ବାରେଣୀ, ସୌଦାଗର, ଜିତେନ୍ଦ୍ର ଏବଂ ପୂର୍ଣ୍ଣଚନ୍ଦ୍ରଙ୍କ ପରିବାରର ସ୍ମିତାରାଣୀ ଶୁଭଦର୍ଶିନୀ, ଟୁନି ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଯୁବ ସମାଜସେବୀ ରମେଶ ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସମାଜ ସେବୀ ରଞ୍ଜନ ଦାସ, ଦାଶରଥୀ ମଲିକ, ପ୍ରଧାନ ଶିକ୍ଷକ ମଳୟ କୁମାର ଜେନା, ଶିକ୍ଷୟତ୍ରୀ ସ୍ୱର୍ଣ୍ଣଲତା ବେହେରା, ମୀନା ସାହୁ, ଗଙ୍ଗୌତ୍ରୀ ପଟ୍ଟନାୟକ, ପ୍ରମୁଖ ଯୋଗଦେଇ ବୃକ୍ଷରୋପଣର ଆବଶ୍ୟକତା ନେଇ ବର୍ଣ୍ଣନା କରିଥିଲେ। ଏହି ଅବସରରେ ଦୁଇ ସ୍ୱର୍ଗତ ଆତ୍ମାର ସଦଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇ ଥିଲା।

GOVERNMENT OF ODISHA
e-procurement Notice
OFFICE OF THE ADDITIONAL CHIEF ENGINEER,
PHULBANI MINOR IRRIGATION CIRCLE, PHULBANI
e-mail: micirclephulbani@gmail.com
Bid Identification No: ACEPMIC-03/2024-25
A-364

| | | |
|---|---|---|
| 1. | Bid Identification No. | ACEPMIC-03/2024-25 |
| 2. | Number of works | 5 (Five Nos) work |
| 3. | Bid Security (in INR)/ Approx tender Cost | Rs. 1,21,000.00 to Rs. 2,96,000.00 / Rs. 1,21,00,000.00 to Rs. 2,96,00,000.00. |
| 4. | Bid Processing Fee (INR) | Rs. 10,000.00 including GST each. |
| 5. | Period of completion | 11 (Eleven) calendar months including rainy season. |
| 6. | Date & time of Availability of Bid Document in the Portal | **08.10.2024 from 10.30AM (1ST) to 23.10.2024 up to 5.30 PM (IST)** |
| 7. | Bid clarification date& time | 08.10.2024 at 10.30 AM (1ST) to 18.10.2024 during official working hour. |
| 9. | Last date/Time for receipt of Bid in the Portal | **23.10.2024 up to 5.30 PM (IST)** |
| 10. | Date, Time and Venue of opening of Technical bid in e-method | **24.10.2024 at 12.30 PM (IST)** O/O the Additional Chief Engineer, Phulbani M.I. Circle, Phulbani. |
| 11. | Date/Time of Opening of Financial Bid | To be intimated after evaluation of Technical Bid |

**Further details can be seen from the government web site. http;//www.tendersodisha.gov.in**

**Sd/- Additional Chief Engineer**
**P.M.I. Circle, Phulbani**
**OIPR-32521/11/0003/2425**

GOVERNMENT OF ODISHA
DEPARTMENT OF WATER RESOURCES
Offline of the Superintending Engineer
U.K. Head Works Division, Kolabnagar(K), PIN-764011
e-procurement notice SE UKHWD, 04/2024-25 Dated. 30.09.2024 (ONLINE)
A-372

| | | |
|---|---|---|
| 1. | Name of work | : Civil Work |
| 2. | No of Work | : 08 (Eight) Nos. |
| 3. | Approsmate Value of Works | : 5.88 Lakhs to 21.00 Lakhs |
| 4. | Class of Contractor | : Registered & licensed Contractors of 'C' & 'D' Class |
| 5. | Period of completion | : 01 (One) to 03 (Three) Calendar Months |
| 6. | Date & time of availability of bid documents on line | : 04.10.24 at 11.00 Hours to 14.10.24 upto 17.30 Hours |
| 7. | Date & Place of opening of Bid on line | : 15.10.24 (10.30 Hours) at office of the Superintending Engineer, UKHWD, Kolab Nagar |
| 8. | Name of the officer inviting Bids. | : Superintending Engineer, UKHWD, Kolab Nagar |

**Further details can be seen from the e-procurement portal http://tendersodisha.gov.in. Addendum/ Corrigendum/ Cancellation, if any, required will be published in Govt, website only.**

**Sd/- Superintending Engineer**
**Upper Kolab Head Works Division, Kolabnagar**
**OIPR-32015/11/0009/2425**

# ଲଗାମଛଡ଼ା ନକଲି ମଦ ବିକ୍ରି : ଅବକାରୀ ଧରପଗଡ଼ ଧର୍ମକୁ ଆଖିଠାର

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ଚିକିଟି ବିଷାକ୍ତ ମଦମୃତ୍ୟୁ ଘଟଣା ରାଜ୍ୟରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା । ଏଥିରେ ୫ ଜଣଙ୍କ ଜୀବନ ବି ଚାଲିଗଲା । ବୋର୍ଡ଼ର ଅଫ୍ ରେଭିନ୍ୟୁ ଏହାର ତଦନ୍ତ କରିବେ ବୋଲି ସରକାର ବିଜ୍ଞପ୍ତି ମଧ୍ୟ ଜାରି କରିଥିଲେ । ତଥାପି ମଧ୍ୟ ନକଲି ମଦ ବିକ୍ରି ବନ୍ଦ ହେବାର ନାଁ ନେଉନି । କହିବାକୁ ଗଲେ ଚିକିଟି ଓ ପାତ୍ରପୁର ବ୍ଲକ୍‌ରେ ନକଲି ମଦ ବିକ୍ରି ଲଗାମଛଡ଼ା ହୋଇଛି । ବିଷାକ୍ତ ମଦମୃତ୍ୟୁ ଘଟଣା ପରେ ଅବକାରୀ ବିଭାଗ ଓ ପୋଲିସ ପ୍ରଶାସନ ଧରପଗଡ଼ ଆରମ୍ଭ କରିଥିଲେ । ପରବର୍ତ୍ତୀ ସମୟରେ ଏହା ଧର୍ମକୁ ଆଖିଠାର ସଦୃଶ ହୋଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ଆସିଲେ ତ୍ୱରିତ୍ ଚଢ଼ଉ କରିବାରେ ଉଭୟ ପ୍ରଶାସନ ବିଳମ୍ବ କରୁଥିବା ସ୍ଥାନୀୟ ଅଞ୍ଚଳବାସୀଙ୍କ ମହଲରେ ପ୍ରକାଶ ପାଇଛି । ସୂଚନାପ୍ରକାରେ ଚିକିଟି ନିର୍ବାଚନ ମଣ୍ଡଳୀର ସମୁଦ୍ର ଉପକୂଳ ପଞ୍ଚାୟତ ସୁନାପୁର ଓ ପାତ୍ରପୁର ବ୍ଲକ୍‌ର ଖରଣିପଡ଼ା ପଞ୍ଚାୟତରେ ଅବାଧ ମଦ ବିକ୍ରି ହେଉଥିବା ପୁଣି ଥରେ ଅଭିଯୋଗ ହୋଇଛି । ଏଠାରେ ବିକ୍ରି ହେଉଥିବା ଦେଶୀ ମଦ ପ୍ୟାକେଟ୍‌ରେ କୌଣସି ସୂଚନା ନାହିଁ । ଏଣୁ ଏହା ସମ୍ପୂର୍ଣ୍ଣ ନକଲି ବୋଲି ସ୍ପଷ୍ଟ ହୋଇଛି । ଏହା କେଉଁଠି ଓ କିଭଳି ପ୍ରସ୍ତୁତ ହେଉଛି ତାହା ବର୍ତ୍ତମାନ ସନ୍ଦେହ ଘେରରେ ରହିଛି । ଏନେଇ ଅବକାରୀ ବିଭାଗର ଦୃଷ୍ଟିକୁ ଏକ ଖବର ଆସିଛି । ଏହାର ତଦନ୍ତ ଲାଗି ଯୋଜନା ପ୍ରସ୍ତୁତ ହୋଇଥିବା ମଧ୍ୟ ସୂଚନା ମିଳିଛି । ଏଣେ ଜିଲ୍ଲା ଅଧିକାରୀ ଓ ଅବକାରୀ ଗୁଇନ୍ଦା ବିଭାଗ ସୁନାପୁର ଗ୍ରାମରେ ଚଢ଼ଉ କରିଥିବା ଜଣାପଡ଼ିଛି । ଚିକିଟି ଓ ପାତ୍ରପୁର ବ୍ଲକ୍‌ରେ ପୁଣି ନକଲି ମଦ ବ୍ୟବସାୟ ସକ୍ରିୟ ହୋଇଛି । ସ୍ଥାନୀୟ ନେତାମାନେ ଏନେଇ ଦୃଷ୍ଟି ଆକର୍ଷଣ କରୁଥିଲେ ହେଁ ଏଥିପ୍ରତି ଅବକାରୀ ବିଭାଗ ଓ ପୋଲିସ ପ୍ରଶାସନ ଏତଟା ଗୁରୁତ୍ୱ ଦେଉନଥିବା ପରିତାପର ବିଷୟ ବୋଲି କୁହାଯାଇଛି । ଅନ୍ୟପକ୍ଷରେ ପାତ୍ରପୁର ଓ ଚିକିଟି ବ୍ଲକ୍‌ରେ ବିନା ଲାଇସେନ୍ସରେ ଗାଁ ଗଣ୍ଡାରେ ପ୍ରବଳ ମଦ ବିକ୍ରି ହେଉଛି। ଦିଗପହଣ୍ଡିରୁ ଚିକିଟି ବ୍ଲକ୍ ଆସୁଛି ଏହି ମଦ । ସେହିଭଳି ତଣ୍ଡିପୁର ଓ ଖରଣିପଡ଼ା ପଞ୍ଚାୟତକୁ ମଦ ଆସୁଛି । ଏଥିରେ ରୋକ ବି ଲାଗି ପାରୁନି । ଭେଣ୍ଡରମାନେ ହିଁ ଚୋରାମଦ ପ୍ରସ୍ତୁତ କରୁଥିବା ଭଳି ସାଙ୍ଘାତିକ ଅଭିଯୋଗ ହୋଇଛି । ଏହାଦ୍ୱାରା ସରକାର ରାଜସ୍ୱ ହରାଉଛନ୍ତି । ପାତ୍ରପୁର ବ୍ଲକ୍‌ର ପ୍ରତିଦିନ ଗଳାବାଟ ଦେଇ ଆନ୍ଧ୍ରକୁ ଚୋରାମଦ କାରବାର ହେଉଛି । ସୀମାନ୍ତ ଗ୍ରାମ ଗୁଡ଼ିକରେ ସନ୍ଧ୍ୟା ହେଲେ ଛକ ଛକରେ ଗହଳି ଜମୁଛି । ଏହି ସ୍ଥାନରେ ମଦ ବିକ୍ରି କରିବାକୁ କିଏ ଅନୁମତି ଦେଲା ସେନେଇ ବିରାଟ ପ୍ରଶ୍ନ ସୃଷ୍ଟି ହୋଇଛି । ମଦ ଲାଇସେନ୍ସ ଥିବା ଭାଟି ମାଲିକମାନେ ଚୋରାମଦ କାରବାରରେ ସିଧାସଳଖ ସମ୍ପୃକ୍ତି ରହିଥିବା ନେଇ କଂଗ୍ରେସ ନେତା ରବୀନ୍ଦ୍ର ନ୍ୟାନ ସାମନ୍ତରା ଅଭିଯୋଗ କରିଛନ୍ତି । ସେ କହିଛନ୍ତି ଯେ, ମାଉନ୍ଦପୁରରେ ମଦ ପିଇ ଜେନାପୁର ଓ କରବାଲୁର ୫ ଜଣ ଚାଲିଗଲେ । ପ୍ରଥମେ ସରକାର କହିଲେ ଏହାର ରାଜସ୍ୱ ସ୍ତରୀୟ ତଦନ୍ତ ହେବ । ବର୍ତ୍ତମାନ ବୋର୍ଡ଼ ଅଫ୍ ରେଭିନ୍ୟୁ କରି ବୋଲି କହିଛନ୍ତି । ଅବକାରୀ ବିଭାଗର ଏଭଳି ଦୋମୁହାଁ ନୀତି ଫଳରେ ମଦ ମାଫିଆମାନେ ଖସିବାରର ବାଟ ପାଉଛନ୍ତି । ଏଥିଦ୍ୱାରା ଘଟଣାକୁ ଚପାଇଦେବାକୁ ଉଦ୍ୟମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି । ଏହି ଘଟଣାର ବିଚାର ବିଭାଗୀୟ ତଦନ୍ତ ହେଲେ ପ୍ରକୃତ ରହସ୍ୟ ପଦାକୁ ଆସିବ ବୋଲି ସେ କହିଛନ୍ତି । ଅବକାରୀ ଓ ପୋଲିସ ସ୍ୱଚ୍ଛତା ଅବଲମ୍ବନ କରି ସୀମାନ୍ତ ଗାଁରେ ପ୍ରତିଦିନ ସନ୍ଧ୍ୟା ଓ ରାତିରେ ଧରପଗଡ଼ କରିବା ସହ ମଦ ପ୍ରସ୍ତୁତକାରୀ ଓ ବିକ୍ରେତାଙ୍କ ବିରୋଧରେ କଠୋର ହେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି । ନଚେତ୍ ଭବିଷ୍ୟତରେ ପୁଣି ଏକ ମଦମୃତ୍ୟୁ ଘଟଣା ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ ବୋଲି ବିଭିନ୍ନ ମହଲରୁ ମତ ପ୍ରକାଶ ପାଇଛି ।





# ବନ୍ୟପ୍ରାଣୀଙ୍କ ସୁରକ୍ଷା ନିମନ୍ତେ ସମସ୍ତଙ୍କ ସହଯୋଗ ଲୋଡା : ଜଙ୍ଗଲ ମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବନ୍ୟପ୍ରାଣୀ ଓ ସେମାନଙ୍କ ଆବାସସ୍ଥଳୀର ସୁରକ୍ଷା ଉଦ୍ଦେଶ୍ୟରେ ଗ୍ରହଣ କରାଯାଉଥିବା ବିଭିନ୍ନ ଯୋଜନାଗୁଡିକର ସଫଳ ରୂପାୟନ ନିମନ୍ତେ ଜନସାଧାରଣ, ଗଣମାଧ୍ୟମ, ସ୍ୱେଚ୍ଛାସେବୀ ଏବଂ ସାମାଜିକ ଅନୁଷ୍ଠାନଗୁଡିକର ଅକୁଣ୍ଠ ସହଯୋଗ ଲୋଡା ବୋଲି ଜଙ୍ଗଲ, ପରିବେଶ, ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂଖୁଂଟିଆ ଆଜି ମତବ୍ୟକ୍ତ କରିଛନ୍ତି । ୭୦ତମ ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ, ୨୦୨୪ ଆଜି ରାଜଧାନୀ ଭୁବନେଶ୍ୱରରେ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଙ୍ଗଲ, ପରିବେଶ, ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂଖୁଂଟିଆ କହିଲେ ଯେ, ଶାନ୍ତି ଓ ଅହିଂସାର ମହାନ ଉପାସକ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପୁଣ୍ୟ ଜନ୍ମଦିବସ ଅକ୍ଟୋବର ୨ ତାରିଖରୁ ସମଗ୍ର ଦେଶରେ ପ୍ରତିବର୍ଷ ସପ୍ତାହ ବ୍ୟାପି 'ବନ୍ୟପ୍ରାଣୀ ସପ୍ତାହ' ପାଳିତ ହୋଇଥାଏ । ବନ୍ୟପ୍ରାଣୀମାନଙ୍କ ସୁରକ୍ଷା, ସଂରକ୍ଷଣ ଓ ଅଭିବୃଦ୍ଧି ଏବଂ ସେମାନଙ୍କ ଆବାସସ୍ଥଳୀର ସୁରକ୍ଷା ଓ ସଂରକ୍ଷଣ ପାଇଁ ଜନମାନସରେ ବ୍ୟାପକ ସଚେତନତା ସୃଷ୍ଟି କରିବା ବନ୍ୟପ୍ରାଣୀ ସପ୍ତାହ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ଏହି ଅବସରରେ ଆମେ ରାଜ୍ୟର ଜଙ୍ଗଲ ଓ ବନ୍ୟପ୍ରାଣୀର ସୁରକ୍ଷା ପାଇଁ ଆମର ପ୍ରତିବଦ୍ଧତାକୁ ସ୍ମରଣ କରିଥାଉ । ଏହା ଆମ ଦେଶର ସମ୍ବିଧାନ ପ୍ରଦତ୍ତ ଏକ ପ୍ରମୁଖ ଦାୟିତ୍ୱ ଓ କର୍ତ୍ତବ୍ୟ । 'ଜୀବେ ଦୟା' ଆମ ପୁରାତନ ସଂସ୍କୃତି ଓ ପରମ୍ପରାର ମୂଳ ମନ୍ତ୍ର । ମାନବ ସମାଜ ଓ ବନ୍ୟପ୍ରାଣୀ ଓତଃପ୍ରୋତ ଭାବେ ଜଡ଼ିତ । ମାନବ ସମାଜ ତିଷ୍ଠି ରହିବା ପାଇଁ ଏହି ପ୍ରାକୃତିକ ଭାରସାମ୍ୟ ଅପରିହାର୍ଯ୍ୟ । ଏଥିପାଇଁ



ବନ୍ୟପ୍ରାଣୀଙ୍କର ଅବଦାନ ବାସ୍ତବିକ ଗୁରୁତ୍ୱପୂର୍ଣ୍ଣ । ଆମର ପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ରାଜ୍ୟର ମୂଲ୍ୟବାନ ବନ୍ୟପ୍ରାଣୀଙ୍କ ସୁରକ୍ଷା, ସଂରକ୍ଷଣ ଓ ଅଭିବୃଦ୍ଧି ଦିଗରେ ସଦାସର୍ବଦା ଅଙ୍ଗୀକାରବଦ୍ଧ । ସମ୍ପ୍ରତି ଓଡ଼ିଶାର ଭୌଗୋଳିକ ଆୟତନର ୩୬.୨୧ ପ୍ରତିଶତ ବନାଂଚଳ ଦ୍ୱାରା ଆଚ୍ଛାଦିତ ହୋଇପାରିଛି ଯାହା ଜାତୀୟ ହାର ୨୪ ପ୍ରତିଶତଠାରୁ ଯଥେଷ୍ଟ ଅଧିକ । ଏହା ଆମ ରାଜ୍ୟର ବନ୍ୟପ୍ରାଣୀ, ଜଙ୍ଗଲ ଓ ପରିବେଶର ସୁରକ୍ଷା ଓ ସଂରକ୍ଷଣ ଦିଗରେ ଦୃଢ଼ ପଦକ୍ଷେପର ଚାକ୍ଷୁଷ ପ୍ରମାଣ। ଆମ ରାଜ୍ୟର ବିଶାଳ ଜୈବବିବିଧତା ସମଗ୍ର ବିଶ୍ୱରେ ଅଦ୍ୱିତୀୟ । ଆମର ବନାନୀ ବହୁବିଧ ବନ୍ୟପ୍ରାଣୀ ଓ ଜୈବବିବିଧତାରେ ପରିପୂର୍ଣ୍ଣ । ୩ ହଜାରରୁ ଅଧିକ ପ୍ରଜାତିର ଉଦ୍ଭିଦ ସହ ୧୧୪ ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀ, ୫୩୭ ପ୍ରଜାତିର ପକ୍ଷୀ, ୨୯ ପ୍ରଜାତିର ଉଭୟଚର ପ୍ରାଣୀ ଏବଂ ୧୨୯ ପ୍ରକାରର ସରୀସୃପ ଆମ ରାଜ୍ୟରେ ଦେଖାଯାଇଥାନ୍ତି । ଚିଲିକା ହ୍ରଦ, ଭିତରକନିକା, ଶିମିଳିପାଳ ଜାତୀୟ ଉଦ୍ୟାନ ଏବଂ ସଂରକ୍ଷିତ ବନାଂଚଳଗୁଡ଼ିକ ବିଭିନ୍ନ ଲୁପ୍ତପ୍ରାୟ ପ୍ରଜାତିର ବନ୍ୟପ୍ରାଣୀଙ୍କୁ ସୁରକ୍ଷା ପ୍ରଦାନ କରିଆସୁଛି । ଏସବୁ ବନ୍ୟପ୍ରାଣୀଙ୍କ ପାଇଁ ସଂପୂର୍ଣ୍ଣ ସୁରକ୍ଷିତ ଅଂଚଳ ଓ ଜୈବ ବିବିଧତାରେ ପରିପୂର୍ଣ୍ଣ ହୋଇଥିବାରୁ ଏସବୁର ରକ୍ଷଣାବେକ୍ଷଣ ଓ ଯନି ନେବା ଆମର ମହାନ୍ କର୍ତ୍ତବ୍ୟ । ବନ୍ୟପ୍ରାଣୀମାନଙ୍କ ସୁରକ୍ଷା, ସଂରକ୍ଷଣ, ଅଭିବୃଦ୍ଧି ତଥା ସେମାନଙ୍କ ବାସସ୍ଥଳୀଗୁଡ଼ିକୁ ସୁରକ୍ଷିତ ରଖିବା ପାଇଁ ରାଜ୍ୟ ସରକାର ବହୁବିଧ ପଦକ୍ଷେପ ଗ୍ରହଣ କରି ଆସୁଛନ୍ତି । ବନ୍ୟପ୍ରାଣୀ ସଂରକ୍ଷଣ, ପରିବେଶ ସଚେତନତା ଓ ମଣିଷ ସମାଜ ପାଇଁ ଜଙ୍ଗଲର ଆବଶ୍ୟକତା ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଓ ପ୍ରସାର ଅତି ଜରୁରୀ । ଛୋଟ ବେଳୁ ଏ ସମ୍ବନ୍ଧରେ ଅନ୍ତର୍ନିହିତ ଅନୁରକ୍ତି ଓ ଆଗ୍ରହ ରହିଲେ ଜଙ୍ଗଲ କ୍ଷୟଜନିତ ପରିବେଶ ନଷ୍ଟ ନିଶ୍ଚିତ ରୂପେ ରୋକାଯାଇ ପାରିବ । ଗୃହପାଳିତ ପଶୁମାନଙ୍କୁ ଆମେ ଯେଉଁଭଳି ଭାବରେ ସ୍ନେହ ଓ ଆଦର ପ୍ରଦର୍ଶନ କରିଥାଉ, ବନାନୀ ମଧ୍ୟରେ ରହୁଥିବା ବନ୍ୟପ୍ରାଣୀଙ୍କ ପ୍ରତି ସେହିଭଳି ଆଦର, ଦୟା, କରୁଣା ଭାବ ରହିବା ଉଚିତ୍ । ବହୁମୂଲ୍ୟ ବନ୍ୟପ୍ରାଣୀ ଥରେ ଲୋପ ପାଇଗଲେ ଆମର ଉତ୍ତରପୁରୁଷମାନେ ସେମାନଙ୍କୁ ଦେଖିପାରିବେ ନାହିଁ ଓ ଆମକୁ ଏଥିପାଇଁ କ୍ଷମା ଦେବେ ନାହିଁ । ତେଣୁ ଜଙ୍ଗଲ ଓ ବନ୍ୟପ୍ରାଣୀ ସୁରକ୍ଷା ଏବଂ ସଂରକ୍ଷଣ ସମସ୍ତଙ୍କ ଧ୍ୟେୟ ହେଉ, ଆମର ମହାନ୍ ଜୈବ ବିବିଧତା ସୁରକ୍ଷିତ ରହୁ ବୋଲି ମନ୍ତ୍ରୀ ଶ୍ରୀ ସିଂଖୁଂଟିଆ ଆହ୍ୱାନ ଦେଇଥିଲେ ।

# ଝାଡଖଣ୍ଡ ନିର୍ବାଚନ ପାଇଁ ଓଡ଼ିଶା ରାଜଭବନ ପାଲଟିଛି ବିଜେପିର ୱାର ରୁମ୍ : ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ଗତ କିଛି ଦିନ ଭିତରେ, ଓଡ଼ିଶାର ରାଜଭ୍ୱନ ଭିତରେ ଦେଖିବାକୁ ମିଳିଥିବା କିଛି ରାଜନୈତିକ ଗତିବିଧିକୁ ନେଇ ଗୁରୁବାର ବିଜୁ ଜନତା ଦଳ ପକ୍ଷରୁ ଏହା ଉପରେ ପ୍ରଶ୍ନ ଉଠାଇବା ସଙ୍ଗେ ସଙ୍ଗେ, ଝାଡଖଣ୍ଡ ନିର୍ବାଚନ ପାଇଁ ଓଡିଶା ରାଜ ଭବନ ଏକ ୱାର ରୁମ ବା ରାଜନୈତିକ ପେଣ୍ଠସ୍ଥଳୀ ପାଲଟିଛି ବୋଲି ଅଭିଯୋଗ କରାଯାଇଛି । ଏହି ରାଜନୈତିକ କାର୍ଯ୍ୟକ୍ରମ ଯୋଗୁ ଓଡ଼ିଶା ରାଜ ଭବନର ଗାରିମା କ୍ଷୁର୍ଣ୍ଣ ହେଉଛି ବୋଲି କୁହାଯାଇଛି। ଗୁରୁବାର ବିଜେଡି ମୁଖ୍ୟାଳୟ ଶଙ୍ଖ ଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟସଭା ସାଂସଦ ତଥା ବିଜେଡି ମୁଖପାତ୍ର ଶ୍ରୀମତୀ ସୁଲତା ଦେଓ ଓ ଶ୍ରୀ ସସ୍ମିତ ପାତ୍ର କହିଥିଲେ, ରାଜ ଭବନ ହେଉଛି ଏକ ଗାରିମାମୟ ସ୍ଥାନ ଓ ରାଜନୀତିରୁ ଉର୍ଦ୍ଧ୍ୱରେ, କିନ୍ତୁ ଆସାମ ମୁଖ୍ୟମନ୍ତ୍ରୀ ଶ୍ରୀ ହିମନ୍ତ ବିଶ୍ୱଶର୍ମା ଓ ପୂର୍ବତନ ଉପରାଷ୍ଟ୍ରପତି ଭେଙ୍କିଆ ନାଇଡୁଙ୍କ ରାଜ ଭବନକୁ ଆଗମନ ନିଶ୍ଚିତ ଭାବେ ପ୍ରଶ୍ନ ସୃଷ୍ଟି କରିଛି। ଶ୍ରୀମତୀ ଦେଓ କହିଥିଲେ, ହିମନ୍ତ ବିଶ୍ୱଶର୍ମା ଗଣମାଧ୍ୟମ ଆଗରେ ପ୍ରତିକ୍ରିୟା ଦେଇ କହିଥିଲେ, ସେ ବ୍ୟକ୍ତିଗତ କାରଣରୁ ଓଡ଼ିଶାର ରାଜ୍ୟପାଳଙ୍କୁ ଭେଟିବାକୁ ଆସିଛନ୍ତି। କିନ୍ତୁ, ତାପରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଯେତେବେଳେ ଝାଡଖଣ୍ଡ ଯାଇ ସେଠାରେ ଏକ ନିର୍ବାଚନୀ ସଭାରେ ଭାଷଣ ଦେଇଥିଲେ, ସେତେବେଳେ ବିଶ୍ୱଶର୍ମା ଓ ଭେଙ୍କିଆ ନାଇଡୁଙ୍କ ଗସ୍ତ ରାଜନୈତିକ କାରଣରୁ ଥିଲା ବୋଲି ସ୍ପଷ୍ଟ ହୋଇଥିଲା। ଓଡ଼ିଶାର ରାଜ୍ୟପାଳ ଶ୍ରୀଯୁକ୍ତ ରଘୁବର ଦାସ ଝାଡଖଣ୍ଡ ରାଜ୍ୟରେ ହେବାକୁ ଥିବା ବିଧାନସଭା ନିର୍ବାଚନରେ ପ୍ରାର୍ଥୀ ହେବେ ବୋଲି ଗଣମାଧ୍ୟମରେ ଚର୍ଚ୍ଚା ହେଉଛି। ସେ ନିର୍ବାଚନ ଲଢିବେ କି ନାହିଁ, ସେଥିରେ ବିଜେଡିର କିଛି ଯାଏ ଆସେ ନାହିଁ, କିନ୍ତୁ ଓଡ଼ିଶାର ରାଜ ଭ୍ୱନକୁ ରାଜନୀତିର ଆଡ୍ଡାସ୍ଥଳୀରେ ପରିଣତ ନକରାଯାଉ ଓ ଏହାର ଗାରିମା ନଷ୍ଟ ନହେଉ ବୋଲି ଶ୍ରୀମତୀ ଦେଓ କହିଥିଲେ। ସେ ଆହୁରି କହିଥିଲେ, ରାଜ୍ୟପାଳଙ୍କ ପୁଅଙ୍କ ଦ୍ୱାରା ଜଣେ ଏଏସଓଙ୍କ ଉପରେ ହୋଇଥିବା ଅମାନବୀୟ ଆକ୍ରମଣ ଘଟଣାରେ ଏ ପର୍ଯ୍ୟନ୍ତ ନ୍ୟାୟ ନମିଳିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବିଷୟ। ପନ୍ଦର ଦିନରେ ଏହି କେସରେ ଜିଲ୍ଲାପାଳଙ୍କୁ ରିପୋର୍ଟ ଦେବାକୁ କୁହାଯାଇଥିଲା, ଯାହା ତିନିମାସରୁ ଉର୍ଦ୍ଧ୍ୱ ସମୟ ବିତିଯିବା ପରେ ମଧ୍ୟ ରିପୋର୍ଟ ଆସି ପାରିନାହିଁ। ଦଳର ଜାତୀୟ ମୁଖପାତ୍ର ଓ ରାଜ୍ୟସଭା ସାଂସଦ ସସ୍ମିତ ପାତ୍ର ସିଧା ସଳଖ ପ୍ରଶ୍ନ କରିଥିଲେ, ଝାଡଖଣ୍ଡ ନିର୍ବାଚନ ପାଇଁ ଓଡ଼ିଶାର ରାଜଭ୍ୱନ ବିଜେପିର ୱାର ରୁମ ବା ରାଜନୈତିକ ପେଣ୍ଠସ୍ଥଳୀ ପାଲଟିଛି କି ? ଏହି ରାଜନୈତିକ ଗତିବିଧିର ମୁଖ୍ୟ ପୁରୋଧା ନିଜେ ରାଜ୍ୟପାଳ ମହୋଦୟ ଅଛନ୍ତି, ସେ ଏ ବିଷୟରେ ସ୍ପଷ୍ଟୀକରଣ ରଖିବା ଉଚିତ। ଦ୍ୱିତୀୟ ପ୍ରଶ୍ନ ହେଉଛି, ଓଡ଼ିଶାର ରାଜ୍ୟପାଳ ଝାରଖଣ୍ଡ ମୁଖ୍ୟମନ୍ତ୍ରୀ ଦୌଡ଼ରେ ସାମିଲ ହୋଇଛନ୍ତି କି, ଯେଉଁଥିପାଇଁ ସେ ସାମ୍ବିଧାନିକ ପଦବୀରେ ଥାଇ ମଧ୍ୟ ନିଜର ରାଜନୈତିକ ସ୍ୱାର୍ଥ ହାସଲ ଲାଗି, ରାଜଭବନ ଗାରିମାକୁ ଜଳାଞ୍ଜଳି ଦେବାକୁ ପଛାଉ ନାହାନ୍ତି। ବିଜେପିର ବରିଷ୍ଠ ନେତାମାନେ ସ୍ପଷ୍ଟ କରିବା ଦରକାର, ସେମାନେ ରାଜଭବନକୁ ବ୍ୟକ୍ତିଗତ କାରଣରୁ ନା ରାଜନୈତିକ କାରଣରୁ ରାଜ ଭବନକୁ ଗସ୍ତ କରୁଛନ୍ତି। ରାଜ୍ୟପାଳ ତାଙ୍କ ପୁଅ ପ୍ରୀତି ଛାଡି କେବେ ଏଏସଓଙ୍କୁ ନ୍ୟାୟ ପ୍ରଦାନ କରିବେ। ତାଛଡା, ନ୍ୟାୟ ତା' ବାଟରେ ଯିବ ବୋଲି କହୁଥିବା, ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମହୋଦୟ ମଧ୍ୟ ସ୍ପଷ୍ଟ କରିବା ଦରକାର ଯେ ତାଙ୍କ ସରକାର କେବେ ଏହି କେସରେ ରାଜ୍ୟପାଳଙ୍କ ପୁଅ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଶ୍ରୀ ପାତ୍ର କହିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ବିଜେଡି ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଲେନିନ ମହାନ୍ତି ପ୍ରାରମ୍ଭିକ ସୂଚନା ଦେଇଥିଲେ।

# ଟ୍ୱିନ୍‌ସିଟିର ଅତିରିକ୍ତ ପୋଲିସ କମିଶନର ଭାବେ ଦାୟିତ୍ୱ ନେଲେ ଉମାଶଙ୍କର ଦାସ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଟ୍ୱିନ୍ ସିଟିର ଅତିରିକ୍ତ ପୋଲିସ କମିଶନର ହେଲେ ଡ. ଉମାଶଙ୍କର ଦାସ। ଗୁରୁବାର ଅପରାହ୍ନରେ ପୋଲିସ କମିଶନରେଟ କାର୍ଯ୍ୟାଳୟରେ ନୂଆ ଅତିରିକ୍ତ ସିପି ଭାବେ ୨୦୦୮ ବ୍ୟାଚ୍ ଆଇପିଏସ୍ ଅଫିସ ଡ. ଉମାଶଙ୍କର ଦାସ ଦାୟିତ୍ୱ ଗ୍ରହଣ କରିଥିଲେ। ଶ୍ରୀ ଦାସ ଦାୟିତ୍ୱ ଗ୍ରହଣ କରିବା ପରେ ପୋଲିସ ହେଡ୍ କ୍ୱାର୍ଟରରେ ସମସ୍ତ ଅଧିକାରୀ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଶ୍ରୀ ଦାସ ଗଣମାଧ୍ୟମକୁ ପ୍ରତିକ୍ରିୟାରେ କହିଛନ୍ତି, ଭଗବାନଙ୍କ ଆଶୀର୍ବାଦରୁ ମୁଁ ପୁଣି ଏତେ ବଡ଼ ସୁଯୋଗ ପାଇଛି। ଟ୍ୱିନ୍‌ସିଟି କମିଶନର ସୁରେଶ ଦେବଦତ୍ତ ସିଂଙ୍କ ନେତୃତ୍ୱରେ ଗଠିତ ଟିମ୍‌ରେ କାମ କରିବି। ସହରରୁ କିଭିଳି ଅପରାଧ ମୁକ୍ତ କରିହେବ ତାହା ଉପରେ ଆମର ଫୋକସ୍ ରହିବ। ସୂଚନା ମୁତାବକ, ଡ.ଉମାଶଙ୍କର ମୟୂରଭଞ୍ଜର ବାସିନ୍ଦା। ସେ ୨୦୦୮ ବ୍ୟାଚର ଆଇପିଏସ୍ ଅଫିସର। ସେ ଫିଜିକ୍ସ ଅନର୍ସରେ ବିଏସ୍‌ସି ପାସ କରିବା ପରେ ଏମବିଏ କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟରୁ ମଧ୍ୟ ପିଏଚ୍‌ଡି ହାସଲ କରିଛନ୍ତି। ଶ୍ରୀ ଦାସ ଏହାପୂର୍ବରୁ ମାଲକାନଗିରି ଏସ୍‌ଡିପିଓ, ନୂଆପଡ଼ା, ବରଗଡ଼, ଝାରସୁଗୁଡ଼ା, ରାଉରକେଲା ଏବଂ ପୁରୀ ଏସ୍‌ପି, ଭୁବନେଶ୍ୱର ଡିସିପି, ଅନୁଗୁଳ ଏସ୍‌ପି ଭାବେ କାର୍ଯ୍ୟ କରିଛନ୍ତି ।

## ଭୁବନେଶ୍ୱରର ନୂଆ ଡିସିପି ପିନାକ ମିଶ୍ରଙ୍କ ଦାୟିତ୍ୱ ଗ୍ରହଣ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ଦାୟିତ୍ୱ ନେଲେ ନୂଆ ଡିସିପି। ଭୁବନେଶ୍ୱରର ନୂତନ ଡିସିପି ଭାବେ ଦାୟିତ୍ୱ ନେଲେ ପିନାକ ମିଶ୍ର । ଆଇପିଏସ୍ ପ୍ରତୀକ ସିଂଙ୍କ ଜାଗା ନେଲେ ପିନାକ ମିଶ୍ର । ସୂଚନା ଅନୁଯାୟୀ, କିଛି ଦିନ ତଳେ ରାଜ୍ୟ ସରକାର ବରିଷ୍ଠ ଆଇପିଏସ୍ ସ୍ତରରେ ଅଦଳବଦଳ କରିଥିଲେ । ୨୫ ଜଣ ଆଇପିଏସ୍ ଅଫିସରଙ୍କୁ ଅବଦଳବଦଳ କରାଯାଇଥିଲା । ଯେଉଁଥିରେ ଭୁବନେଶ୍ୱର ଡିସିପି ପ୍ରତୀକ ସିଂହଙ୍କୁ ମଧ୍ୟ ବଦଳି କରାଯାଇଥିଲା । ପ୍ରତୀକ ସିଂହଙ୍କୁ କଟକ ଗ୍ରାମାଞ୍ଚଳର ଏସ୍‌ପି ଭାବେ ଦାୟିତ୍ୱ ଦିଆଯାଇଥିଲା । ଆଉ ପ୍ରତୀକ ସିଂହଙ୍କ ବଦଳରେ ପିନାକ ମିଶ୍ରଙ୍କୁ ଭୁବନେଶ୍ୱରର ଡିସିପି ଭାବେ ନିଯୁକ୍ତ କରିଥିଲେ ରାଜ୍ୟ ସରକାର । ତେବେ ବିଜ୍ଞପ୍ତି ପ୍ରକାଶ ପାଇଁ ପରେ ସମସ୍ତ ଅଫିସରଙ୍କୁ ତୁରନ୍ତ କାର୍ଯ୍ୟରେ ଯୋଗଦେବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା । ଏହିକ୍ରମରେ ଗୁରୁବାର ଦିନ ଆଇପିଏସ୍ ପିନାକ ମିଶ୍ର ଭୁବନେଶ୍ୱରର ନୂତନ ଡିସିପି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ପିନାକ ମିଶ୍ରଙ୍କୁ ପୋଲିସ କମିଶନର କମିଶନରେଟ୍ ପୋଲିସର ବ୍ୟାଚ ପିନ୍ଧାଇ ସ୍ୱାଗତ କରିଛନ୍ତି । ୨୦୧୧ ବ୍ୟାଚ୍‌ର ଏହି ଆଇପିଏସ୍ ଅଫିସର ବ୍ରହ୍ମପୁରରେ ଥିବା ବେଳେ ଏକାଧିକ ଅପରାଧୀଙ୍କୁ ଏନ୍‌କାଉଣ୍ଟର କରିଥିଲେ । ତାଙ୍କ କାର୍ଯ୍ୟଦକ୍ଷତାକୁ ନଜରରେ ରଖି ତାଙ୍କୁ କମିଶନରେଟ୍ ପୁଲିସକୁ ଅଣାଯାଇଛି। କଟକ ଡିସିପି ଭାବେ ସେ ଦୀର୍ଘ ସମୟ କାମ କରି ସଫଳତାର ସହ ଅପରାଧ ଦମନ କରିଥିଲେ । କଟକରୁ ତାଙ୍କର ପୁରୀ ଏସ୍‌ପି ଭାବେ ବଦଳି ହୋଇଥିଲା। ସେଠାରେ ସେ ସାଧାରଣ ନିର୍ବାଚନ ଓ ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ସମ୍ପାଦନା କରିଥିଲେ।

# ସବୁ ଜିଲ୍ଲାରେ ପଦଯାତ୍ରା କରି ଗାନ୍ଧିଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲା ବିଜେଡି




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପବିତ୍ର ଗାନ୍ଧୀ ଜୟନ୍ତୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ତରଫରୁ ପ୍ରତି ଜିଲ୍ଲା ଓ ବ୍ଲକ ମହକୁମା ସ୍ତରରେ ଜନ ସଚେତନତା ପଦଯାତ୍ରା ଆରମ୍ଭ କରାଯାଇ ଅଛି। ଭୁବନେଶ୍ୱରରେ ସାମ୍ମୁଖ୍ୟ ତରଫରୁ କଳାକାରମାନଙ୍କୁ ନେଇ ଏକ ପଦଯାତ୍ରା ଜନତା ମଇଦାନରେ ଅବସ୍ଥିତ ମହାତ୍ମାଗାନ୍ଧୀଙ୍କ ଧ୍ୟାନମଗ୍ନ ଅବସ୍ଥାର ପ୍ରତିମୂର୍ତ୍ତି ସ୍ଥଳରେ ପହଞ୍ଚିଥିଲା। ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀମାନେ ରାମଧୁନ ଗାନ କରିବା ସହିତ ବିଭିନ୍ନ ସ୍ଲୋଗାନ ମାନ ଦେଇ ଗାନ୍ଧୀଙ୍କ ମୂର୍ତ୍ତି ନିକଟରେ ପୂର୍ବାହ୍ନ ସାଢ଼େ ଆଠଟା ବେଳେ ପହଞ୍ଚି ଥିଲେ। ପରବର୍ତ୍ତୀ ଅବସ୍ଥାରେ ଶାସ୍ତ୍ରୀ ନଗରରେ ଅବସ୍ଥିତ ଶାସ୍ତ୍ରୀଙ୍କ ପ୍ରତିମୂର୍ତ୍ତିରେ ମଧ୍ୟ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ସ୍ମୃତି ସମାରୋହର ଆବାହକ ଅକ୍ଷୟ କୁମାର ଜେଠି, ପ୍ରଧାପକ ରଙ୍ଗାଧର ସାହୁ, ବୈକୁଣ୍ଠ ଭୋଇ, ସତ୍ୟବ୍ରତ ଜେନା, ତୋଫାନ ଭୋଇ, ଅନୁପମା ବେହେରା, ମାମଲି ବେହେରା, ସୂର୍ଯ୍ୟ କୁମାର ଦାସ, ପ୍ରାଧାପକ ରମେଶ ଚନ୍ଦ୍ର ପାତାଳ ସିଂ, କବିତା ବେହେରା, ହୃଷୀକେଶ ଭୋଇ, ଅମିତ୍ ପାତାଳ ସିଂ ପ୍ରମୁଖ ଯୋଗଦାନ କରିଥିଲେ।

# ବିଳମ୍ବ ଆଧାରରେ ସାକ୍ଷୀଙ୍କୁ ପୁନଃ ଜେରା ଆବେଦନ ଖାରଜ ଗ୍ରହଣୀୟ ନୁହେଁ: ହାଇକୋର୍ଟ

**କଟକ, ନ୍ୟୁଜ ବ୍ୟୁରୋ**



ଅପରାଧିକ ମାମଲାର ଶୁଣାଣି କରିବା ସମୟରେ ଅଭିଯୁକ୍ତ ଯେପରି ମୁକ୍ତ ଓ ନିରପେକ୍ଷ ବିଚାର ପାଇବ ତାହା ନିମ୍ନ ଅଦାଲତ ସୁନିଶ୍ଚିତ କରିବା ଉଚିତ। ଏହା ଭାରତୀୟ ସମ୍ବିଧାନର ଧାରା ୨୧ ଅନୁସାରେ ପ୍ରତ୍ୟେକ ନାଗରିକଙ୍କ ପାଇଁ ଧାର୍ଯ୍ୟ ହୋଇଛି। ଏଣୁ ଏଭଳି ସ୍ଥିତିରେ ଜଣେ ଅଭିଯୁକ୍ତ ଯଦି ପୁନର୍ବାର ଜଣେ ସାକ୍ଷୀଙ୍କୁ ଜେରା ପାଇଁ ଆବେଦନ କରିଥାଏ ତାହେଲେ ଏହାକୁ ବିଳମ୍ବ ଆଧାରରେ ଖାରଜ କରିବା ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି । ବରଂ ଏହି ଆବେଦନ କେତେଦୂର ମାମଲାର ନିଷ୍ପତ୍ତିରେ ସହାୟକ ହୋଇପାରିବ ତାହା ଉପରେ ଗୁରୁତ୍ୱ ଦିଆଯିବା ଉଚିତ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ଦେବେନ୍ଦ୍ର ଜୈନଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ସଂଜୟ କୁମାର ମିଶ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଏକ ଅପରାଧିକ ମାମଲାରେ ଅଭିଯୁକ୍ତ ଥିବା ଆବେଦନକାରୀ ଥରେ ଜେରା ହୋଇସାରିଥିବା ଜଣେ ସାକ୍ଷୀଙ୍କୁ ପୁନଃ ଜେରା ପାଇଁ ଆବେଦନ କରିଥିଲେ। ନୂଆପଡା ଅତିରିକ୍ତ ଦୌରା ଜଜ୍ ଅଦାଲତ ବିଳମ୍ବରେ ଆବେଦନ ପାଇଁ ଏହାକୁ ଗତ ଅଗଷ୍ଟ ୨୨ରେ ଖାରଜ କରିଦେଇଥିଲେ। ଏହାକୁ ଚାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ନିମ୍ନ ଅଦାଲତଙ୍କ ଆଦେଶକୁ ହାଇକୋର୍ଟ ଖାରଜ କରିଦେଇଥିଲେ। ଅନ୍ୟପଟରେ ମାମଲାରେ ସାକ୍ଷୀଙ୍କୁ ପଚରାଯିବାକୁ ଥିବା ପ୍ରଶ୍ନ ସମୂହ ଦାଖଲ କରିବା ପାଇଁ ଆବେଦନକାରୀଙ୍କୁ ଏକ ସୁଯୋଗ ଦେବାକୁ ହାଇକୋର୍ଟ କହିଛନ୍ତି। ଯଦି ଏହା ମାମଲାର ନିଷ୍ପତ୍ତିରେ ସହାୟକ ହେବ ବୋଲି ସମ୍ପୃକ୍ତ ଅଦାଲତ ମନେ କରନ୍ତି ତା'ହେଲେ ସିଆରପିସିର ଧାରା ୩୧୧ ଅନୁସାରେ ପଦକ୍ଷେପ ନେଇପାରିବେ ବୋଲି ହାଇକୋର୍ଟ କହିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଓଡ଼ିଶା ହେବ ...

ଆଦି କ୍ଷେତ୍ରରେ ଅଧିକ ପୁଞ୍ଜିନିବେଶ ହେବାର ସମ୍ଭାବନା ରହିଛି । ଏହା ୨୦୩୬ରେ ସମୃଦ୍ଧ ଓଡ଼ିଶା ଓ ୨୦୪୭ରେ ବିକଶିତ ଓଡ଼ିଶା ଗଠନରେ ନିଶ୍ଚିନ୍ତ ସୁଦୃଢ଼ ମୂଳଦୁଆ ପକାଇବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ପୂର୍ବୋଦୟର ବିକାଶ ହେଲେ ଭାରତର ବିକାଶ ହେବ ବୋଲି ଯାହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ, ତାହା ସଫଳ ହେବ। ଓଡ଼ିଶାର ଯେଉଁ ଡବଲ ଇଞ୍ଜିନ ସରକାର ହୋଇଛି, କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଓଡ଼ିଶା ଏକ ଶିଳ୍ପ ହବ୍‌ରେ ପରିଣତ ହେବାକୁ ଯାଉଛି । ଏନେଇ ନିଶ୍ଚିତ ରୂପରେ ଆମକୁ ଆଜି ଏକ ସଫଳ ସଙ୍କେତ ମିଳି ପାରିଛି । ଏହି ନିବେଶକ ସମ୍ମିଳନୀରେ ତାଙ୍କ ସହ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

ବର୍ତ୍ତମାନ ଦିଲ୍ଲୀରେ ଥିବା ମୁଖ୍ୟମନ୍ତ୍ରୀ ଦିଲ୍ଲୀରେ ପ୍ରଥମଥର ରୋଡ ଶୋ ମଧ୍ୟ କରିବେ। ରାଜ୍ୟରେ ୫ ବର୍ଷରେ ୫ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଲକ୍ଷ୍ୟ ରଖାଯାଇଛି।

ବିଶେଷକରି ଫୁଡ ପ୍ରୋସେସିଂ, ଆଇଟି, କେମିକାଲ, ପେଟ୍ରୋ କେମିକାଲ କ୍ଷେତ୍ରରେ ପୁଞ୍ଜିନିବେଶ ଉପରେ ପ୍ରାଥମିକତା ଦିଆଯିବ। ଏଦିଗରେ ବିଭିନ୍ନ ପୁଞ୍ଜିନିବେଶକଙ୍କ ସହ ଆଲୋଚନା କରାଯିବ। ଓଡ଼ିଶାରେ ପୁଞ୍ଜି ଲଗାଣ ତଥା ଶିଳ୍ପ ପ୍ରତିଷ୍ଠା ସମ୍ବନ୍ଧରେ ଥିବା ସକରାତ୍ମକ ଇକୋସିଷ୍ଟମ ସମ୍ବନ୍ଧରେ ମୁଖ୍ୟମନ୍ତ୍ରୀ ଅବଗତ କରାଇବେ।

ଆସନ୍ତାବର୍ଷ ଜାନୁଆରୀ ୨୮ ଓ ୨୯ତାରିଖରେ ଉତ୍କର୍ଷ ଓଡ଼ିଶା-୨୦୨୫ କନକ୍ଲେଭ' ପାଇଁ ଦିନ ଧାର୍ଯ୍ୟ ହୋଇଛି । ବିଜେଡି ସରକାରଙ୍କ 'ମେକ ଇନ ଓଡ଼ିଶା'ର ନାଁ ପରିବର୍ତ୍ତନ କରି ରାଜ୍ୟର ବିଜେପି ସରକାର ଏହାକୁ 'ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ' ର ନାମକରଣ କରିଛନ୍ତି।

## ଓଡ଼ିଶାରେ ଅଛନ୍ତି ...

କଲରାପତରିଆ ରହିଥିଲେ। ୨୦୧୮ରେ କଲରାପତରିଆ ବାଘ ସଂଖ୍ୟା ଥିଲା ୭୬ ।

ବନ୍ୟପ୍ରାଣୀ ପିସିସିଏଫ ସୁଶାନ୍ତ ନନ୍ଦ କହିଛନ୍ତି, ୨୦୧୮ ଓ ୨୦୨୨ରେ ଏନ୍‌ଟିସିଏର ଗଣନା ଷ୍ଟାଟିଷ୍ଟିକାଲ ମଡେଲ ଥିଲା। ସେମାନେ ଶିମିଳିପାଳ ଓ ସାତକୋଶିଆ ଭଳି ସୀମିତ ସ୍ଥାନରେ କ୍ୟାମେରା ଲଗାଉ ଥିଲେ। କିନ୍ତୁ ରାଜ୍ୟ ସରକାରଙ୍କ ନିଜସ୍ୱ କଲରାପତରିଆ ଗଣନା ବେଳେ ୪୭ଟି ଡିଭିଜନରେ କ୍ୟାମେରା ଲଗାଯାଇଥିଲା।

୨୦୧୮ ରେ ଷ୍ଟାଟିଷ୍ଟିକାଲ ଏରର ୩୫% ଥିଲା। ୨୦୧୬ରେ ୩୩% ଏରର ହୋଇଥିଲା । ଏଥର କ୍ୟାମେରା ଟ୍ରାପରେ ୨୮୪ରୁ ୨୯୬ ବିରଳ କଲରାପତରିଆ ଚିହ୍ନଟ ହୋଇଛନ୍ତି । ଆମର ଏଷ୍ଟିମେସନ ଷ୍ଟାଟିଷ୍ଟିକାଲ ଏରର ୧୦%ରୁ କମ। କିନ୍ତୁ ଏନ୍‌ଟିସିଏର ୟୁନିକ କଲରାପତରିଆ ସଂଖ୍ୟା ୧୦୦ ତଳେ ଥିଲା ।

ତଥ୍ୟ ଅନୁସାରେ, ଶିମିଳିପାଳ ଅଭୟାରଣ୍ୟ ଥିବା ମୟୂରଭଞ୍ଜ- କେନ୍ଦୁଝର ଲ୍ୟାଣ୍ଡସ୍କେପରେ ସର୍ବାଧିକ ୨୦୦ କଲରାପତରିଆ ଅଛନ୍ତି । ସାତକୋଶିଆ- ଆଠମଲ୍ଲିକ- ବୌଦ୍ଧ ଲ୍ୟାଣ୍ଡସ୍କେପରେ ୧୫୦ରୁ ୧୬୦, ହୀରାକୁଦ- ରେଢ଼ାଖୋଲ- ସମ୍ବଲପୁର ଲ୍ୟାଣ୍ଡସ୍କେପରେ ୭୦ରୁ ୮୦, ଖରିଆର- ସୁନାବେଡ଼ା ଅଞ୍ଚଳରେ ୪୦-୫୦ ପାଖାପାଖି ଓ ଢେଙ୍କାନାଳ ଅଞ୍ଚଳରେ ପ୍ରାୟ ୨୦ଟି କଲରାପତରିଆ ରହିଛନ୍ତି ।

ଆମ ରାଜ୍ୟରେ ଘଞ୍ଚ ଜଙ୍ଗଲ ଥିବାରୁ କଲରାପତରିଆ ବାଘ ସଂଖ୍ୟା ବଢ଼ିବାର ଆଶଙ୍କା କମ୍ । କଲାପତରିଆ ସଂଖ୍ୟ ୭ଶହରୁ ୮ଶହ ରହିବ ବୋଲି ପିସିସିଏଫ ଆକଳନ କରିଛନ୍ତି।

## ୯ରେ ଦିଆଯିବ...

ଆଲୋଚନା କରିଥିଲେ।

ସୂଚନା ଯୋଗ୍ୟ ଯେ, ରାଜ୍ୟ ସରକାରଙ୍କ ଧାର୍ଯ୍ୟ ଲକ୍ଷ୍ୟ ୧କୋଟି ହିତାଧିକାରୀଙ୍କ ମଧ୍ୟରୁ ପ୍ରଥମ କିସ୍ତି ପ୍ରଦାନ ପରେ ଅବଶିଷ୍ଟ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଆସନ୍ତା ୨୦୨୫ ମାର୍ଚ୍ଚ ୮ତାରିଖ ପୂର୍ବରୁ ମିଳିବା ନେଇ ଲକ୍ଷ୍ୟ ରହିଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରଥମ କିସ୍ତିର ଦ୍ୱିତୀୟ ପର୍ଯ୍ୟାୟ ହିତାଧିକାରୀଙ୍କୁ ଆଗାମୀ ଅକ୍ଟୋବର୯ରେ ପ୍ରଦାନ ପାଇଁ ଘୋଷଣା କରିଛନ୍ତି।

ଏହି ପରିପ୍ରେକ୍ଷୀରେ ୨ୟ ପର୍ଯ୍ୟାୟରେ ଯେତେ ଅଧିକ ସଂଖ୍ୟକ ସମ୍ଭବ ହିତାଧିକାରୀଙ୍କୁ ଅକ୍ଟୋବର ୯ତାରିଖରେ ପ୍ରଥମ କିସ୍ତି ଅର୍ଥ ରାଶି ପ୍ରେରଣ କରାଯିବ, ସେଥି ପାଇଁ ପ୍ରକ୍ରିୟା ଜାରି ରହିଛି । ଅଦ୍ୟାବଧି ସୁଭଦ୍ରାରେ ପ୍ରାୟ ୯୮ ଲକ୍ଷ ଆବେଦନକାରୀ ପଞ୍ଜୀକରଣ କରିଛନ୍ତି। ଆବଶ୍ୟକ ବ୍ୟବସ୍ଥା ପାଇଁ ଅକ୍ଟୋବର ୬ ତାରିଖ ସୁଦ୍ଧା ପ୍ରସ୍ତୁତି ସାରିବାକୁ ସଂପୃକ୍ତ ସମସ୍ତଙ୍କୁ ପରାମର୍ଶ ଦିଆଯାଇଛି।

ଏଥି ସହିତ ଯେଉଁ ହିତାଧିକାରୀମାନେ ପ୍ରଥମ ପର୍ଯ୍ୟାୟରେ ପ୍ରଥମ କିସ୍ତି ଅର୍ଥରାଶି ପାଇଛନ୍ତି, ସେମାନଙ୍କ ପାଇଁ ଏକ ମତାମତ ସଂଗ୍ରହ ପ୍ରକ୍ରିୟା(ଫିଡ ବ୍ୟାକ ମନିଟରିଂ) ବ୍ୟବସ୍ଥା କରାଯିବାକୁ ଉନ୍ନୟନ କମିଶନର ଅନୁ ଗର୍ଗ ପରାମର୍ଶ ଦେଇଥିଲେ।

ଏହି ପ୍ରକ୍ରିୟାରେ ପ୍ରଥମ କିସ୍ତି ଅର୍ଥରାଶି ପାଇଥିବା ହିତାଧିକାରୀ କେତେ ଉତ୍ସାହିତ ଅଛନ୍ତି, ଏହି ଆର୍ଥିକ ସହାୟତା ସେମାନଙ୍କ ଜୀବନରେ କିପରି ସହାୟକ ହୋଇଛି ଆଦି ସଂପର୍କରେ ମତାମତ ନିଆଯିବ ବୋଲି ବୈଠକରେ ଆଲୋଚନା କରାଯାଇଥିଲା। ତତ୍ ସହିତ ସୂଚନା ଓ ଲୋକସଂପର୍କ ବିଭାଗ ତରଫରୁ ସୁଭଦ୍ରା ସଂପର୍କିତ ଜନସଚେତନତା କାର୍ଯ୍ୟକ୍ରମ ଜାରି ରଖିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି।

## ବୈବାହିକ ଦୁଷ୍କର୍ମ ...

ରାଜ୍ୟର ସରକାରଙ୍କ ମତାମତ ବିନା ନିଆଯାଇ ପାରିବ ନାହିଁ।

ସତ୍ୟପାଠରେ କେନ୍ଦ୍ର ସରକାର ମାନିଛନ୍ତି ଯେ ବିବାହ ଜଣେ ମହିଳାଙ୍କ ନିଷ୍ପତ୍ତିରେ ଶେଷ ହୁଏନାହିଁ । ତେବେ ମହିଳାଙ୍କ ଇଚ୍ଛା ବିରୋଧରେ କାମ କରିବା ବା ନିୟମ ଉଲ୍ଲଙ୍ଘନ ପାଇଁ ଦଣ୍ଡବିଧାନର ବ୍ୟବସ୍ଥା ରହିଛି । ବିବାହ ଭିତରେ ମହିଳାଙ୍କ ଇଚ୍ଛା ବିରୋଧରେ କାମ କରିବା ଓ ବାହାଘର ବାହାରେ ମହିଳାଙ୍କ ବିରୋଧରେ କାର୍ଯ୍ୟ କରିବାର ଦଣ୍ଡ ଭିନ୍ନ ଭିନ୍ନ ରହିଛି ।

ବାହାଘର ପରେ ପତ୍ନୀଙ୍କ ଠାରୁ ସ୍ୱାମୀ ଶାରୀରିକ ସୁଖର ଆଶା ରଖିଥାଆନ୍ତି। କିନ୍ତୁ ଏହି ଆଶା ଜଣେ ସ୍ୱାମୀଙ୍କୁ ତାଙ୍କ ପତ୍ନୀକୁ ବାଧ କରିବାର ଅଧିକାର ଦେଇନାହିଁ ହେଲେ ଏଥିପାଇଁ ଜଣେ ସ୍ୱାମୀଙ୍କୁ ଦୁଷ୍କର୍ମ ବିରୋଧୀ ଆଇନ ଭିତରକୁ ଠେଲି ଦେବା ମଧ୍ୟ ଅଧିକ ହୋଇଯିବ।

ବାହାଘର ଭିତରେ ଜଣେ ମହିଳାଙ୍କ ଇଚ୍ଛାକୁ ସମ୍ମାନ ଜଣାଇବା ବା ଏହାର ସୁରକ୍ଷା ଯୋଗାଇ ଦେବା ପାଇଁ ସଂସଦ ପୂର୍ବରୁ ହିଁ ପଦକ୍ଷେପ ନେଇ ସାରିଛି । ମହିଳାଙ୍କ ସୁରକ୍ଷା ପାଇଁ ବିଭିନ୍ନ ପ୍ରକାରର ଆଇନ ପ୍ରଣୟନ କରାଯାଇଛି । ମହିଳାଙ୍କ ପାଇଁ ଘରୋଇ ହିଂସା ଠାରୁ ବିଭିନ୍ନ ପ୍ରକାରର ଆଇନ ରହିଛି ।

ଶାରୀରିକ ସମ୍ପର୍କ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ଥିବା ଅନେକ ସମ୍ପର୍କ ମଧ୍ୟରୁ ଗୋଟିଏ। ଏହି ସମ୍ପର୍କ ଉପରେ ସେମାନଙ୍କର ବିବାହର ମୂଳଦୁଆ ରହିଥାଏ। ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ଶାରୀରିକ ସମ୍ପର୍କ ରହିଥାଏ। ସ୍ୱାମୀ କେବେ ହେଲେ ପତ୍ନୀଙ୍କୁ ଶାରିରୀକ ସମ୍ପର୍କ ପାଇଁ ବାଧ କରିବା କଥା ନୁହେଁ । ତଥାପି ଏହାକୁ ଅପରାଧ ଶ୍ରେଣୀରେ ସାମିଲ କରାଗଲେ ଏହାର କୁପ୍ରଭାବ ସମାଜ ଉପରେ ପଡ଼ିବ ବୋଲି କେନ୍ଦ୍ର ସରକାର କହିଛନ୍ତି।

ଯଦି ସଂସଦର ମତ ହେଉଛି ବିବାହ ସଂସ୍ଥାର ସୁରକ୍ଷା ଜରୁରୀ, ତାହେଲେ ଏହି ଆଶାକୁ କୋର୍ଟ ଅଗ୍ରାହ୍ୟ କରିଦେବା ଠିକ ହେବ ନାହିଁ । ବାହାଘର ଭାରତର ଗୋଟିଏ ସାମାଜିକ ଓ ଆଇନତଃ ଦିଗର ମିଶ୍ରଣ। ଏଥିରେ କୋର୍ଟ ହସ୍ତକ୍ଷେପ କରିବା ଉଚିତ୍ ନୁହେଁ ବୋଲି କେନ୍ଦ୍ର ସରକାର କହିଛନ୍ତି ।

## ଜରୁରୀ ନ ଥିଲେ ...

ଏକ୍ସରେ ଶେୟାର କରିଛନ୍ତି।

ମଧ୍ୟପ୍ରାଚ୍ୟ ସ୍ଥିତି ଗମ୍ଭୀର ଥିବାରୁ ନୂଆଦିଲ୍ଲୀର ତୁଗଲକ ରୋଡ ଅଞ୍ଚଳସ୍ଥିତ ଇସ୍ରାଏଲ ଦୂତାବାସରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ଅଧିକ ସୁରକ୍ଷା କର୍ମଚାରୀଙ୍କୁ ମୁତୟନ କରି ଯାଞ୍ଚ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି। ବହୁସ୍ତରୀୟ ସୁରକ୍ଷା ବଳୟ ମଧ୍ୟରେ ଥିବା ଏହି ଏରିଆର ବିଭିନ୍ନ ସ୍ଥାନରେ ସିସିଟିଭି ସଂଲଗ୍ନ କରାଯାଇଥିବା ଦିଲ୍ଲୀ ପୋଲିସ କହିଛି । ଇସ୍ରାଏଲ ଦୂତାବାସ ଓ ଏହା ନିକଟରେ ପୂର୍ବରୁ ୨ ଥର ବିସ୍ଫୋରଣ ଘଟିଥିବାବେଳେ କେହି ମୃତାହତ ହୋଇ ନ ଥିଲେ।

## ୬୫ ଡେସିବେଲ...

ଅସନ୍ତୋଷ ପ୍ରକାଶ କରିବା ସହିତ ୭ ଦିନ ଭିତରେ ରାସ୍ତାଘାଟ ଚକାଚକ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ରାସ୍ତା ଉପରେ ତୋରଣ ନିର୍ମାଣ ଉପରେ ମଧ୍ୟ ତାଗିଦ କରିଛନ୍ତି । ପୂଜା କମିଟି ସଦସ୍ୟମାନେ ସ୍ଥାନୀୟ ଅଞ୍ଚଳରେ ଯେଭଳି ଟ୍ରାଫିକ ସମସ୍ୟା ସୃଷ୍ଟି ନ ହେବ ଏବଂ ଧନ ଜୀବନ ସୁରକ୍ଷିତ ରହିବ ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ହାଇକୋର୍ଟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

## ରେଳ କର୍ମଚାରୀଙ୍କୁ ...

ସୁନିଶ୍ଚିତ କରିବା ସହ ଜଡିତ। ଏହାର ଦୁଇଟି ସ୍ତମ୍ଭ ଅଛି – ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଏବଂ କୃଷକ ଯୋଜନା। ଏହି ଉଭୟ ଯୋଜନା ପାଇଁ ୧,୦୧,୩୨୧ କୋଟି ଟଙ୍କା ବଜେଟ୍ ଆକଳନ କରାଯାଇଛି। ଏହି ଦୁଇଟି ଅଧୀନରେ ପ୍ରତ୍ୟେକ ୯ଟି ସ୍କିମ୍ ଅନ୍ତର୍ଭୁକ୍ତ କରାଯାଇଛି। ଏହି ଯୋଜନା ଅନେକ କୃଷକଙ୍କ ଆୟ ଏବଂ ମଧ୍ୟବିତ୍ତ ପରିବାରର ଖାଇବା ଥାଳି ସହିତ ସିଧାସଳଖ ସଂଯୋଗ ରହିଛି।

## କେକ୍ ଖାଇଲେ ...

କୃତ୍ରିମ ରଙ୍ଗ ବ୍ୟବହାର ନକରିବାକୁ ଚେତାବନୀ ଦେଇଛନ୍ତି, ଯାହା ଖାଦ୍ୟ ନିରାପତ୍ତା ଏବଂ ମାନକ ପ୍ରାଧିକରଣ ଅଫ ଇଣ୍ଡିଆ (ଏଫଏସଏସଏଆଇ) ଦ୍ୱାରା ନିର୍ଦ୍ଧାରିତ ମାନକଠାରୁ ଅଧିକ ବ୍ୟବହାର କରାଯାଉଛି।

ଏଫଏସଏସଏଆଇ ନିର୍ଦ୍ଦେଶାବଳୀ ଅନୁଯାୟୀ, ଅଧିକାଂଶ ଖାଦ୍ୟ ରଙ୍ଗ କିଲୋଗ୍ରାମରେ ୧୦୦ ମିଲି ଗ୍ରାମ ବ୍ୟବହାର ହେବା ଉଚିତ୍। ଆଲୁରା ରେଡ୍, ସେନସେଟ ୟେଲୋ ଏଫସିଏଫ୍, ପୋନ୍ସିଆଉ ୪ ଆର, ଟାର୍ଟ୍ରାଜାଇନ୍, ଏବଂ କାର୍ମୋଇସିନ ଖାଦ୍ୟ ସାମଗ୍ରୀରେ କିଲୋଗ୍ରାମରେ ସର୍ବାଧିକ ୧୦୦ ମିଲି ଗ୍ରାମ ବ୍ୟବହାର କରାଯିବା ଉଚିତ୍।

ଖାଦ୍ୟ ରଙ୍ଗରେ ମିଳୁଥିବା ରାସାୟନିକ ପଦାର୍ଥ ମାନବ ସ୍ୱାସ୍ଥ୍ୟ ଉପରେ ଏହାର ଗଭୀର ପ୍ରଭାବ ରହିଥାଏ । ଚକୋଲେଟ ଏବଂ ମୃଦୁ ପାନୀୟ ଠାରୁ ଆରମ୍ଭ କରି ଶସ୍ୟ ଏବଂ କେକ୍ ପର୍ଯ୍ୟନ୍ତ ବିଭିନ୍ନ ପ୍ରକ୍ରିୟାକୃତ ଖାଦ୍ୟରେ କୃତ୍ରିମ ଖାଦ୍ୟ ରଙ୍ଗ ବହୁଳ ଭାବରେ ବ୍ୟବହୃତ ହୁଏ। ଏହି ରଙ୍ଗଗୁଡିକ ଖାଦ୍ୟକୁ ଅଧିକ ଆକର୍ଷଣୀୟ କରୁଥିବାବେଳେ କର୍କଟ ରୋଗ ସହିତ ସେମାନଙ୍କର ସମ୍ଭାବ୍ୟ ଲିଙ୍କ ଚିନ୍ତା ବଢାଇଛି।


**ପୂର୍ବତଟ ରେଳପଥ**

File No.: DRM/Engg/KUR/24-25/ E-Tender/62, ତା.27.09.2024ରିଖ

Tender No.: e-TenderABSS-BALU-2024 ତା.20.09.2024ରିଖ

**କାର୍ଯ୍ୟର ନାମ:** ଅମୃତ ଭାରତ ଷ୍ଟେସନ୍ ଯୋଜନା ଅନ୍ତର୍ଗତ, ଖୋର୍ଦ୍ଧା ରୋଡ୍ ମଣ୍ଡଳର ବାଲୁଗାଁ (BALU) ରେଳ ଷ୍ଟେସନ୍‌ର ଉନ୍ନତୀକରଣ ନିମନ୍ତେ ମାଷ୍ଟର ପ୍ଲାନ୍‌ର ଅପ୍‌ଗ୍ରେଡ଼େସନ୍ ପାଇଁ ଆର୍କିଟେକ୍‌ଚରାଲ ଓ ବୈଷୟିକ ପରାମର୍ଶ ପ୍ରଦାନ କରିବା, ବୈଷୟିକ ସମ୍ଭାବ୍ୟତା ରିପୋର୍ଟର ସମୀକ୍ଷା କରିବା, ଆକଳନ, ଟେଣ୍ଡର କାର୍ଯ୍ୟସୂଚୀ ଓ ନିର୍ମାଣ ଡ୍ରଇଂ ପାଇଁ ସାମଗ୍ରୀ ପ୍ରସ୍ତୁତି କରିବା, ଇତ୍ୟାଦିର ପ୍ରସ୍ତାବ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ଟ.17.96 ଲକ୍ଷ

EMD : ଟ.35,900/-

Tender No.: e-TenderABSS-CAP-2024 ତା.20.09.2024ରିଖ

**କାର୍ଯ୍ୟର ନାମ:** ଅମୃତ ଭାରତ ଷ୍ଟେସନ୍ ଯୋଜନା ଅନ୍ତର୍ଗତ, ଖୋର୍ଦ୍ଧା ରୋଡ୍ ମଣ୍ଡଳର ଛତ୍ରପୁର (CAP) ରେଳ ଷ୍ଟେସନ୍‌ର ଉନ୍ନତୀକରଣ ନିମନ୍ତେ ମାଷ୍ଟର ପ୍ଲାନ୍‌ର ଅପ୍‌ଗ୍ରେଡ଼େସନ୍ ପାଇଁ ଆର୍କିଟେକ୍‌ଚରାଲ ଓ ବୈଷୟିକ ପରାମର୍ଶ ପ୍ରଦାନ କରିବା, ବୈଷୟିକ ସମ୍ଭାବ୍ୟତା ରିପୋର୍ଟର ସମୀକ୍ଷା କରିବା, ଆକଳନ, ଟେଣ୍ଡର କାର୍ଯ୍ୟସୂଚୀ ଓ ନିର୍ମାଣ ଡ୍ରଇଂ ପାଇଁ ସାମଗ୍ରୀ ପ୍ରସ୍ତୁତି କରିବା, ଇତ୍ୟାଦିର ପ୍ରସ୍ତାବ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ଟ.15.34 ଲକ୍ଷ

EMD : ଟ.30,700/-

Tender No.: e-TenderABSS-PSA-2024 ତା.20.09.2024ରିଖ

**କାର୍ଯ୍ୟର ନାମ:** ଅମୃତ ଭାରତ ଷ୍ଟେସନ୍ ଯୋଜନା ଅନ୍ତର୍ଗତ, ଖୋର୍ଦ୍ଧା ରୋଡ୍ ମଣ୍ଡଳର ପଲାସା(PSA) ରେଳ ଷ୍ଟେସନ୍‌ର ଉନ୍ନତୀକରଣ ନିମନ୍ତେ ମାଷ୍ଟର ପ୍ଲାନ୍‌ର ଅପ୍‌ଗ୍ରେଡ଼େସନ୍ ପାଇଁ ଆର୍କିଟେକ୍‌ଚରାଲ ଓ ବୈଷୟିକ ପରାମର୍ଶ ପ୍ରଦାନ କରିବା, ବୈଷୟିକ ସମ୍ଭାବ୍ୟତା ରିପୋର୍ଟର ସମୀକ୍ଷା କରିବା, ଆକଳନ, ଟେଣ୍ଡର କାର୍ଯ୍ୟସୂଚୀ ଓ ନିର୍ମାଣ ଡ୍ରଇଂ ପାଇଁ ସାମଗ୍ରୀ ପ୍ରସ୍ତୁତି କରିବା, ଇତ୍ୟାଦିର ପ୍ରସ୍ତାବ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ଟ.17.13 ଲକ୍ଷ

EMD : ଟ.34,300/-

Tender No.: e-TenderABSS-IPM-2024 ତା.20.09.2024ରିଖ

**କାର୍ଯ୍ୟର ନାମ:** ଅମୃତ ଭାରତ ଷ୍ଟେସନ୍ ଯୋଜନା ଅନ୍ତର୍ଗତ, ଖୋର୍ଦ୍ଧା ରୋଡ୍ ମଣ୍ଡଳର ଇଛାପୁରମ୍(IPM) ରେଳ ଷ୍ଟେସନ୍‌ର ଉନ୍ନତୀକରଣ ନିମନ୍ତେ ମାଷ୍ଟର ପ୍ଲାନ୍‌ର ଅପ୍‌ଗ୍ରେଡ଼େସନ୍ ପାଇଁ ଆର୍କିଟେକ୍‌ଚରାଲ ଓ ବୈଷୟିକ ପରାମର୍ଶ ପ୍ରଦାନ କରିବା, ବୈଷୟିକ ସମ୍ଭାବ୍ୟତା ରିପୋର୍ଟର ସମୀକ୍ଷା କରିବା, ଆକଳନ, ଟେଣ୍ଡର କାର୍ଯ୍ୟସୂଚୀ ଓ ନିର୍ମାଣ ଡ୍ରଇଂ ପାଇଁ ସାମଗ୍ରୀ ପ୍ରସ୍ତୁତି କରିବା, ଇତ୍ୟାଦିର ପ୍ରସ୍ତାବ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ଟ.14.90 ଲକ୍ଷ

EMD : ଟ.29,800/-

କାର୍ଯ୍ୟ ସମାପ୍ତିର ଅବଧି : 06 (ଛଅ) ମାସ (ସମସ୍ତ ଟେଣ୍ଡର ନିମନ୍ତେ)

**ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ :**

ତା.14.10.2024ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)

ଏହି ଇ-ଟେଣ୍ଡରଗୁଡିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଟେଣ୍ଡରଦାତା/ବିଡରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜିକୃତ ହୋଇଥିବେ। କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ୧୦ ଦିନ ପୂର୍ବରୁ ୱେବସାଇଟ୍‌କୁ ପୁନଃ ପରିଦର୍ଶନ କରିବାପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ୱେବ୍‌ସାଇଟ୍ : www.ireps.gov.in

ମଣ୍ଡଳ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଙ୍ଗ୍)
ଖୋର୍ଦ୍ଧା ରୋଡ୍

PR-577/P/24-25

ଭୁବନେଶ୍ୱର
୦୪ ଅକ୍ଟୋବର
ଶୁକ୍ରବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

# ଆରମ୍ଭ ହେଲା ନବରାତ୍ର ପୂଜା : ଶୈଳପୁତ୍ରୀ ବେଶରେ ଦର୍ଶନ ଦେଲେ ମା'ଗୌରୀ

## ମା' ସମଲେଶ୍ୱରୀଙ୍କ ପୀଠରେ ନବରାତ୍ର ପୂଜା ଆରମ୍ଭ



**ଭୁବନେଶ୍ୱର, ୦୩/୦୯**
**ନ୍ୟୁଜ ବ୍ୟୁରୋ**

ଆଶ୍ୱିନ ଶୁକ୍ଳ ପ୍ରତିପଦ ତଥା ଗୁରୁବାର ଠାରୁ ସମସ୍ତ ଶକ୍ତି ପୀଠରେ ମା'ଦୁର୍ଗାଙ୍କ ନବରାତ୍ରୀ ପୂଜା ଆରମ୍ଭ ହୋଇଛି। ଏହି ଅବସରରେ ଏକାମ୍ର କ୍ଷେତ୍ରର ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପୀଠରେ ମା'ଭୁବନେଶ୍ୱରୀ, କେଦାରଗୌରୀ ମନ୍ଦିରରେ ଗୌରୀ, କପିଳେଶ୍ୱର ଜୀଉଙ୍କ ପୀଠରେ ମା'ଦକ୍ଷୀଣକାଳୀ, ବିନ୍ଧ୍ୟବାସିନୀ ସମେତ ଅଷ୍ଟଚଣ୍ଡୀଙ୍କ ଠାରେ ପୂଜାର୍ଚ୍ଚନା ଏବଂ ଚଣ୍ଡୀପାଠ କରାଯାଉଛି । ମା'ଗୌରୀଙ୍କୁ ସହସ୍ର କୁମ୍ଭ ଜଳରେ ଅଭିଷେକ କରାଇ ପଞ୍ଚାମୃତରେ ମାଜଣା କରାଯାଇଛି । ବେଶ ନିମନ୍ତେ ପାଟଶାଢ଼ୀ, ରୂପା ମକୁଟ ସହ ଅନ୍ୟାନ୍ୟ ଅଳଙ୍କାରରେ ଆଭୁଷିତ କରାଯାଇଛି । ପ୍ରଥମ ଦିନ ମା' ଶ୍ରଦ୍ଧାଳୁଙ୍କୁ ଶୈଳପୁତ୍ରୀ ବେଶରେ ଦର୍ଶନ ଦେଇଛନ୍ତି । ଏହା ପରେ ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କଷ୍ମାଣ୍ଡ, ସ୍କନ୍ଦମାତା, କାତ୍ୟାୟନୀ, କାଳରାତ୍ରୀ, ମହାଗୌରୀ ଓ ସିଦ୍ଧିଦାତ୍ରୀ ବେଶରେ ଦର୍ଶନ ଦେବେ ବୋଲି ମନ୍ଦିର ସେବାୟତ ମିହୀର ମହାପାତ୍ର ଏବଂ ଲୁଲୁ ମହାପାତ୍ର ସୂଚନା ଦେଇଛନ୍ତି । ଏବେ ପ୍ରତ୍ୟେହ ସକାଳ ଧୂପରେ ମା'ଙ୍କ ଠାରେ ମୁଗ, ଅଦା, ନଡିଆ, ଖଇ କୋରା, ବିଷୋୟୀ ସେବାୟତଙ୍କ ପ୍ରଦତ୍ତ ମୁଆଁ, ଛେନା, ପଇଡ ସହ ନାନାଦି ପ୍ରକାରର ଫଳ ଲାଗି ହେଉଛି । ଦ୍ୱିପହର ଧୂପରେ ଅନ୍ନ, କାନେକା, ଡାଲମା, ଓଉ ଖଟା, ଖିରି, ମାଣ୍ଡୁଅ ଆଦି ଲାଗି ହେଉଛି । ଶେଷରେ ସନ୍ଧ୍ୟାଧୂପରେ ଦହି ପଖାଳ ଲାଗି ପହୁଡ ପଡୁଛି । ସେହିପରି ମା'ବନ୍ଧବଡେଇଙ୍କ ଠାରେ ମଧ ସମାନ ନୀତିରେ ପୂଜାର୍ଚ୍ଚନା କରାଯାଉଛି ବୋଲି ଶିକ୍ଷାବିତ ପ୍ରତାପ ଚନ୍ଦ୍ର ଜେନା କହିଛନ୍ତି । ସେହିପରି ସମ୍ବଲପୁର ସମେତ ପଶ୍ଚିମ ଓଡ଼ିଶାର ଆରାଧଦେବୀ ମାଆ ସମଲେଶ୍ୱରୀଙ୍କ ପୀଠରେ ନବରାତ୍ର ଆରମ୍ଭ ହୋଇଛି । ପଶ୍ଚିମ ଓଡ଼ିଶାର ଆରାଧ ଦେବୀ ମାଆ ସମଲେଶ୍ୱରୀଙ୍କ ପୀଠରେ ମୂଳାଷ୍ଟମୀ ଠାରୁ ୧୬ଦିନ ପୂଜା ଆରମ୍ଭ ହୋଇଯାଇଥିବା ବେଳେ, ଗୁରୁବାର ଠାରୁ ନବରାତ୍ର ପୂଜା ଆରମ୍ଭ ହୋଇଛି । ମାଁ ସମଲେଶ୍ୱରୀଙ୍କ ପୀଠରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ବେଳେ, ମନ୍ଦିର ପ୍ରଶାସନ ଓ ପୋଲିସ୍ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଶ୍ରଦ୍ଧାଳୁମାନେ ଯେପରି ଶୃଙ୍ଖଳିତ ଦର୍ଶନ କରିପାରିବେ, ସେଥିପାଇଁ ଧାଡିର ବ୍ୟବସ୍ଥା କରାଯାଇଛି । ମାଆ ସମଲେଶ୍ୱରୀଙ୍କ ମହାଳୟା ଅମାବାସ୍ୟା ଦିନ ଧବଳମୁଖୀ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିବା ବେଳେ କୁମାର ପୂର୍ଣ୍ଣମୀଦିନ ରାଜରାଜେଶ୍ୱରୀ ବେଶରେ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଇଥାନ୍ତି । ଏହି ବେଶ ଦେଖିବାକୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ମନ୍ଦିରରେ ସମାଗମ ହୋଇଥାଏ ।



କଟକର ଅଧିଷ୍ଠାତ୍ରୀ ଦେବୀ ମା' କଟକ ଚଣ୍ଡୀଙ୍କୁ ଜଗଦ୍ଧାତ୍ରୀ ବେଶରେ ଦର୍ଶନ କରିଛନ୍ତି ଭକ୍ତ। ଏହି ଭବ୍ୟ ଦର୍ଶନ ପାଇ ଶହଶହ ଭକ୍ତଙ୍କ ଭିଡ ଜମିଥିଲା। (ଫଟୋ : ସମ୍ବାଦ କଳିକା)

## ଇଶା ଫାଉଣ୍ଡେସନ୍‌କୁ ସୁପ୍ରିମକୋର୍ଟଙ୍କ ଆଶ୍ୱସ୍ତି

# ପୋଲିସର କାର୍ଯ୍ୟାନୁଷ୍ଠାନ ଉପରେ ଲାଗିଲା ରୋକ



**ନୂଆଦିଲ୍ଲୀ ୦୩।୧୦**

ଆଧାତ୍ମିକ ସଦ୍‌ଗୁରୁ ଜାଗି ବାସୁଦେବଙ୍କୁ ଗରୁବାର ସୁପ୍ରିମକୋର୍ଟରୁ ମିଳିଛି ଆଶ୍ୱସ୍ତି। ତାଙ୍କ ନେତୃତ୍ୱାଧୀନ ଈଶା ଫାଉଣ୍ଡେସନରେ ମାଡ୍ରାସ ହାଇକୋର୍ଟ ଦେଇଥିବା ତଦନ୍ତ ନିର୍ଦ୍ଦେଶକୁ ସ୍ଥଗିତ ରଖିଛନ୍ତି ସୁପ୍ରିମକୋର୍ଟ। ପରବର୍ତ୍ତୀ ଶୁଣାଣି ନ ହେବା ପର୍ଯ୍ୟନ୍ତ ପୁଲିସ ଈଶା ଫାଉଣ୍ଡେସନରେ କୌଣସି ପ୍ରକାର ତଦନ୍ତ କରିପାରିବ ନାହିଁ। ଏହି ରୋକ ସେହି ସମୟରେ ଆସିଛି ଯେତେବେଳେ ଫାଉଣ୍ଡେସନ୍ ସୁପ୍ରିମକୋର୍ଟରେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ ଦେଇଛନ୍ତି। ଏହି ମାମଲା ମାଡ୍ରାସ ହାଇକୋର୍ଟଙ୍କ ଦ୍ୱାରା ୩୦ ସେପ୍ଟେମ୍ବରରେ ଦିଆଯାଇଥିବା ନିର୍ଦ୍ଦେଶ ପରେ ଆରମ୍ଭ ହୋଇଥିଲା। ଉଲ୍ଲେଖନୀୟ ଯେ, ଅବସରପ୍ରାପ୍ତ ପ୍ରଫେସର ଏସ କାମରାଜ ମାଡ୍ରାସ ହାଇକୋର୍ଟରେ ଈଶା ଫାଉଣ୍ଡେସନ ବିରୋଧରେ ଏକ ଆବେଦନ ଦାଖଲ କରିଥିଲେ। ତାଙ୍କ ଝିଅ ଲତା ଏବଂ ଗୀତାଙ୍କୁ ବିଭିନ୍ନ ପ୍ରକାର କଥାରେ ଭୁଲାଇ ସେମାନଙ୍କୁ କୋଏମ୍ବାଟୁର ଆଶ୍ରମରେ ବନ୍ଧକ ରଖାଯାଇଥିବା ସେ ଅଭିଯୋଗ କରିଥିଲେ। ସେପ୍ଟେମ୍ବର ୩୦ରେ ମାଡ୍ରାସ ହାଇକୋର୍ଟ ଏହି ମାମଲାର ଶୁଣାଣି କରି ତାମିଲନାଡୁ ପୁଲିସକୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶର ପରଦିନ ଅକ୍ଟୋବର ୧ରେ ପ୍ରାୟ ୧୫୦ରୁ ଅଧିକ ପୁଲିସ ଆଶ୍ରମ ନିକଟରେ ପହଞ୍ଚି ଯାଞ୍ଚ କରିଥିଲେ। ଏହାକୁ ସଦ୍‌ଗୁରୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଗୁରୁବାର ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ ମାମଲାର ଶୁଣାଣି କରି ମାଡ୍ରାସ ହାଇକୋର୍ଟଙ୍କ ନିର୍ଦ୍ଦେଶ ଉପରେ ରୋକ୍ ଲଗାଇଛନ୍ତି। ପରବର୍ତ୍ତୀ ଶୁଣାଣି ନ ହେବା ପର୍ଯ୍ୟନ୍ତ ଈଶା ଫାଉଣ୍ଡେସନରେ ପୁଲିସ କୌଣସି ପ୍ରକାର ତଦନ୍ତ କରିପାରିବ ନାହିଁ ବୋଲି କହିଛନ୍ତି। କୋର୍ଟ ପୁଲିସ କିମ୍ବା ସେନାକୁ ଏପରି ସ୍ଥାନକୁ ପ୍ରବେଶ କରିବାକୁ ଅନୁମତି ଦେଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ତେବେ ଏହି ମାମଲା ଉପରେ ଆସନ୍ତା ୧୮ରେ ପରବର୍ତ୍ତୀ ଶୁଣାଣି କରାଯିବ ବୋଲି ସୂଚନା ମିଳିଛି।

# ଜନଜାତି ସ୍ୱାସ୍ଥ୍ୟ ବିକାଶ ଓ ଯୁବ ସଶକ୍ତିକରଣ ନେଇ କିଟ୍, କିସ୍ ଓ ଜାପାଇଗୋ ମଧ୍ୟରେ ବୁଝାମଣା

**ଭୁବନେଶ୍ୱର, ୩ ।୧୦**
**ନ୍ୟୁଜ ବ୍ୟୁରୋ**



ଜନଜାତି ସ୍ୱାସ୍ଥ୍ୟ ବିକାଶ ଓ ଯୁବ ସଶକ୍ତିକରଣ ନେଇ କିଟ୍, କିସ୍ ଓ ଜାପାଇଗୋ ମଧ୍ୟରେ ଗୁରୁବାର ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଟ୍ରାଇବାଲ୍ ହେଲ୍‌ଥ ରିସର୍ଚ୍ଚ ଇନୋଭେସନ୍ ଆଣ୍ଡ ଭୋକେସନାଲ୍ ଏମପାୱାରମେଣ୍ଟ (ଥ୍ରାଇଭ୍) ଶୀର୍ଷକ ବୁଝାମଣା ପତ୍ରରେ କିଟ୍ ବିଶ୍ୱବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା ଓ ଜାପାଇଗୋ ପକ୍ଷରୁ ଡ. ସୋମେଶ କୁମାର ସ୍ୱାକ୍ଷର କରିଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠାତା ଡ.ଅଚ୍ୟୁତ ସାମନ୍ତଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା । ଏହି ବୁଝାମଣା ଦ୍ୱାରା ଜନଜାତି ଗବେଷଣା, ସଂସ୍କୃତି ସଂରକ୍ଷଣ ଓ ଯୁବ ସଶକ୍ତିକରଣ ଦିଗରେ କାର୍ଯ୍ୟ କରିବା ସହ ଜନଜାତି ବର୍ଗର ଲୋକଙ୍କ ମଧ୍ୟରେ ଜଟିଳ ରୋଗ ଓ ସାମାଜିକ ସମସ୍ୟା ଦୂର କରିବା ଲକ୍ଷ୍ୟ ରହିଛି । ଏହି ଅବସରରେ କିସ୍ ପରିସରରେ ଟ୍ରାଇବାଲ୍ ହେଲ୍‌ଥ ଆଣ୍ଡ ରିସର୍ଚ୍ଚ (ସିଟିଏଚ୍ଆର) ଓ ସେଣ୍ଟର ଫର ୟୁଥ୍ ଇନୋଭେସନ୍ ଆଣ୍ଡ ଇନକ୍ଲୁସିଭ୍‌ନେସ୍ (ସିୱାଇଆଇଆଇ) ଭଳି ଦୁଇଟି ଗବେଷଣା କେନ୍ଦ୍ର ଉନ୍ମୋଚିତ ହୋଇଥିଲା । ଏହି ଦୁଇ କେନ୍ଦ୍ର ଜରିଆରେ ଜନଜାତି ଓ ଯୁବ ବିକାଶ କାର୍ଯ୍ୟ ଉପରେ ଗବେଷଣା କରାଯିବ। ବୁଝାମଣା ସମ୍ପର୍କରେ ଏକ ଭିଡ଼ିଓ ବାର୍ତ୍ତାରେ ସୂଚନା ଦେଇ ଜାପାଇଗୋ ସଭାପତି ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ଲେସ୍‌ଲି ମାନ୍‌କୁସୋ କହିଲେ, ଏହି ବୁଝାମଣା ଫଳରେ ଉଭୟ କିଟ୍ ଓ କିସ୍ ସହ ଜାପାଇଗୋ ଜନଜାତି ସ୍ୱାସ୍ଥ୍ୟର ବିକାଶ, ଶୈକ୍ଷିକ ଭାଗିଦାରୀ ଓ ଦକ୍ଷତା ବୃଦ୍ଧି ଆଦି ଦିଗରେ ମିଳିତ ଭାବେ କାର୍ଯ୍ୟ କରିବେ । ଏହି ବୁଝାମଣା ଏକ ବୈଶ୍ୱିକ ଉଦାହରଣ ହେବ ଓ ଏହା ପରିବର୍ତ୍ତନର ଏକ ମଡେଲ୍ ହୋଇପାରିବ ବୋଲି ଲେସ୍‌ଲି କହିଥିଲେ । ଜାପାଇଗୋ ଗ୍ଲୋବାଲ୍ ପ୍ରୋଗ୍ରାମର ବରିଷ୍ଠ ଉପସଭାପତି ତଥା ଦେବୋରା ବୋସମେୟର କହିଲେ, ଏହି ବୁଝାମଣା ଦ୍ୱାରା ଯୁବଗୋଷ୍ଠୀଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ବିଚାରଗତ କ୍ଷେତ୍ରରେ ଭବିଷ୍ୟତରେ ଆସିବାକୁଥିବା ସମସ୍ୟା ଓ ସମାଧାନ ଏହି କେନ୍ଦ୍ର ଦ୍ୱାରା କରାଯାଇପାରିବ । ଡ. ସୋମେଶ କୁମାର କହିଲେ, ଏହି ଦୁଇଟି କେନ୍ଦ୍ର ଖୋଲାଯିବା ଦ୍ୱାରା ଜନଜାତି ସମାଜର ବ୍ୟାପକ ବିକାଶ ହୋଇପାରିବ।

# ନାଲ୍‌କୋ ପକ୍ଷରୁ ସ୍ୱଚ୍ଛତା ହିଁ ସେବା ପକ୍ଷ ୨୦୨୪ ପାଳିତ



**ଭୁବନେଶ୍ୱର, ୩/୧୦**
**ନ୍ୟୁଜ ବ୍ୟୁରୋ**

କେନ୍ଦ୍ର ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ(ନାଲ୍‌କୋ) ପକ୍ଷରୁ ସାରା ଭାରତରେ ଚାଲିଥିବା ସ୍ୱଚ୍ଛତା ହିଁ ସେବା ପକ୍ଷ ୨୦୨୪ ପାଳିତ ହୋଇଯାଇଛି । ଖଣି ମନ୍ତ୍ରଣାଳୟ ଏବଂ ଆବାସ ଓ ସହରାଞ୍ଚଳ ବିକାଶ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ, ସ୍ୱେଚ୍ଛାକୃତ "ଶ୍ରମ ଦାନ" କାର୍ଯ୍ୟକଳାପ ଏବଂ ସ୍ୱଚ୍ଛତା ପାଇଁ ସାମୂହିକ ଦାୟିତ୍ୱକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି ପକ୍ଷ ପାଳନ କରାଯାଇଥିଲା। ସି.ଏମ୍.ଡି. ଶ୍ରୀଧର ପାତ୍ରଙ୍କ ନେତୃତ୍ୱରେ କମ୍ପାନୀର ସମସ୍ତ ପରିଚାଳନା ୟୁନିଟ୍ ଏବଂ ଆଞ୍ଚଳିକ କାର୍ଯ୍ୟାଳୟର କର୍ମଚାରୀ ଏବଂ ଚୁକ୍ତିଭିତ୍ତିକ କର୍ମଚାରୀ, ସି.ଆଇ.ଏସ୍.ଏଫ୍. କର୍ମଚାରୀ ସ୍ୱଚ୍ଛତା ଶପଥ ଗ୍ରହଣ କରିଥିଲେ। ଏହି ପକ୍ଷ ପାଳନ ଅବସରରେ ନାଲ୍‌କୋ ପକ୍ଷରୁ ସାମୂହିକ ସ୍ୱଚ୍ଛତା ଅଭିଯାନ, ସାମୂହିକ ବୃକ୍ଷରୋପଣ ଅଭିଯାନ, ସ୍ୱାସ୍ଥ୍ୟ ଶିବିର, ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ ସହ ସଫେଇ ମିତ୍ରମାନଙ୍କୁ ପି.ପି.ଇ. ତଥା ସୁରକ୍ଷା/ସ୍ୱଚ୍ଛତା କିଟ୍ ଇତ୍ୟାଦି ବଣ୍ଟନ କରାଯାଇଥିଲା। ଏହା ବ୍ୟତୀତ ପନ୍ଦର ଦିନ ଧରି ଚାଲିଥିବା ଅଭିଯାନରେ କୁଇଜ୍, ଚିତ୍ରକଳା ପ୍ରତିଯୋଗିତା, କବିତା ଆବୃତ୍ତି ସମେତ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା, ଯେଉଁଥିରେ କର୍ମଚାରୀ, ଛାତ୍ର ଏବଂ ବିଭିନ୍ନ ବର୍ଗର ସହଭାଗୀ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ନାଲ୍‌କୋ ଅନୁଗୋଳ ଓ ଦାମନଯୋଡ଼ି ଠାରେ ଥିବା ପରିଚାଳନା ୟୁନିଟ୍ ପକ୍ଷରୁ ପାରିପାର୍ଶ୍ୱିକ ଅଞ୍ଚଳରେ ଥିବା ପୁରାତନ ଆବର୍ଜନା କ୍ଷେତ୍ରଗୁଡ଼ିକୁ ଚିହ୍ନଟ ସହ ସଫା କରାଯାଇଥିଲା। ଏହି ଅବସରରେ ସାମୁଦାୟିକ ଅଂଶଗ୍ରହଣ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା ଯାହା ଏକ ସ୍ୱଚ୍ଛ ଓ ଦୀର୍ଘସ୍ଥାୟୀ ସୁସ୍ଥ ପରିବେଶ ଗଠନ ଦିଗରେ କମ୍ପାନୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱେଚ୍ଛାସେବୀମାନଙ୍କୁ ବର୍ଷରେ ୧୦୦ ଘଣ୍ଟା ସ୍ୱଚ୍ଛତା ନିମନ୍ତେ ସମର୍ପିତ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା। ଦୀର୍ଘ ୧୫ ଦିନ ବ୍ୟାପୀ ଚାଲିଥିବା ଏହି ଅଭିଯାନ ଗାନ୍ଧୀ ଜୟନ୍ତୀ ଅବସରରେ ସମାପ୍ତ ହୋଇଛି। ସମାପନ ଉତ୍ସବରେ ସ୍ୱଚ୍ଛ ଭାରତ ଦିବସ ସହ ସଫେଇ କର୍ମଚାରୀଙ୍କ ଅବଦାନକୁ ସମ୍ମାନ ଜଣାଇବା ନିମନ୍ତେ "ସଫେଇ ମିତ୍ର ସମ୍ମାନ ଶିବିର" ମଧ ଆୟୋଜନ କରାଯାଇଥିଲା।

## ଚଳିତ ବର୍ଷ ଚାରିଦିନ ପାଳନ ହେବ ପଞ୍ଚକ ବ୍ରତ

**ଆଠଗଡ ୩।୧୦**
**ନ୍ୟୁଜ ବ୍ୟୁରୋ**

ପ୍ରସିଦ୍ଧ ବାବା ଧବଳେଶ୍ୱରଙ୍କ ପୀଠରେ କାର୍ତ୍ତିକ ପଞ୍ଚକ ବ୍ରତ ଓ ବଡ଼ଓଷା ପାଇଁ ପ୍ରସ୍ତୁତି ଜାରି ରହିଛି। କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ୧୮ ଅକ୍ଟୋବର ୨୦୨୪ ଠାରୁ ୧୫ ନଭେମ୍ବର ୨୦୨୪ ପର୍ଯ୍ୟନ୍ତ କାର୍ତ୍ତିକ ବ୍ରତ ପାଳନ କରାଯିବ । ତେବେ ୧୨ ନଭେମ୍ବର ୨୦୨୪ ଠାରୁ ୧୫ ନଭେମ୍ବର ୨୦୨୪ ଚାରିଦିନ ପଞ୍ଚକ ବ୍ରତ ପାଳନ କରାଯିବ । ୧୩ ନଭେମ୍ବର ୨୦୨୪ ତାରିଖ ଧବଳେଶ୍ୱରଙ୍କ ପୀଠରେ ବଡ଼ଓଷା ପାଳନ ହେବ । ବଡ଼ଓଷାରେ ବଡସିଂହାର ବେଶରେ ଦର୍ଶନ ଦେବେ ବାବା ଧବଳେଶ୍ୱର । ସେହି ଦିନ ୧୩ ନଭେମ୍ବର ମଧ୍ୟରାତ୍ରିରେ ଧବଳେଶ୍ୱରଙ୍କ ନିକଟରେ ପ୍ରସିଦ୍ଧ ଗଜଭୋଗ ଓ ତରଣ ଲାଗିହେବ । ୧୪ ନଭେମ୍ବର ୨୦୨୪ ଭୋରରୁ ଶ୍ରଦ୍ଧାଳୁଙ୍କ ପାଇଁ ଗଜଭୋଗ ବିତରଣ କରାଯିବ । ୧୫ ନଭେମ୍ବର ୨୦୨୪ କାର୍ତ୍ତିକ ବ୍ରତ ସମ୍ପୂର୍ଣ୍ଣ ହେବା ସହିତ ବୋଇତ ବନ୍ଦାଣ କରାଯିବ ବୋଲି ବୈଠକରେ ନିର୍ଦ୍ଧାରିତ ହୋଇଛି ।

## ସୋହେଲାରୁ ଧାନ କିଣା ଆରମ୍ଭ କରିବେ ରାଜ୍ୟ ସରକାର

# ୫ରେ ମିଳିବ ଚାଷୀଙ୍କୁ ପିଏମ୍ କିଷାନ ଯୋଜନାର ୧୮ତମ କିସ୍ତି

**ଭୁବନେଶ୍ୱର ୩।୧୦ ନ୍ୟୁଜ ବ୍ୟୁରୋ**

ଧାନ କିଣାକୁ ନେଇ ବଡ଼ ଘୋଷଣା କଲେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ । ବିଜେପି ସରକାର ସୋହେଲାରୁ ଧାନ କିଣା ଆରମ୍ଭ କରିବେ। ସରକାର ୩୧୦୦ ଟଙ୍କା ସର୍ବନିମ୍ନ ସହାୟକ ମୂଲ୍ୟରେ ଚାଷୀଙ୍କ ଧାନ କିଣିବେ । ଯେଉଁ ସୋହେଲାରେ ପୂର୍ବ ବିଜେଡ଼ି ସରକାର ୧୦୦ ଟଙ୍କା ବୋନସ ଦେବେ କହି ଚାଷୀଙ୍କୁ ଦେଇନଥିଲେ, ସେହି ସୋହେଲାରୁ ହିଁ ଧାନ ଏମଏସପିରେ ୮୦୦ ଟଙ୍କା ବୋନସ ଦେଇ ଧାନ କିଣିବେ ସରକାର । ଆସନ୍ତା ଅକ୍ଟୋବର ୫ ତାରିଖରେ ଚାଷୀଙ୍କୁ ପିଏମ୍ କିଷାନ ଯୋଜନାର ୧୮ତମ କିସ୍ତି ମିଳିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚାଷୀଙ୍କୁ ପିଏମ୍ କିଷାନ ସହାୟତା ରାଶି ବଣ୍ଟନ କରିବେ । ପ୍ରତ୍ୟେକ ଜିଲ୍ଲା ସ୍ତରରେ ଚାଷୀମାନଙ୍କୁ ନେଇ କାର୍ଯ୍ୟକ୍ରମ କରାଯିବ ବୋଲି ଉପ ମୁଖ୍ୟମନ୍ତ୍ରୀ କହିଛନ୍ତି । କୃଷି ଭବନରେ କୃଷି ଯନ୍ତ୍ରପାତି ମାନୁଫାକଚରରମାନଙ୍କୁ ନେଇ





ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ବୈଠକ କରିଥିଲେ। ରାଜ୍ୟସାରା ହେବାକୁ ଥିବା କୃଷି ଯନ୍ତ୍ରପାତି ମେଳା ପୂର୍ବରୁ ବୈଠକ ବସିଛି । ୨୬ଟି ଜିଲ୍ଲାରେ କୃଷି ଯନ୍ତ୍ରପାତି ମେଳା ଅନୁଷ୍ଠିତ ହେବ । କେନ୍ଦୁଝର, ବଲାଙ୍ଗୀର, ଜୟପୁର ଓ ବ୍ରହ୍ମପୁରରେ ଆଞ୍ଚଳିକ ମେଳା ଆୟୋଜନ କରାଯିବ । ଚାଷରେ ଯନ୍ତ୍ରପାତି ବ୍ୟବହାର ଉପରେ ଗୁରୁତ୍ୱ ଦେଉଛନ୍ତି ରାଜ୍ୟ ସରକାର । କୃଷି କ୍ଷେତ୍ର ପାଇଁ ଶ୍ରମିକ ନମିଳିବା ଏକ ବଡ଼ ସମସ୍ୟା । ତେଣୁ ଚାଷୀମାନେ ଯନ୍ତ୍ରପାତି ବ୍ୟବହାର ପାଇଁ ଆଗ୍ରହୀ ହେଉଛନ୍ତି । କୃଷି ଯନ୍ତ୍ରପାତି ନିର୍ମାଣକାରୀ ସଂସ୍ଥାମାନଙ୍କୁ ମେକ୍ ଇନ୍ ଓଡ଼ିଶା କରିବା ପାଇଁ କୃଷି ମନ୍ତ୍ରୀ ଅନୁରୋଧ କରିଛନ୍ତି । କାରଣ ଯେଉଁ ଯନ୍ତ୍ରପାତି ଚାଷୀଙ୍କୁ ଯୋଗାଇ ଦିଆଯାଏ, ତା'ର ପାର୍ଟସ ମିଳେ ନାହିଁ ଓ ମେସିନ ଅଚଳ ହୋଇ ପଡ଼ି ରହେ । ଏହାସହ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଲିଜ୍‌ରେ କୃଷି ଯନ୍ତ୍ରପାତି ଯୋଗାଇ ଦେବାର ବ୍ୟବସ୍ଥା କରିବା ପାଇଁ କୃଷି ମନ୍ତ୍ରୀ ପ୍ରସ୍ତାବ ଦେଇଛନ୍ତି । ସେପଟେ ଦୁର୍ନୀତିକୁ ବିଜେପି ସରକାର ବରଦାସ୍ତ କରିବେ ନାହିଁ ବୋଲି ଉପ ମୁଖ୍ୟମନ୍ତ୍ରୀ କହିଛନ୍ତି । ଦୁର୍ନୀତି ଉପରେ ଶୂନ୍ୟ ସହନଶୀଳତା ନୀତିରେ ସରକାର କାମ କରୁଛନ୍ତି । ଦୁର୍ନୀତି କଲେ କାହାକୁ ଛଡ଼ାଯିବ ନାହିଁ, ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଶ୍ରୀ ସିଂଦେଓ କହିଛନ୍ତି।

## କଟକରେ ପୁଣି ନକଲି ଘିଅ କାରଖାନା ଠାବ ମାଲିକ ଅଟକ

**କଟକ, ୩/୧୦ ନ୍ୟୁଜ ବ୍ୟୁରୋ**

ନକଲି ସାମଗ୍ରୀ ପ୍ରସ୍ତୁତିର ଆଡ୍ଡା ସ୍ଥଳ ପାଲଟିଛି କଟକ। ଯେତେ ରେଡ୍ କଲେ ବି ଥମୁନି କାରବାର। ଏହି କ୍ରମରେ ଗୁରୁବାର ଜଗତପୁରରୁ ପୁଣି ଠାବ ହେଲା ନକଲି ଘିଅ କାରଖାନା। ନିୟୁ ଇଣ୍ଡଷ୍ଟ୍ରିଆଲ୍ ଭିତରୁ ନକଲି ଘିଅ କାରଖାନାକୁ ଠାବ କରିଛି ଜଗତପୁର ଥାନା ପୋଲିସ। ଘିଅ କମ୍ପାନୀ ଚଲେଇଥିବା ମାଲିକକୁ ଅଟକ ରଖି ପଚରା ଉଚୁରା କରାଯାଉଛି। ବାଲଗୋପାଲ ନାମରେ ନକଲି ଘିଅ କାରଖାନା ଚଳାଇଥିଲେ ଅଭିଯୁକ୍ତ। ତେବେ ଯେତେ ଚଢଉ ହେଲେ ବି କଟକ ଅଞ୍ଚଳରୁ ନକଲି ସାମଗ୍ରୀ ପ୍ରସ୍ତୁତି ବନ୍ଦ ହେଉନି।

# ଏକ ଅଭିଶପ୍ତ ଉପାନ୍ତ ଇଲାକା: ୪୦ ଛୁଇଁଲେ ମଣିଷ ବୁଢ଼ା

## କିଡ୍‌ନୀ ରୋଗ ଯନ୍ତ୍ରଣାରୁ ମୁକୁଳି ପାରୁନାହାଁନ୍ତି ଗ୍ରାମବାସୀ

**କଟକ, ୦୩/୧୦ ନ୍ୟୁଜ ବ୍ୟୁରୋ**

୪୦ ଟପିଲେ ଶରୀର ଭିତରୁ ଯେମିତି ଫମ୍ପା ହେଇଯାଉଛି । ହାଡ଼ ଗଣି ହେଇଯାଉଛି । ଶୁଖିଲା, ଶିଠାଳିଆ ମୁହଁ ଆଖିର ଚମକ ନାହିଁ । ଦେଖିଲେ ଲାଗିବେ ଯେମିତି ୬୦ରୁ ଅଧିକ ବୟସ । କିଡ୍‌ନୀ ରୋଗ ଧୀରେଧୀରେ ଜୀବନୀ ଶକ୍ତି ଟାଣିନେଉଛି । ଯେତେବେଳେ ଶରୀରରେ ଯୌବନର ଉଦ୍ଦମତା ରହିବା କଥା, ସେତେବେଳେ ବାର୍ଦ୍ଧକ୍ୟର ତାଡ଼ନା ଦେଖିବାକୁ ମିଳୁଛି । କଟକ ଜିଲ୍ଲା ବଡ଼ମ୍ବା ବ୍ଲକ୍‌ର ଉପାନ୍ତ ଇଲାକା ମହତାବନ୍ଧ ଗାଁ । ଏହା ଏମିତି ଏକ ଅଭିଶପ୍ତ ଅଞ୍ଚଳ ଯେଉଁଠି ପିଇବା ପାଣି ଶୋଷି ନେଉଛି ଆୟୁ । ମାଳତୀ ପଞ୍ଚାୟତର ଗାଁ ମହତାବନ୍ଧ ପାହାଡ଼ର ପାଦଦେଶରେ ରହିଛି । ମୁଖ୍ୟରାସ୍ତାରୁ ଗାଁର ଦୂରତା ହେଲା ୧୦ କିଲୋମିଟର । ବିଲ କଡ଼ ଦେଇ ମାଙ୍କଡ଼ା ପଥର ଓ ମାଟି ରାସ୍ତା ପଡ଼ିଛି ଗାଁ ଯାଏ । ଗାଁ ଯେଉଁଠି ସରୁଛି ସେଠୁ ମାତ୍ର ୫ଶହ ମିଟର ଦୂରରେ ହାତୀ ବସତି । ତେଣୁ ପ୍ରାୟ ସମୟରେ ହାତୀ ଗାଁକୁ ଆସି ଘରଦ୍ୱାର ଭାଙ୍ଗିଦିଅନ୍ତି । ଗ୍ରାମବାସୀ କୁହନ୍ତି, 'ଆମେ ତ ହାତୀଙ୍କ ପାଖରେ ରହିଛୁ, ସେମାନଙ୍କ ଭୁଲ୍ କ'ଣ ? ପାଖାପାଖି ୨ ଶହ ଲୋକଙ୍କୁ ନେଇ ଏହି ଗାଁ ଘଞ୍ଚ ଜଙ୍ଗଲ ଭିତରେ ରହିଛି । ଚାଷକାମ ହେଲା ଗ୍ରାମବାସୀଙ୍କ ମୂଳ ବେଉସା । ଘରର ପୁରୁଷଙ୍କୁ ସହଯୋଗ କରିବାକୁ ମହିଳାମାନେ ପ୍ରତ୍ୟେକ ଦିନ ଜଙ୍ଗଲକୁ ଯାଆନ୍ତି । ଝୁଡ଼ିରେ ଶାଳ ପତ୍ର ତୋଳି ଆଣନ୍ତି । ଖଜୁରୀ କାଠିକୁ ଟିକିଟିକି କରି ଶାଳପତ୍ରକୁ ଯୋଡ଼ି ତିଆରି କରନ୍ତି ପତ୍ର ଥାଳି ଓ ଠୋଲା । ସେଗୁଡ଼ିକୁ ଖରାରେ ଶୁଖାଇ, ପଥର ତଳେ ଚାପି ରଖି ସପ୍ତାହକ ପରେ ଗାଁରୁ ମୁଖ୍ୟରାସ୍ତାକୁ ଆସନ୍ତି । ଶହେ ପତ୍ରକୁ ଶହେ ଟଙ୍କାରେ ବିକ୍ରି କରି ଫେରନ୍ତି । ଗାଁର ଚିତ୍ର ଦେଖିଲେ ଏହା କେତେ ଯେ ଅନୁନ୍ନତ ତାହା ସ୍ପଷ୍ଟ ବାରି ହୋଇପଡ଼େ । ପିଇବା ପାଣି ଏଠାକାର ମୁଖ୍ୟ ସମସ୍ୟା । ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଦୁଇ ବର୍ଷ ତଳୁ ମେଗା ପାନୀୟ ଜଳ ପ୍ରକଳ୍ପ ଯୋଜନାରେ ଏହି ଗାଁକୁ ଅନ୍ତର୍ଭୁକ୍ତ କରାଯାଇଥିଲା । ଏଥିପାଇଁ ଗାଁକୁ ପାଇପ୍ ସଂଯୋଗ ଦିଆଯାଇଛି । ଘର ଦୁଆର ମୁହଁରେ ଟ୍ୟାପ୍ ବି ଲାଗିଛି । ଗାଁ ପାଖରେ ଏକ ବିରାଟ ଓଭରହେଡ୍ ଟାଙ୍କି ବି ତିଆରି କରାଯାଇଛି । କିନ୍ତୁ ଟ୍ୟାପ୍‌ରେ ପାଣି ଆସେ ନାହିଁ । ଅନ୍ୟପକ୍ଷରେ, ଭଙ୍ଗାରିକା ନିକଟରୁ ମହାନଦୀରୁ ପାଣି ଉଠାଯାଇ ବଡ଼ମ୍ବାର ବିଭିନ୍ନ ପଞ୍ଚାୟତକୁ ଯୋଗାଣ କରାଯିବାକୁ ଯୋଜନା ହୋଇଥିଲା। କରଡ଼ିବନ୍ଧରେ ଏନେଇ ଏକ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ବି ହୋଇଛି । କିନ୍ତୁ ସବୁ ପରେ ବି ମହତାବନ୍ଧ ଗାଁକୁ ପାଣି ଆସୁନାହିଁ । କେବଳ ସେତିକି ନୁହେଁ, ବଡ଼ମ୍ବା-ନରସିଂହପୁରର ପିଇବା ପାଣିରେ ଆଇରନ୍‌ର ଭାଗ ରହୁଥିବାରୁ କିଡ୍‌ନୀ ରୋଗ ଏଠାକାର ମୁଖ୍ୟ ସମସ୍ୟା । ଏହି ଗାଁରେ ମଧ କିଡ୍‌ନୀ ରୋଗ ଚିନ୍ତାର କାରଣ ପାଲଟିଛି। ଗୁରୁତ୍ୱପୂର୍ଣ୍ଣ ହେଲା, ଗାଁରେ ପାଇପ୍ ପାଣି ନଥିବାରୁ ଲୋକେ ଗୋଟିଏ କୂଅ ଉପରେ ନିର୍ଭର କରୁଛନ୍ତି । ଏହି କୂଅ ପାଣି ବି ପ୍ରଦୂଷିତ ଏବଂ ଆଇରନ୍ ଭାଗ ବି ଏଥିରେ ରହିଛି । ପାଟିକୁ ଲୁହାଟିଆ ଲାଗୁଥିବା ଏହି ପାଣି ପିଇଲେ କିଡ୍‌ନୀ ରୋଗ ହେଉଥିବା ଜାଣି ମଧ ଲୋକେ ବାଧିରେ ପିଉଛନ୍ତି । କାରଣ କୌଣସି ବିକଳ୍ପ ନାହିଁ । କେବଳ ପିଇବା ପାଣି ନୁହେଁ, ଶିକ୍ଷା ଓ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ବି ଏଠାରେ ବେଶ୍ ଦୟନୀୟ । ମହତାବନ୍ଧରେ ପୂର୍ବରୁ ଏକ ପ୍ରାଥମିକ ବିଦ୍ୟାଳୟ ଥିଲା । କିନ୍ତୁ ୨୦ଜଣ ପିଲାଙ୍କ ବଦଳରେ ୧୮ଜଣ ହେବାରୁ ସ୍କୁଲ୍‌କୁ ବନ୍ଦ କରିଦିଆଗଲା । ଗାଁ ପାଖଆଖରେ କୌଣସି ସ୍ୱାସ୍ଥ୍ୟକେନ୍ଦ୍ର ବି ନାହିଁ । ଗାଁର ଅର୍ଜୁନ ଗୁରୁ (୪୦) କହନ୍ତି, ଟିକିଏ ଭଲ ପିଇବା ପାଣି ଆମେ ପାଉନୁ । ଆଇରନ୍ ପାଣି ଆମକୁ ଭିତରୁ ଫମ୍ପା କରିସାରିଲାଣି । ସେଥିପାଇଁ ପିଲାଛୁଆଙ୍କ ଜୀବନ ସୁରକ୍ଷିତ ରଖିବାକୁ ସେମାନଙ୍କୁ ଗାଁରେ ନରଖି ମାମୁଁଘର, ମାଉସୀଘରକୁ ପଠାଇ ଦେଉଛୁ। ସେହିପରି ଉଦ୍ଧବ ବେହେରା (୭୦) କହିଛନ୍ତି, ସ୍କୁଲ୍ ଗୋଟିଏ ଥିଲା ଯେ ତାକୁ ବି ବନ୍ଦ କରିଦିଆଗଲା । ଗାଁକୁ ଭଲ ରାସ୍ତାଟିଏ ବି ହୋଇପାରିଲାନି । ରୋଗ ହେଲେ ଡାକ୍ତର ଦେଖାଇବାକୁ ଗାଁରୁ କେମିତି ବାହାରିବୁ ତାକୁ ନେଇ ସବୁବେଳେ ଚିନ୍ତା ଘାରୁଛି । ଏ ସଂପର୍କରେ ସରପଞ୍ଚ ରତ୍ନାକର ପ୍ରଧାନ କହନ୍ତି ଯେ, ଜନପ୍ରତିନିଧି ଭାବେ ଦାୟିତ୍ୱ ନେବା ପରେ ଗାଁରେ ୮ଜଣଙ୍କ ଲାଗି ଆବାସ ଯୋଜନା କରାଯାଇଛି । ପିଇବା ପାଣି ବ୍ୟବସ୍ଥା ହୋଇଥିବାବେଳେ ପାଣି ଆସୁନଥିବା ନେଇ ବ୍ଲକ୍ ପ୍ରଶାସନକୁ ଅଭିଯୋଗ କରିଛି। ମେଗା ପ୍ରକଳ୍ପ ସରିନଥିବାରୁ ପାଣି ଯୋଗାଣ ସଫଳ ହେଇପାରୁନଥିବା ସେ କହିଛନ୍ତି । ବିଡିଓ ରମେଶ କୁମାର ଜେନା କହିଛନ୍ତି, ମହତାବନ୍ଧ ଗାଁର ସମସ୍ୟା ସମ୍ପର୍କରେ ଅବଗତ ହେବା ପରେ ଆମେ ସେଠାକୁ ଯାଇ ସ୍ଥିତି ଅନୁଧ୍ୟାନ କରିବୁ । କେମିତି ତୁରନ୍ତ ପିଇବା ପାଣି, ରାସ୍ତା ବ୍ୟବସ୍ଥା କରାଯାଇପାରିବ ସେ ଉପରେ ଖୁବ୍ କମ୍ ଦିନରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## ନିମ୍ନମାନର ଚାଉଳ ଯୋଗାଣ ନେଇ ବିଗିଡ଼ିଲେ ଖାଦ୍ୟ ଯୋଗାଣ ମନ୍ତ୍ରୀ

**ବୌଦ୍ଧ, ୩/୧୦ ନ୍ୟୁଜ ବ୍ୟୁରୋ**

ବିଗିଡ଼ିଲେ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ବୌଦ୍ଧ ରାଣୀସତି ମିଲ୍ ଓ ପିଇଜି ଗୋଦାମରେ ଅନିୟମିତତା ଅଭିଯୋଗ ହୋଇଛି । ଅଚାନକ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପରିଦର୍ଶନ କରି ଅସନ୍ତୋଷ ପ୍ରକାଶ କରିଥିଲେ । ପୋକଡା ଚାଉଳକୁ ରିସାଇକେଲିଂ କରି ନିମ୍ନମାନର ଚାଉଳ ପଞ୍ଚାୟତକୁ ପଠାଉଥିବା ଦେଖି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ତାଗିଦ କରିଥିଲେ ମନ୍ତ୍ରୀ । ଓଜନ ମାପରେ ମଧ ଅନିୟମିତତା ଦେଖିବାକୁ ମିଳିଥିଲା । ପ୍ରତି ଚାଉଳ ବସ୍ତାରେ ୩୦୦-୬୦୦ ଗ୍ରାମ ଚାଉଳ କମ୍ ଥିବା ସହ ଏହା ନିମ୍ନମାନର ଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି ମନ୍ତ୍ରୀ।

# ବନ୍ୟପ୍ରାଣୀଙ୍କୁ ଜଗିବେ ବେଲଜିଆନ୍ ମାଲିନୋସ ପ୍ରଜାତିର ତାଲିମପ୍ରାପ୍ତ କୁକୁର

**ଭୁବନେଶ୍ୱର, ୦୩/୧୦ ନ୍ୟୁଜ ବ୍ୟୁରୋ**

ବନ ବିଭାଗର ଶକ୍ତି ବଢାଇବେ ଦେଶର ଅନ୍ୟତମ ଶ୍ରେଷ୍ଠ ସନ୍ଧାନୀ କୁକୁର । ରାଜ୍ୟରେ ଜଙ୍ଗଲ ଏବଂ ବନ୍ୟପ୍ରାଣୀଙ୍କୁ ସୁରକ୍ଷା ଦେବାକୁ ଦକ୍ଷ ବେଲଜିଆନ୍ ମାଲିନୋସ ପ୍ରଜାତିର ସନ୍ଧାନୀ କୁକୁର ଅଣାଯାଉଛି । ପ୍ରାରମ୍ଭିକ ପର୍ଯ୍ୟାୟରେ ୧୨ଟି ତାଲିମପ୍ରାପ୍ତ ବେଲଜିଆନ୍ ମାଲିନୋସଙ୍କୁ ଓଡ଼ିଶା ଅଣାଯିବ । ଶିମିଳିପାଳ, ସାତକୋଶିଆ, ଢେଙ୍କାନାଳର ହିନ୍ଦୋଳ, ଚନ୍ଦକା ଏବଂ ଦେବ୍ରିଗଡରେ ସେମାନେ କଡା ପହରା ଦେବେ । ତେବେ ଗୋଟିଏ ବେଲଜିଆନ୍ ମାଲିନୋସ କୁକୁରର ପ୍ରଶିକ୍ଷଣ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ବାବଦକୁ ପ୍ରାୟ ୫ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ଜଣାପଡିଛି । ଏନେଇ ଗତ ଅଗଷ୍ଟରେ ଟେଣ୍ଡର ହୋଇଥିଲା । ଟେଣ୍ଡରରେ କିଛି ବିଡର ଭାଗନେଇଥିଲେ । ଅକ୍ଟୋବର ଶେଷ ସୁଦ୍ଧା ଏମାନେ ଓଡ଼ିଶା ଆସିବେ ବୋଲି ଜଣାପଡିଛି । ଜଙ୍ଗଲ ଏବଂ ବନ୍ୟପ୍ରାଣୀ ସୁରକ୍ଷା ପ୍ରୟାସକୁ ସୁଦୃଢ କରିବାକୁ ବର୍ତ୍ତମାନ ଶିମିଳିପାଳରେ ୪ଟି ଏବଂ ସାତକୋଶିଆରେ ୩ଟି ଜର୍ମାନ୍ ସେଫର୍ଡ ଡଗ୍ ସ୍କ୍ୱାଡ୍ ନିୟୋଜିତ ଅଛନ୍ତି । ତେବେ ଏମାନଙ୍କଠାରୁ ଆହୁରି ଦକ୍ଷ, ବୁଦ୍ଧିମାନ ଏବଂ ଚତୁର ହେଉଛନ୍ତି ବେଲଜିଆନ୍ ମାଲିନୋସ ପ୍ରଜାତି କୁକୁର। ବିଶେଷତଃ ଦେଶର ପ୍ରତିରକ୍ଷା, ଆର୍ମୀ ଏବଂ ବନ ବିଭାଗ ଏହି ପ୍ରଜାତିର କୁକୁରଙ୍କୁ ସୁରକ୍ଷା ଓ ସନ୍ଧାନ କାର୍ଯ୍ୟରେ ନିୟୋଜିତ କରିଥାନ୍ତି । ଏମାନେ ଅତ୍ୟନ୍ତ ବିଶ୍ୱସ୍ତ ଏବଂ କର୍ମଠ ତଥା ସକ୍ରିୟ ହୋଇଥିବାରୁ ସୁରକ୍ଷାକର୍ମୀଙ୍କ ମନପସନ୍ଦର ସନ୍ଧାନୀ କୁକୁର ମଧ ହୋଇଥାନ୍ତି ।